ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୧ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 11 MARCH 2021
Vol.No. 32 ■ No. 67 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ନିର୍ବାଚନ ପ୍ରଚାର ବେଳେ ମମତା ବାନାର୍ଜୀ ଆହତ

### ଆଘାତ ପଛରେ ଷଡଯନ୍ତ୍ର ଥିବା ନେଇ କଲେ ଅଭିଯୋଗ



ପଶ୍ଚିମବଙ୍ଗ,୧୦/୦୩ (ନି.ପ୍ର): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆହତ । ନିର୍ବାଚନ ପ୍ରଚାର ବେଳେ ଆଜି ତୃଣମୂଳ ନେତ୍ରୀ ଆହତ ହୋଇଛନ୍ତି । ତାଙ୍କ ଗୋଡରେ ଆଘାତ ଲାଗିଥିବାବେଳେ ଏହା ପଛରେ ବିରୋଧୀଙ୍କ ଷଡଯନ୍ତ୍ର ରହିଛି ବୋଲି ମମତା ଅଭିଯୋଗ କରିଛନ୍ତି । ତେବେ କିଛି ଯୁବକ ଜାଣିଶୁଣି ତାଙ୍କୁ ଆଘାତ କରିଥିବା ନେଇ ସେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇଛନ୍ତି । ହେଲେ ଏହାକୁ ଡରିନଯାଇ ସେ ନିଜର ପ୍ରଚାର ଅଭିଯାନ ଜାରି ରଖିବେ ବୋଲି କହିଛନ୍ତି । ଆଗକୁ ପଶ୍ଚିମବଙ୍ଗରେ ନିର୍ବାଚନ ହେବାକୁ ଅଛି । ଯେଉଁଠି ବିଜେପି-ଟିଏମସି ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳୁଛି । ଏଥର ମମତା ନନ୍ଦିଗ୍ରାମରୁ ଇଲେକ୍ସନ ଲଢୁଥିବାବେଳେ ତାଙ୍କ ବିପକ୍ଷରେ ପ୍ରାର୍ଥୀ ସାଜିଛନ୍ତି ଶୁଭେନ୍ଦୁ ଅଧିକାରୀ । ଶୁଭେନ୍ଦୁ ଟିଏମସି ଛାଡି ବିଜେପିରେ ଯୋଗ ଦେଇଥିବାରୁ ମମତା ଏଠି ପ୍ରଚାର ଅଭିଯାନ ଜୋରଦାର କରିଛନ୍ତି । ହେଲେ ଏସବୁ ଭିତରେ ମମତାଙ୍କ ଆହତ ହେବା ପଶ୍ଚିମବଙ୍ଗ ରାଜନୀତିକୁ ସରଗରମ କରିଛି ।

## ବନ କର୍ମଚାରୀଙ୍କ ଛୁଟି ବାତିଲ

ଭୁବନେଶ୍ୱର,୧୦/୦୩ (ନି.ପ୍ର): ରାଜ୍ୟର ଜଙ୍ଗଲ ଗୁଡିକରେ ନିଆଁ ଲାଗିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ତ କ୍ଷେତ୍ରୀୟ ବନ କର୍ମଚାରୀଙ୍କ ଛୁଟି ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ଏ ନେଇ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ଡ. ମୋନା ଶର୍ମା ପିସିସିଏଫ (ଭାରପ୍ରାପ୍ତ) ଏବଂ ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କୁ ଚିଠି ଲେଖିଛନ୍ତି। ତେବେ ସ୍ୱତନ୍ତ୍ର ସ୍ଥିତିରେ ଛୁଟି ଆବଶ୍ୟକ ହେଲେ ସେମାନେ ଡିଏଫଓ କିମ୍ବା ତାଙ୍କର ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇ ଛୁଟିରେ ରହିପାରିବେ ଏବଂ ଏ ନେଇ ପିସିସିଏଫଙ୍କୁ ଅବଗତ କରାଯିବ। ଚିଠିରେ ଉଲ୍ଲେଖ କରାଯାଇଛି ▶▶ପୃଷ୍ଠା ୭

## ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଂଚଳରେ ଅଧିକ ୪ଟି ଓଡ୍ରାଫ୍ ଦଳ ମୁତୟନ ହେଉ

### ଏସଆରସିଙ୍କୁ ଚିଠି ଲେଖି ଅନୁରୋଧ ଜଣାଇଲା ଜଙ୍ଗଲ ଓ ପରିବେଶ ବିଭାଗ



ଭୁବନେଶ୍ୱର,୧୦/୦୩(ନି.ପ୍ର): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଂଚଳରେ ନିଆଁ ଲିଭାଇବା ପାଇଁ ଅଧିକ ୪ଟି ଓଡ୍ରାଫ୍ ଦଳ ମୁତୟନ ହେଉ । ରାୟଗଡା, ନୂଆପଡା, ଦେଓଗଡ ଓ ଗଞ୍ଜାମର ଭଞ୍ଜନଗର ବନ ଉପଖଣ୍ଡରେ ନିଆଁ ଲିଭାଇବା ପାଇଁ ଓଡ୍ରାଫ୍ ଦଳ ମୁତୟନ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି । ଦୀର୍ଘ ସମୟ ଧରି ଅତ୍ୟନ୍ତ ଶୁଷ୍କ ପାଗ ଯୋଗୁଁ ଚଳିତ ବର୍ଷ ରାଜ୍ୟରେ ବନାଗ୍ନି ଘଟଣାରେ ବୃଦ୍ଧି ଘଟିଛି । ବିଭାଗୀୟ ସ୍ୱତନ୍ତ୍ର ସ୍କ୍ୱାର୍ଡ, ବନ ସୁରକ୍ଷା ସମିତି, ▶▶ପୃଷ୍ଠା ୭

## ଆସନ୍ତାକାଲି ମହାଶିବରାତ୍ରି

### ଧବଳେଶ୍ୱର ପୀଠରେ କାଲି ସକାଳ ୬ଟାରୁ ଧାରା ୧୪୪ ଲାଗୁ



ଭୁବନେଶ୍ୱରର,୧୦/୦୩ (ନି.ପ୍ର): ଆସନ୍ତା କାଲି ମହାଶିବରାତ୍ରି ବା ଜାଗର ପର୍ବ । ସେଥିପାଇଁ କଟକ ଜିଲ୍ଲାର ଅନ୍ୟତମ ଶୈବ ପୀଠ ବାବା ଧବଳେଶ୍ୱର ପୀଠରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଚଳିତ ବର୍ଷ କୋଭିଡ କଟକଣା ପାଇଁ ଆସନ୍ତା କାଲି ସକାଳ ୬ଟାରୁ ପରଦିନ ସକାଳ ୬ଟା ପର୍ଯ୍ୟନ୍ତ ୧୪୪ ଧାରା ଲାଗୁ କରାଯାଇଛି। ଫଳରେ ସାଧାରଣ ଦର୍ଶନ ବନ୍ଦ ରହିବ। ପୂଜକ ସମିତି ପକ୍ଷରୁ ବୈଠକ କରାଯାଇ ଆସନ୍ତା କାଲି ଭୋର ଚାରିଟାରୁ ଦ୍ୱାର ଫିଟାଯାଇ ମହାସ୍ନାନ କରାଯିବା ସହିତ କେତକୀ ଫୁଲରେ ସଜିତ କରାଯାଇ ବିନା ଭକ୍ତରେ ଦର୍ଶନ ଦେବେ ଧବଳେଶ୍ୱର। ଅପରାହ୍ନରେ ଚାରି ପ୍ରହର ପୂଜା କରାଯାଇ ତୃତୀୟ ପ୍ରହର ପୂଜାରେ ମାଣ୍ଡୁଅ ଭୋଗ ଲାଗି ବେଢ଼ା ପରିକ୍ରମା କରାଯିବା ସହିତ ରାତ୍ର ଗୋଟାଏରେ ମହାଦୀପ ଉଠିବା ପାଇଁ ନିଷ୍ପତ୍ତି କରାଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଚୌଦ୍ୱାର ଥାନା ପକ୍ଷରୁ ସୂଚନା ମିଳିଛି । କୌଣସି ଭକ୍ତ ବା ଶ୍ରଦ୍ଧାଳୁ ଧବଳେଶ୍ୱର ନଆସିବା ପାଇଁ ପ୍ର ସନ ପକ୍ଷରୁ କୁହାଯାଇଛି। ଘରେ ରହି ଉଜାଗର ରହିବା ସହ ଧବଳେଶ୍ୱରଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପଜ୍ଜଳନ କରିବା ପାଇଁ ପୂଜକ କହିଛନ୍ତି।

## ଜଳେଶ୍ୱରରୁ ୧ କିଲୋ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ଜଳେଶ୍ୱର,୧୦/୦୩ (ନି.ପ୍ର): ବିଳମ୍ବିତ ରାତିରେ ଝାଡ଼େଶ୍ୱରପୁରରେ ଚଢ଼ାଉ କଲା ଭୁବନେଶ୍ୱର ଏସଟିଏଫର ୧୨ ଜଣିଆ ଟିମ୍ କନକ ବ୍ୟୁରୋ : ବାଲେଶ୍ୱର ଜଳେଶ୍ୱରରୁ ୧ କିଲୋ ବ୍ରାଉନ ସୁଗାର ଜବତ ହୋଇଛି । ଘଟଣାରେ ଜଣକୁ ଗିରଫ କରାଯାଇଛି । ବିଳମ୍ବିତ ରାତିରେ ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡ଼େଶ୍ୱରପୁର ଅଂଚଳରେ ଭୁବନେଶ୍ୱର ଏସଟିଏଫର ୧୨ ଜଣିଆ ଟିମ୍ ଚଢ଼ାଉ କରିଥିଲେ । ▶▶ପୃଷ୍ଠା ୭

## ପାରାଦୀପ ବିଶୋଧାନାଗାର ସମ୍ପ୍ରସାରଣ ଓ ନାପତା କ୍ରାକର ୟୁନିଟକୁ ନୀତିଗତ ମଞ୍ଜୁରୀ ଖୁବଶୀଘ୍ର : ଧର୍ମେନ୍ଦ୍ର



ଭୁବନେଶ୍ୱର,୧୦/୦୩ (ନି.ପ୍ର): ପାରାଦୀପସ୍ଥିତ ଆଇଓସିଏଲ ବିଶୋଧାନାଗାର ସମ୍ପ୍ରସାରଣ ଓ ନାପତା କ୍ରାକର ୟୁନିଟ୍ ପ୍ରକଳ୍ପ ଖୁବଶୀଘ୍ର ଭାରତ ସରକାରଙ୍କ ଦ୍ୱାରା ନୀତିଗତ ଅନୁମୋଦନ ପ୍ରାପ୍ତ କରିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଦୁଇ ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କଠୁ ଅଢ଼େଇ ହଜାର ଏକର ଜାଗାର ଆବଶ୍ୟକତା ରହିଛି। ଆଜି ଆଇଓସିଏଲ୍ ଓ ଇଡକୋ ମଧ୍ୟରେ ପ୍ଲାଷ୍ଟିକ ପାର୍କ ସ୍ଥାପନ ପାଇଁ ଆଜି ଏମଓୟୁ ସ୍ୱାକ୍ଷର ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ପାରାଦୀପ ଓ ଭଦ୍ରକ ଅଂଚଳରେ ୨୬ହଜାର କୋଟି ଟଙ୍କାର ପ୍ରକଳ୍ପ ଯଥା- ପଲିପ୍ରପିଲିନ୍ ପ୍ଲାଣ୍ଟ ସମେତ ଅନ୍ୟାନ୍ୟ କାମ ପାଇଁ ୨୨ହଜାର କୋଟି ଟଙ୍କାର ପ୍ରକଳ୍ପ ଆଗାମୀ ୨ବର୍ଷ ଭିତରେ ସମାପ୍ତ ହେବ। ଓଡ଼ିଶା ସରକାର ନାପତା କ୍ରାକର ପାଇଁ ଦାବି କରୁଥିଲେ। ୨୫ହଜାର କୋଟି ଟଙ୍କା ଖର୍ଚ୍ଚ କରି ଚେନ୍ନାଇର ସିପିସିଏଲ, ହଳଦିଆ ଓ ପାରାଦୀପ ରିଫାଇନାରୀକୁ ନାଫତାକୁ ଉପଯୋଗ କରିବା ନେଇ ଆଇସିଓ ନୀତିଗତ ଭାବେ ସହମତି ହୋଇଛି। ▶▶ପୃଷ୍ଠା ୭

## ଉତ୍ତରାଖଣ୍ଡର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ତୀରଥ ସିଂହ ରାୱତ୍



ଉତ୍ତରାଖଣ୍ଡ,୧୦/୦୩ (ନି.ପ୍ର): ଆଜି ଅପରାହ୍ନରେ ବିଜେପି ସାଂସଦ ତୀରଥ ସିଂହ ରାୱତ୍ ଉତ୍ତରାଖଣ୍ଡର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଗତକାଲି ମୁଖ୍ୟମନ୍ତ୍ରୀ ଥିବା ତ୍ରିଭେନ୍ଦ୍ର ସିଂହ ରାୱତ୍ ରାଜ୍ୟପାଳଙ୍କୁ ଭେଟି ନିଜର ଇସ୍ତଫା ପତ୍ର ଦେଇଥିବା ବେଳେ ଆଜି ନୂତନ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି ତୀରଥ ସିଂହ ରାୱତ୍। ଡେରାଡୁନର ରାଜ ଭବନରେ ତୀରଥ ସିଂ ରାୱତଙ୍କୁ ଶପଥ ଗ୍ରହଣ କରାଇଛନ୍ତି ରାଜ୍ୟପାଳ ବେବି ରାନୀ ମୌର୍ଯ୍ୟ। ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ତୀରଥ ସିଂ ରାୱତଙ୍କୁ ଟୁଇଟ କରି ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଟୁଇଟରେ, ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିବାରୁ ତୀରଥ ସିଂ ରାୱତଙ୍କୁ ଅଭିନନ୍ଦନ। ସେ ତାଙ୍କ ସହିତ ବିସ୍ତୃତ ପ୍ରଶାସନିକ ଏବଂ ସାଂଗଠନିକ ଅଭିଜ୍ଞତା ଆଣିଛନ୍ତି। ମୁଁ ନିଶ୍ଚିତ ଯେ ତାଙ୍କ ନେତୃତ୍ୱରେ ରାଜ୍ୟ ପ୍ରଗତିର ନୂତନ ଉଚ୍ଚତା ଛୁଇଁବ ବୋଲି ଲେଖିଛନ୍ତି ପ୍ରଧାନମନ୍ତ୍ରୀ । ତୀରଥ ସିଂ ରାୱତ ପୌରୀ ଗରୱାଲରୁ ବିଜେପିର ଲୋକସଭା ସାଂସଦ ଅଛନ୍ତି। ବୁଧବାର ତାଙ୍କୁ ଉତ୍ତରାଖଣ୍ଡ ବିଜେପି ବିଧାୟକ ଦଳର ନେତା ଭାବେ ମନୋନିତ କରାଯାଇଥିଲା। ଏହାପରେ ଉତ୍ତରାଖଣ୍ଡର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତ ହେବା ପାଇଁ ତାଙ୍କର ବାଟ ଫିଟିଥିଲା।

## ୨୦୨୧-୨୨ରେ ଶ୍ରୀମନ୍ଦିର ପାଇଁ ୨୦୨ କୋଟି ଟଙ୍କାର ବଜେଟ ପ୍ରସ୍ତୁତ କଲା ଅର୍ଥ ସବ୍ କମିଟି



ପୁରୀ,୧୦/୦୩ (ନି.ପ୍ର): ଶ୍ରୀମନ୍ଦିରର ୨୦୨୧ – ୨୦୨୨ ବର୍ଷର ଆର୍ଥିକ ବର୍ଷ ପାଇଁ ୨୦୨ କୋଟି ଟଙ୍କା ବଜେଟ ପ୍ରସ୍ତୁତ ହୋଇଛି । ଶ୍ରୀମନ୍ଦିର ଅର୍ଥ ସବ କମିଟି ଏହି ବଜେଟ ପ୍ରସ୍ତୁତ କରିଛି, ଯାହା ଆଗାମୀ ପରିଚାଳନା କମିଟିରେ ହେବ ଅନୁମୋଦିତ ହେବ । ରଥ ପାଇଁ ୧୧ କୋଟି ବ୍ୟୟ ବରାଦ ହୋଇଥିବା ବେଳେ ସେବାୟତ ଚିକିତ୍ସା ଓ ସୁରକ୍ଷା ପାଇଁ ୫୦ ଲକ୍ଷ ଟଙ୍କା ଅନୁମୋଦିତ ହୋଇଛି । ତେବେ ସେବାୟତଙ୍କ ସହାୟତା ପାଇଁ ୫ କୋଟି ଟଙ୍କା ଏବଂ ଗୁରୁକୁଳ ପ୍ରତିଷ୍ଠା ପାଇଁ ସ୍ୱତନ୍ତ୍ର ବ୍ୟୟ ବରାଦ ହୋଇଛି । ୨ଟା ଧର୍ମଶାଳ କାମ ଶେଷ ପର୍ଯ୍ୟାୟରେ ପହଂଚିଥିବା ବେଳେ ଏକ ନୂଆ ଭକ୍ତ ନିବାସ ପ୍ରତିଷ୍ଠା କରାଯିବ । ଖଣି ଖାଦନରୁ ୧୦ କୋଟିରୁ ଅଧିକ ରାଜସ୍ୱ ସଂଗ୍ରହ କରାଯିବ । ଭକ୍ତଙ୍କ ଦାନ ଅର୍ଥ ବଢ଼େଇବା ପାଇଁ ବ୍ୟବସ୍ଥା କରାଯାଇଛି ।

## ଏପ୍ରିଲରୁ ରବିବାର ସ୍କୁଲ ବନ୍ଦ



ଭୁବନେଶ୍ୱର,୧୦/୦୩ (ନି.ପ୍ର): ଆସନ୍ତା ଏପ୍ରିଲରୁ ସ୍କୁଲ୍‌ରେ ରିଭିଜନ କ୍ଲାସ୍ ଚାଲିବ, ହେଲେ ରବିବାର କ୍ଲାସ୍ ହେବନି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାଶ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପିଲା ମାନଙ୍କର କୋର୍ସ ଶେଷ ହୋଇ ଆସିଲାଣି। ତେଣୁ ନିୟମିତ କ୍ଲାସ୍‌ର ଆବଶ୍ୟକତା ନାହିଁ। ପିଲାଙ୍କ ସଂଖ୍ୟା ମ୍ଭ ସ୍କୁଲ୍‌ରେ ଧୀରେ ଧୀରେ କମିବାକୁ ଲାଗିଲାଣି। ଏବେ ସେଲ୍ଫ ଷ୍ଟଡି ଉପରେ ପିଲାମାନେ ଗୁରୁତ୍ୱ ଦେଉଥିବା ସେ ପ୍ରକାଶ କରିଛନ୍ତି । ଗଣଶିକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ସ୍କୁଲରେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଉପସ୍ଥାନ କମୁଛି । ପରୀକ୍ଷା ପ୍ରସ୍ତୁତି ପାଇଁ କମ୍ ପିଲା ସ୍କୁଲ ଆସୁଛନ୍ତି। ପିଲାଙ୍କୁ ଯାହା ଟାର୍ଗେଟ ଦିଆଯାଇଥିଲା ସେମାନ ତାହା ପୂରଣ କରିସାରିଲେଣ। କୋର୍ସ ମ୍ଭ ଶେଷ ହେବାକୁ ଆସିଲାଣି। ପରୀକ୍ଷା ଦର୍ପଣ ପିଲାଙ୍କୁ ଅତ୍ୟନ୍ତ ସହାୟକ ହେଉଛି। ତେଣୁ ଏପ୍ରିଲ ବେଳକୁ ରମେଡିଆଲ କ୍ଲାସ ଆରମ୍ଭ ହେବ। ଆଉ ରବିବାର କ୍ଲାସ କରିବାର ଆବଶ୍ୟକ ପଡିବ ନାହିଁ ବୋଲି ଆମେ ଚିନ୍ତା କରୁଛୁ।

## ବନବିଭାଗର ବିଫଳତାକୁ ଦାୟୀ କରି ମୟୂରଭଂଜ ବନ୍ଦ




ବାରିପଦା,୧୦/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଶିମିଳିପାଳ ଅରଣ୍ୟରେ ଜଳୁଥିବା ନିଆଁ ଲିଭାଇବା ଏବଂ ଅରଣ୍ୟର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ ଥିବା 'ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ'ର ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀଙ୍କ ବହିଷ୍କାର ଦାବି କରି ଆଜି ଜିଲ୍ଲାର ଅଗ୍ରଣୀ ସଙ୍ଗଠନ 'ଭଞ୍ଜସେନା' ପକ୍ଷରୁ ଆରମ୍ଭ ହୋଇଛି । ଜିଲ୍ଲାବ୍ୟାପୀ ଚାଲିଥିବା ଏହି ବନ୍ଦ ଚାଲୁ ରହିବ ବୋଲି 'ଭଞ୍ଜସେନା'ର ସଂସ୍ଥାପକ କଳିଙ୍ଗକେଶରୀ ଜେନାଙ୍କ ଠାରୁ ପ୍ରକାଶ । ଆଜିର ଏହି ବନ୍ଦ ଯୋଗୁଁ ଜିଲ୍ଲାର ସମସ୍ତ ଦୋକାନ ବଜାର, ଶିକ୍ଷାନୁଷ୍ଠାନ ଏବଂ ଗାଡ଼ିମଟର ଚଳାଚଳ ବନ୍ଦ ରହିବା ସହ ଜାତୀୟ ରାଜପଥର ଉଭୟ ଦିଗରେ ଅନେକ ଟ୍ରକ୍ ଅଟକି ରହିଛି । ବନ୍ଦ ଯୋଗୁଁ ଜନସାଧାରଣଙ୍କର ସ୍ୱାଭାବିକ ଜୀବନଯାପନ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ଏହି ବନ୍ଦକୁ 'କଂଗ୍ରେସ', 'ସିପିଏମ୍' ଓ 'ସିଟୁ' ମଧ୍ୟ ସମର୍ଥନ କରୁଛି । ଏଥିସହ 'ଭଞ୍ଜସେନା'ର ସଂସ୍ଥାପକ କଳିଙ୍ଗକେଶରୀ ଜେନା କହିଛନ୍ତି ଯେ, ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ଆଣି ପ୍ରଥମ ପର୍ଯ୍ୟାୟରେ ୨୦୦୦ରୁ ଊର୍ଦ୍ଧ୍ୱ ଯୁବଛାତ୍ର ଶିମିଳିପାଳ ଅରଣ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ନିଆଁ ଲିଭାଇବାକୁ ଉଦ୍ୟମ କରିବେ।

## ମଣ୍ଡିରୁ ଧାନ ନଉଠିବାରୁ ସମ୍ବଲପୁର ବିଜେପି ପକ୍ଷରୁ ରାସ୍ତାରୋକ

ଭୁବନେଶ୍ୱର,୧୦/୦୩ (ନି.ପ୍ର): ଚାଷୀ ସମସ୍ୟା ନେଇ ପୁଣି ଥରେ ପଶ୍ଚିମ ଓଡ଼ିଶାରେ ଆନ୍ଦୋଳନ କରିବ ବିଜେପି । ଆସନ୍ତାକାଲି ପଶ୍ଚିମ ଓଡ଼ିଶାର ୫ଟି ସଂସଦୀୟ କ୍ଷେତ୍ରର ସମସ୍ତ ଜିଲ୍ଲା ମାନଙ୍କରେ ୨ଘଂଟିଆ ଚକାଜାମ୍ ହେବ । ସକାଳ ୧୦ଟରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚକାଜାମ୍ କରିବ ବିଜେପି । ଚାଷୀଙ୍କ ମଣ୍ଡି ସମସ୍ୟା ଲାଗି ରହିଥିବାରୁ ଆଜି ମଧ ମଣ୍ଡି ମାନଙ୍କରେ ଲକ୍ଷାଧିକ ଟଙ୍କାର ଧାନ ପଡ଼ି ରହିଛି । ରାଜ୍ୟ ସରକାରଙ୍କ ଚାଷୀ ମାରଣା ନୀତି ଯୋଗୁଁ ଚାଷୀଙ୍କ ଧାନ ବିକ୍ରିରେ ସମସ୍ୟା ରହିଛି । ଏହାକୁ ନେଇ ବିଜେପି ପକ୍ଷରୁ ପଶ୍ଚିମ ଓଡ଼ିଶାର ସମସ୍ତ ଜିଲ୍ଲାର ଗୋଟିଏ ରାସ୍ତା ଦୁଇ ଘଂଟା ଧରି ଚକା ଜାମ୍ କରିବ । ପୂର୍ବରୁ ଜାନୁଆରୀ ୨୧ ତାରିଖରେ ସମ୍ବଲପୁରରେ ବିଜେପି ପକ୍ଷରୁ ବିଶାଳ ସମାବେଶ କରାଯାଇଥିଲା । ଚାଷୀ ସମସ୍ୟା ନେଇ ଆଇଡ଼ିସିଙ୍କୁ ଭେଟିଥିଲା ବିଜେପି । ଆରଡ଼ିସିଙ୍କ ପ୍ରତିଶ୍ରୁତି ପୁରଣ ନହେବାରୁ ପୁଣି ଥରେ ୨୯ ତାରିଖରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲା ବିଜେପି ।

## ଶ୍ରୀମନ୍ଦିର ବିକାଶ ପାଇଁ ଦେଢ ଲକ୍ଷ ରାଶିର ନିଧି ସମର୍ପଣ କଲେ ବିଜେପି ରାଜ୍ୟ ସଭାପତି, ଦୁଇ ବିଧାୟକ

ପୁରୀ/ଭୁବନେଶ୍ୱର,୧୦/୦୩ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଆହ୍ୱାନ ଓ ମହାରାଜା ଗଜପତି ଦିବ୍ୟସିଂହ ଦେବଙ୍କ ଆଗ୍ରହକ୍ରମେ ଆଜି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ପୁରୀ ଗସ୍ତ କରି ଶ୍ରୀମନ୍ଦିର ପ୍ରଶାସନଙ୍କ କାର୍ଯ୍ୟାଳୟରେ ଗୁଣ୍ଡିଚି ମୂଷା ସଦୃଶ ୫୦ ହଜାର ରାଶିର ନିଧି ସମର୍ପଣ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେହିଭଳି ପୁରୀ ବିଧାୟକ ▶▶ପୃଷ୍ଠା ୭

# ସିଦ୍ଧି ବିନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର,୯।୩ (ନି.ପ୍ର): ବାଲେଶ୍ୱରର ସହରର ସିନେମା ଛକସ୍ଥିତ ସିଦ୍ଧି ବିନାୟକ ମନ୍ଦିରର ୧୨ତମ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କରୋନା କଟକଣା ମଧ୍ୟରେ ବିଧିରକ୍ଷା ପୂର୍ବକ ସମସ୍ତ କର୍ମକାଣ୍ଡ ଆୟୋଜିତ ହୋଇଥିବା ଦେଖିବାକୁ ମିଳିଥିଲା । ଗୁରୁପୂଜା, ସୂର୍ଯ୍ୟପୂଜା ସମେତ ସମସ୍ତ ଦେବାଦେବୀଙ୍କୁ ଆବାହନ ସହକାରେ ହୋମଯଜ୍ଞ ଆୟୋଜିତ ହୋଇଥିଲା । ପୂଜକର ବେଦମନ୍ତ୍ର ସାଙ୍ଗକୁ ଘଣ୍ଟ ଘଣ୍ଟା ଓ ଭଜନ କୀର୍ତ୍ତନରେ ମନ୍ଦିର ସମେତ ଆଖପାଖ ଅଞ୍ଚଳରେ ଭାବାବେଗମୟ ପରିବେଶ ଲକ୍ଷ୍ୟ କରାଯାଇଥିଲା । ମୁଖ୍ୟ ପୂଜକ ଚିତ୍ତରଂଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କର୍ମକାଣ୍ଡକୁ ଲଳିତ କୁମାର ପଣ୍ଡା ଓ ରୋହିତ କୁମାର ପଣ୍ଡା ପରିଚାଳନା କରିଥିଲେ । ପୂର୍ଣ୍ଣାହୁତି ପରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ଦୀର୍ଘ ୧୧ବର୍ଷ ଧରି ଏହି ପ୍ରତିଷ୍ଠା ଉତ୍ସବ ତିନିଦିନ ଧରି ବେଶ ଯାକଜମକରେ ପାଳିତ ହୋଇ ଆସୁଥିବା ବେଳେ କରୋନା ମହାମାରୀ ଯୋଗୁଁ ଚଳିତ ବର୍ଷ ନିରାଡ଼ମ୍ବର ଭାବେ ଆୟୋଜନ କରାଯାଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି । କରୋନା ଯୋଗୁଁ ଦୁଇବର୍ଷ ଧରି ଗଣେଶ ମହୋତ୍ସବ ବି ବନ୍ଦ ରଖାଯାଇଛି । ତେବେ ସମ୍ପ୍ରତି କରୋନା ପ୍ରକୋପ ହ୍ରାସ ପାଇଁ ନିୟନ୍ତ୍ରଣାଧୀନ ଥିବା ବେଳେ ଆଗାମୀ ଦିନରେ ପୂର୍ବ ପରି ଏହି ପ୍ରତିଷ୍ଠା ଉତ୍ସବ ମହା ସମାରୋହରେ ପାଳନ କରାଯିବ ବୋଲି କମିଟି କର୍ମକର୍ତ୍ତାମାନେ ଆଶା ପ୍ରକାଶ କରିଛନ୍ତି ।

# ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେଲା କଂଗ୍ରେସ ଓବିସି ବିଭାଗ

ଭୁବନେଶ୍ୱର,୧୦।୩ (ନି.ପ୍ର): ଓଡିଶା ପ୍ରଦେଶ କଂଗ୍ରେସ ଓବିସି ବିଭାଗ ତରଫରୁ ବିଭିନ୍ନ ସମସ୍ୟାକୁ ନେଇ ମଙ୍ଗଳବାର ଦିନ ଏକ ଦାବିପତ୍ର ଓବିସି ବିଭାଗ ଅଧକ୍ଷ ବିଷ୍ଣୁ ଚରଣ ବାରିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କୁ ଭେଟି ପ୍ରଦାନ କରିଛନ୍ତି । ଏଥିରେ ମୁଖ୍ୟତଃ ୨୭ ପ୍ରତିଶତ ସଂରକ୍ଷଣ ଓବିସିମାନଙ୍କୁ ଦେବା ପାଇଁ ଦାବି କରାଯାଇଥିଲା । ଆର୍ଥିକ ଅନୁନ୍ନତ ଓବିସି ବ୍ୟକ୍ତିଙ୍କ ଝିଅ ବିବାହ ପାଇଁ ଆର୍ଥିକ ଅନୁଦାନ ୨ ଲକ୍ଷ ଟଙ୍କା ପ୍ରଦାନ କରିବା, ଓବିସି ଫାଇନାନ୍ସିଆଲ କର୍ପୋରେସନକୁ ପୁନର୍ଜିବିତ କରି ପର୍ଯ୍ୟାପ୍ତ ପରିମାଣରେ ଋଣ ପ୍ରଦାନ କରିବା, କେନ୍ଦ୍ର ସରକାର କରିଥିବା କୃଷି ଆଇନ୍‌କୁ ପ୍ରତ୍ୟାହାର କରିବା ଏବଂ ଶ୍ରମିକମାନଙ୍କ ଦୈନିକ ମଜୁରୀ ବଢ଼ାଇବା, ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ୟୁନିଫର୍ମ ବାତିଲ କରିବା ନଚେତ୍ ସମସ୍ତ ସରକାରୀ କର୍ମଚାରୀମାନଙ୍କ ପାଇଁ ୟୁନିଫର୍ମ ଲାଗୁ କରିବା, ଏମ୍‌ଏସ୍‌ପି ଦୁଇଗୁଣ ବୃଦ୍ଧି କରିବା, ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ନିଯୁକ୍ତି ପ୍ରଦାନ କରିବା ଓ ଡିପ୍ଲୋମା, ଡିଗ୍ରୀ ଇଂଜିନିୟରମାନଙ୍କୁ ପ୍ୟାନେଲ ଭିତିକ ନିଯୁକ୍ତି ପ୍ରଦାନ ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଥିଲା । ଏହି ଦାବିଗୁଡିକୁ ରାଜ୍ୟପାଳ ସହାନୁଭୂତିର ସହ ବିଚାର କରିବେ ବୋଲି ପ୍ରତିଉତରରେ କହିଥିଲେ ।

## ବିଧବା ମହିଳାଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ ଦେଢ଼ଶୁର ଗିରଫ

ଗଞ୍ଜାମ,୧୦।୩ (ନି.ପ୍ର): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ବାଲିପଡ଼ା ଗ୍ରାମରେ ଗତକାଲି ଜଣେ ବିଧବା ମହିଳାଙ୍କୁ ହତ୍ୟା ଘଟଣାରେ ପୋଲିସ ତାଙ୍କ ଦେଢ଼ଶୁର ପ୍ରକାଶ ବିଶୋଇଙ୍କୁ ଗିରଫ କରିଛି ।
ଗତକାଲି ଦେଶବ୍ୟାପୀ ଆନ୍ତର୍ଜତିକ ମହିଳା ଦିବସ ପାଳନ ଚାଲିଥିବା ବେଳେ ଏଭଳି ନୃଶଂସ ଭାବେ ମହିଳାଙ୍କୁ ଠେଙ୍ଗାରେ ପିଟି ପିଟି ହତ୍ୟା ଘଟଣାକୁ ବୁଦ୍ଧିଜିବୀ ମହଲରେ ନିନ୍ଦା କରାଯାଇଛି । ସୁମନ ବିଶୋଇ ନାମକ ଏହି ୫୦ ବର୍ଷିୟା ବିଧବା ମହିଳା କ୍ଷେତରେ ମୁଗ ଅମଳ କରୁଥିବା ବେଳେ ଜମି ବିବାଦକୁ କେନ୍ଦ୍ର କରି ତାଙ୍କ ଦେଢ଼ଶୁର ତାଙ୍କୁ ହତ୍ୟା କରିଥିବା ଜଣାପଡିଛି । ଖବର ପାଇ ସାଇଂଟିଫିକ୍ ଟିମ୍ ସହିତ ସଦର ଥାନା ଆଇଆଇସି ସନ୍ତୋଷିନୀ ଓରାମ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଥିଲେ । ଆଜି ଗିରଫ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି ।

# ଆନ୍ତ ଜିଲ୍ଲା କ୍ଲବ କ୍ରିକେଟ: ଚରମ୍ପା କ୍ରିକେଟ ଏକାଡେମୀ ୮ ଉଇକେଟରେ ବିଜୟୀ

ଭଦ୍ରକ,୯।୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲରେ 'ଭିଜନ -୨୦୨୪' ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଅନୁଷ୍ଠିତ ହେଉଥିବା ଆନ୍ତ ଜିଲ୍ଲା କ୍ଲବ କ୍ରିକେଟର ଆଜିର ମ୍ୟାଚରେ ଚରମ୍ପା କ୍ରିକେଟ ଏକାଡେମୀ ବିଜୟୀ ହୋଇଛି । ଆଜିର ମ୍ୟାଚ ଜଗନ୍ନାଥପୁର କ୍ରିକେଟ କ୍ଲବ (ଜେସିସି) ଓ ଚରମ୍ପା କ୍ରିକେଟ୍ ଏକାଡେମୀ (ସିସିଏ) ମଧରେ ଖେଳା ଯାଇଥିଲା । ଜେସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦଳ ୩୦.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ରନ କରିଥିଲା । ଦଳ ପକ୍ଷରୁ ଆଶୁତୋଷ ବେହେରା ୨୭ ଓ ଆଶିଷ କୁମାର ସାହୁ ୨୦ ରନ କରିଥିଲେ । ସିସିଏ ପକ୍ଷରୁ ସତ୍ୟମ୍ କୁମାର ୩ଟି ଓ କରୁଣାକର ବିନ୍ଧାଣି ୨.୫ ଓଭରରେ ୩ଟି ଉଇକେଟ ନେଇଥିଲେ । ଦ୍ୱିତୀୟ ଇନିଙ୍ଗ୍‌ସରେ ବ୍ୟାଟିଂ କରି ଚରମ୍ପା କ୍ରିକେଟ ଏକାଡେମୀ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଦଳ ପକ୍ଷରୁ ଜୀବନଜ୍ୟୋତି ବେହେରା ୪୪, କୁମାର ମଙ୍ଗଳମ୍ ଖେମ୍‌କା ୩୫ ଓ ଆୟୁଷ୍ମାନ ଦାସ ୨୧ରନ କରିଥିଲେ । ଜେସିସି ପକ୍ଷରୁ ଅମିତାଂଶୁ ମଲ୍ଲିକ ୧ଟି ଉଇକେଟ ନେଇଥିଲେ । ଜୀବନ ଜ୍ୟୋତି ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚକୁ ଲଲାଟ କେଶରୀ ନନ୍ଦ, ସାର୍ଥକ ବିଶ୍ୱାଳ, ପ୍ରଦିପ କୁମାର ନାୟକ, ସସ୍ମିତା ସାହୁ ଅମ୍ପାୟାର ଭାବେ ପରିଚାଳନା କରିଥିଲେ ।

# ଧାମନଗର ଓକିଲ ସଂଘର ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ



ଧାମନଗର ,୧୦।୩ (ନି.ପ୍ର): ଧାମନଗର ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ପୂର୍ବରୁ ସହମତିରେ ହୋଇଥିବାବେଳେ ଏବେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ ମତେ ନିର୍ବାଚନ ନିମନ୍ତେ ଆଶୟୀ ପ୍ରାର୍ଥୀମାନେ ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଗତ କିଛିମାସତଳେ ଧାମନଗର ଓକିଲ ସଂଘର ନିର୍ବାଚନ ହୋଇଥିଲା । ମାତ୍ର ପୂର୍ବ ଆଦେଶ ଅନୁସାରେ ଧାମନଗର ଓକିଲ ସଂଘର ଆଗାମୀ ୨୭ ତାରିଖ ଦିନ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହେବ । ଏନେଇ ଆଜି ଆଶାୟୀ ପ୍ରାର୍ଥୀମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୭ଟି ପଦବୀ ପାଇଁ ୧୩ଜଣ ପ୍ରାର୍ଥୀ ଆବେଦନ କରିଥିବାବେଳେ ସଭାପତି ପଦ ପାଇଁ ଅଭିରାମ ମହାନ୍ତି ଓ ଅରୁଣ ପ୍ରକାଶ ନାୟକ, ଉପସଭାପତି ଅଶୋକ କୁମାର ଦାସ ଓ ପ୍ରଜ୍ଞାପରମିତା ଦାସ, ସାଧାରଣ ସଂପାଦକ ପାଇଁ ଅମରେନ୍ଦ୍ର ମହାନ୍ତି ଓ ବାବା ହରେକୃଷ୍ଣ ସେଠୀ, ସହ ସଂପାଦକ ପାଇଁ ବିଜୟ କୁମାର ରାମ ଓ ପର୍ଶୁରାମ ମହାପାତ୍ର, କୋଷାଧ୍ୟକ୍ଷ ପାଇଁ ମନୋଜ କୁମାର ଗୁପ୍ତା ଓ ସୁବ୍ରତ ନନ୍ଦ, କାର୍ଯ୍ୟକାରୀ ସଦସ୍ୟର ୨ଟି ପଦବୀ ପାଇଁ ମିନତୀ ମଲ୍ଲିକ, ଅଂଜନ କୁମାର ସାହୁ ଓ ବିକ୍ରମ କେଶରୀ ପଣ୍ଡା ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଥିବା ଓକିଲ ସଂଘ ନିର୍ବାଚନ ଅଧିକାରୀ ଅଜିତ କୁମାର ଦାସ ସୂଚନା ଦେଇଛନ୍ତି ।

# ବିଜୁ ଭବନଠାରେ ବିଶ୍ୱ ମହିଳା ଦିବସ ପାଳିତ



ବାରିପଦା ,୧୦।୩ (ନି.ପ୍ର): ବାରିପଦା ବିଜୁ ଭବନ ଠାରେ ମୟୂରଭଂଜ ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଆଜି ବିଶ୍ୱ ମହିଳା ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଥମେ ବିଜୁ ଗୋଲେଇ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ବିଧିବଦ୍ଧ ଭାବରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରୀ ସଭାନେତ୍ରୀ ସବିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ରାଜ୍ୟସଭା ସାଂସଦ ମମତା ମହାନ୍ତ, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ସଭାନେତ୍ରୀ ବୀଣାପାଣି ସାହୁ, ପୂର୍ବତନ ଉପ ନଗରପାଳ ଦୂର୍ଗାମଣି ଆଚାର୍ଯ, ଦିପ୍ତିଲତା ମିଶ୍ର, କମଳା ତିରିଆ, ସମ୍ପା ମଜୁମଦାର, ବିଷ୍ଣୁପ୍ରିୟା ଦାସ, ସୀମା ଦାସ, ଶ୍ରାବଣୀ ଦାସ, ଗୀତାରାଣି ବେହେରା, ପ୍ରଭାତି ପୃଷ୍ଟି, ଦ୍ରୌପଦୀ ସାହୁ, କମଳା କୁମାରୀ ଭ, ମାନି ଗିରି ପ୍ରମୁଖଙ୍କ ସମେତ ଆଜିର ଦିବସ ପାଳନରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ଏସଡିସି ଅଧ୍ୟକ୍ଷ ଡାଃ ଦେବାଶିଷ ମାରାଣ୍ଡି, ପୂର୍ବତନ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଯୁବ ବିଜେଡି ସଭାପତି ଅରୁଣ ବାରାଡ, ଛାତ୍ର ବିଜେଡି ସଭାପତି ସୁନୀଲ ନାୟକ ପ୍ରମୁଖ ବହୁ ନେତା ଓ କର୍ମୀ ଯୋଗ ଦେଇ ରାଜ୍ୟ ସରକାର ମହିଳା ମାନଙ୍କୁ ସଶକ୍ତିକରଣ କରିବା କ୍ଷେତ୍ରରେ ଯେଉଁ ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ବେଶ ସ୍ୱଗତଯୋଗ୍ୟ ବୋଲି କହିଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିର ମଧ୍ୟ ଅନୁଷ୍ଠିତ ହୋଇ ମୋଟ ୨୮ ୟୁନିଟ ରକ୍ତ ସଂଗୃହିତ ହୋଇଥିବାର ଜଣାଯାଇଛି ।

# ପିଆରଏମ ମେଡିକାଲରେ ସ୍ୱତନ୍ତ୍ର ରୋଗୀଙ୍କ ପାଇଁ ଡାଏଲିସିସ ମେସିନ ଲାଗିଲା

## ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଲେ

ବାରିପଦା,୧୦।୩ (ନି.ପ୍ର): ପି.ଆର.ଏମ. ମେଡିକାଲ କଲେଜରେ କୋରନା-୧୯, ଏଚ.ଆଇ.ଭି ପଜିଟିଭ ଏବଂ ହେପାଟାଇଟିସ ତଥା କିଡନି ରୋଗରେ ପିଡିତ ରୋଗୀ ମାନଙ୍କର ଡାଏଲିସିସ କରିବା ପାଇଁ ସ୍ୱତନ୍ତ୍ର ଡାଏଲିସିସ ମେସିନ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ନଥିଲା ତେଣୁ ରୋଗୀମାନେ ବିଭିନ୍ନ ପ୍ରକାର ଅସୁବିଧା ସମ୍ମୁଖୀନ ହେଉଥିଲେ । ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ ମାନ୍ୟମର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ମାନ୍ୟବର ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବ ଦାସ ଏବଂ ମୟୂରଭଂଜ ଜିଲ୍ଲାର ବିଜେଡି ପ୍ରଭାରୀ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ପି.ଆର.ଏମ. ମେଡିକାଲ କଲେଜରେ ସ୍ୱତନ୍ତ୍ର ଡାଏଲିସିସ ମେସିନ ବସାଇବା ପାଇଁ ଅନୁରୋଧ କରିଥିଲେ । ଇତି ମଧ୍ୟରେ ପି.ଆର.ଏମ. ମେଡିକାଲ କଲେଜରେ ସ୍ୱତନ୍ତ୍ର ରୋଗୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଡାଏଲିସିସ ମେସିନ ସ୍ଥାପିତ ହୋଇସାରିଛି ଏବଂ ରୋଗୀମାନେ ଉପକୃତ ମଧ ହେଉଛନ୍ତି । ତେଣୁ ପୂର୍ବତନ ସାଂସଦ ସରୋଜିନୀ ହେମ୍ବ୍ରମ ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ମୟୂରଭଂଜ ଜିଲ୍ଲା ବିଜେଡି ପ୍ରଭାରୀ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ମୟୂରଭଂଜବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଛନ୍ତି ।

# ଜିଲ୍ଲାରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପ୍ରତି ଶୋଷଣ ବଢୁଥିବା ଅଭିଯୋଗ

## ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ଜିଲ୍ଲାମଙ୍ଗଳ ଅଧିକାରୀଙ୍କୁ ଘେରାଉ

ବାରିପଦା ,୧୦।୩ (ନି.ପ୍ର): ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ୩ ଦଫା ଦାବିନେଇ ଜିଲ୍ଲାମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ ଆଜି ଘେରୋଉ କରାଯାଇଥିଲା । ଆଦିବାସୀ ଅଧୁଷିତ ମୟୂରଭଂଜ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ କୈଣସି ସୁଧାର ଆସୁନଥିବା ଅଭିଯୋଗ ହୋଇଛି । ଅଭିଭାବକ ମାନେ ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ଗ୍ରହଣ ନିମନ୍ତେ ସରକାରୀ ସ୍କୁଲର ଛାତ୍ର, ଛାତ୍ରୀ ନିବାସକୁ ପଠାଉଥିବାବେଳେ ସେଠାରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଉପଯୁକ୍ତ ଶିକ୍ଷା ବଦଳରେ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ କେଉଁଠି ଖଟାଉଛନ୍ତି ତ ଆଉ କେଉଁଠି ଅକଥନୀୟ ଦଣ୍ଡ ଦେଉଛନ୍ତି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଜିଲ୍ଲା ମଙ୍ଗଳ ଅଧିକାରୀ ବା ଜିଲ୍ଲା ଶିକ୍ଷା ବିଭାଗ ସଂପୃକ୍ତ ଶିକ୍ଷୟତ୍ରୀ, ଶିକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ଅଧିକାଂଶ ସମୟରେ ଗଣଶିକ୍ଷା ବିଭାଗ ଉପରେ ଦାୟିତ୍ୱ ଲଦି ବିଭାଗୀୟ ଅଧିକାରୀମାନେ ଖସି ଯାଉଛନ୍ତି । କିଛିଦିନ ତଳେ ବାରିପଦା ସହରର ଏକ ସ୍କୁଲରେ ଜଣେ ପ୍ରଧାନ ଶିକ୍ଷୟିତ୍ରୀ କେତେଜଣ ଛାତ୍ରଙ୍କୁ ଆଣ୍ଠେଇଥିବା ଭିଡ଼ିଓ ଭାଇରାଲ ହୋଇଥିଲା । ଏନେଇ ଥାନାରେ ମଧ ଅଭିଯୋଗ ହୋଇଥିଲା ହେଲେ ଶିକ୍ଷା ବିଭାଗ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଗଣଶିକ୍ଷା ବିଭାଗକୁ ରିପୋର୍ଟ ଦେଇ ଚୁପ୍ ହୋଇ ବସିଲେ । ଗତବର୍ଷ କୁଳିଅଣା ଅଂଚଳର ଏକ ସ୍କୁଲର ଜଣେ ଶିକ୍ଷକ ଛାତ୍ରମାନଙ୍କୁ ଜଙ୍ଗଲକୁ କାଠ ସଂଗ୍ରହ ପାଇଁ ପଠାଇଥିଲେ । ଏନେଇ ଗଣମାଧମରେ ଖବର ପ୍ରକାଶ ପାଇଥିଲା । ସମ୍ପୃକ୍ତ ଶିକ୍ଷିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ବଦଳରେ ଏବେ ବିଭାଗ ଚୁପ ବସିଛି । ସେହିଭଳି ଅନ୍ୟ ଏକ ବିଦ୍ୟାଳୟର ଛାତ୍ରମାନେ ଜଣେ ଶିକ୍ଷକଙ୍କ ଦେହରେ ତେଲ ମାଲିସ କରୁଥିବା ଭିଡ଼ିଓ ଭାଇରାଲ ହୋଇଥିଲା । ତାଙ୍କ ବିରୋଧରେ ମଧ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ । କରୋନା ମହାମାରୀ ସମୟରେ କଟକଣା ଯୋଗୁଁ ସମସ୍ତ ଛାତ୍ରୀଛାତ୍ରବାସ ବନ୍ଦ ହୋଇଥିବାବେଳେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଘରେ ପହଂଚାଇବାର ବ୍ୟବସ୍ଥା କରିବା କଥା । ହେଲେ ରାସଗୋବିନ୍ଦପୁର ବ୍ଲକର ଜଣେ ପ୍ରଧାନ ଶିକ୍ଷକ ବେପରୁଆ ଭାବେ ସମସ୍ତ ଛାତ୍ରଙ୍କୁ ବସରେ ବସାଇ ଦେଇଥିଲେ । ବାରିପଦାରେ ପିଲାମାନେ ବାଟବଣା ହୋଇଯାଇଥିବା ବେଳେ କେତେଜଣ ବ୍ୟକ୍ତି ସେମାନଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ । ଆଦିବାସୀ ଅଧୁଷିତ ଅଂଚଳରେ ଅଭିଭାବକଙ୍କ ପାଖରେ ଅର୍ଥର ଅଭାବ ରହିଛି । ସେମାନେ ନିଜ ପିଲାମାନଙ୍କୁ ଘରୋଇ ଶିକ୍ଷାନୁଷ୍ଠାନକୁ ନପଠାଇ ସରକାରୀ ସ୍କୁଲରେ ପଢ଼ାଇ ଏଭଳି ହଇରାଣ ହେଉଥିବା ଅଭିଯୋଗ ହୋଇଛି । ଏ ଦିଗରେ ଜିଲ୍ଲା ମଙ୍ଗଳ ଅଧିକାରୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବୀ କରାଯାଇଥିଲା । ଅନ୍ୟ ପକ୍ଷରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳର ଆବେଦନ କରିଥିବା ୧୭୫୭ ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ୫୬ ଜଣଙ୍କ ଛାତ୍ରବୃତ୍ତି ଏକାଉଂଟ ନମ୍ବରକୁ ଆସିଥିବା ବେଳେ ଅନ୍ୟମାନଙ୍କର ଆସିନାହିଁ । ବର୍ତ୍ତମାନ ସମୟରେ ମହାବିଦ୍ୟାଳୟରେ ସେମିନାର ଫି, ପ୍ରୋଜେକ୍ଟ ଫି, ବେକ ପେପର ଆବେଦନ ଫି ଦେବାରେ ଛାତ୍ରଛାତ୍ରୀମାନେ ଅସାମର୍ଥ୍ୟ ହେଉଛନ୍ତି । ବାଇଗଣବାଡ଼ିଆ ମହାବିଦ୍ୟାଳୟର ଅସ୍ଥାୟୀ ଛାତ୍ରାବାସରେ ରହୁଥିବା ଛାତ୍ରମାନେ ପ୍ରତ୍ୟେକ ବର୍ଷ ବୋଡ଼ର ଷ୍ଟାଇପେଣ୍ଡ ପାଉଥିଲେ । ଏବର୍ଷ ମଧ ପ୍ରତ୍ୟେକ ମାସ ହଷ୍ଟେଲ ଫି ଦେଇ ଆସୁଛନ୍ତି । ଏବର୍ଷ ମଧ ଷ୍ଟେଟ ସ୍କୋଲାରସିଫ ନିର୍ଦ୍ଧାରିତ ସମୟରେ ଆବେଦନ କରି ହାର୍ଡ଼କପି କଲେଜରେ ଦେଇଛନ୍ତି । କିନ୍ତୁ ହଠାତ କଲେଜ କର୍ତ୍ତୃପକ୍ଷ ବୋଡର ବଦଳରେ ଡେସସ୍କୋଲାର ଭାବରେ ସମସ୍ତ ଅନ୍ତେବାସୀ ଛାତ୍ରମାନଙ୍କର ପୁନଃ ଆବେଦନ କରିଛନ୍ତି । ତେଣୁ ଏହାକୁ ଦୃଢ ବିରୋଧ କରାଯିବା ସହ ମୟୂରଭଂଜର ସମସ୍ତ କଲେଜର ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଯଥା ଶୀଘ୍ର ଷ୍ଟାଇପେଣ୍ଡ ପ୍ରଦାନ କରିବାକୁ ଜେଏମଏମ ଯୁବମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି । ଏହି ଆନ୍ଦୋଳନରେ ଜେଏମଏମର ଯୁବନେତା ଅର୍ଜୁନ ମୁର୍ମଙ୍କ ସମେତ ଚୈତନ ସୋରେନ, ପୁର୍ଥୁରାଜ ହାଁସଦାଃ, ଦିଲ୍ଲୀପ କୁମାର ମାର୍ଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

## ମହିଳା ମାନେ ସଶକ୍ତ ହେଲେ ଦେଶ ସମୃଦ୍ଧ ହେବ

ଭୁବନ,୧୦।୩ (ନି.ପ୍ର): ଭୁବନ ବିଜୁ ଜନତା ଦଳ ତରଫରୁ ସ୍ଥାନୀୟ କାଳୀବଜାର ସ୍ଥିତ କାର୍ଯ୍ୟାଳୟ ରେ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ସଂଧାରାଣୀ ନାୟକ ଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁ ବାବୁ ମହିଳାମାନଙ୍କ ଉନ୍ନତି ପାଇଁ ସର୍ବଦା ଚିନ୍ତା କରି ପ୍ରଥମେ ନାରୀ ଶିକ୍ଷାର ପ୍ରଗତି ପାଇଁ ମା ହେଲେ ପାଠୋଇ ଦେଶ ଯିବ ଆଗେଇ ସ୍ଲୋଗାନ ଦେଇଥିଲେ ।

# ଜୁନିୟର ରେଡ଼କ୍ରସ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ଜୟପୁର,୧୦।୩ (ନି.ପ୍ର): ଜୟପୁର ସରକାରି ଉଚ୍ଚ ବିଦ୍ୟାଳୟ ପରିସରରେ କୋରାପୁଟ ଜିଲା ଜୁନିୟର ରେଡକ୍ରସ ପରାମର୍ଶଦାତା ମାନଙ୍କର ଏକ ପଂଚଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାରତୀୟ ରେଡକ୍ରସ ସୋସାଇଟି, ଓଡିଶା ରାଜ୍ୟ ଶାଖା ଏବଂ ଜିଲା ଶିକ୍ଷା କାର୍ଯ୍ୟାଳୟ, କୋରାପୁଟର ମିଳିତ ସହଯୋଗରେ ଆୟୋଜିତ ଏହି ରାଜ୍ୟସ୍ତରିୟ ପ୍ରଶିକ୍ଷଣ ଶିବିରରେ ଜିଲାର ୧୪ଟି ବ୍ଲକରୁ ୩୦ ଜଣ ଶିକ୍ଷକ, ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ । ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତଥା ଜିଲା ଜୁନିୟର ରେଡକ୍ରସ ସୋସୋଇଟିର ଉପାଧକ୍ଷା ଅର୍ପିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା, ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ନିଳାଂଚଳ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜୟପୁର ଗୋଷ୍ଠି ଶିକ୍ଷାଧିକାରି ରାମଚନ୍ଦ୍ର ବିଷୋୟୀ ଯୋଗଦାନ କରି ରେଡକ୍ରସର ପ୍ରତିଷ୍ଠାତା ହେନରି ଡୁନାଙ୍କ ଜିବନୀ, ଲକ୍ଷ୍ୟ, ରେଡ଼କ୍ରସର ମୂଳନୀତି ଏବଂ ରେଡ଼କ୍ରସର କାର୍ଯ୍ୟାବଳି ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲିପ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ଜୁନିୟର ରେଡକ୍ରସର ସମ୍ପାଦକ ବିପ୍ରଚରଣ ପଣ୍ଡା ବାର୍ଷିକ ବିବରଣୀ ପାଠ କରିବା ସହିତ ଜିଲାରେ ଜୁନିୟର ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ । ଜିଲା ଜୁନିୟର ରେଡକ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ରେଡକ୍ରସର ମହନିୟ ଭାବ ଧାରାରେ ଉଦବୁଦ୍ଧ ହୋଇ ମାନବ ସେବା କରିବାକୁ ସମସ୍ତେ ଆଗେଇ ଆସନ୍ତୁ ବୋଲି ପରାମର୍ଶ ଦାତା ମାନଙ୍କୁ ଆହ୍ୱାନ ଦେଇଥିଲେ ।

# ଜିଲ୍ଲାରେ ପ୍ରଥମ ପର୍ଯ୍ୟାୟରେ ୮ଟି ହାଇସ୍କୁଲକୁ ଆସ୍‌ପିରେସନାଲ ସ୍କୁଲ ଭାବେ ଗ୍ରହଣ ହେଲା

ଭଦ୍ରକ,୯।୩ (ନି.ପ୍ର): ରାଜ୍ୟ ସରକାରଙ୍କ ଆସ୍‌ପିରେସନାଲ ସ୍କୁଲ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଭଦ୍ରକ ଜିଲ୍ଲାର ୮ଟି ହାଇସୁଲକୁ ଆସ୍‌ପିରେସନାଲ ସ୍କୁଲ ଭାବେ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ୪ଟି ହାଇସ୍କୁଲକୁ ନେଇ ଏକ ବୈଠକ ଭଦ୍ରକ ପୌରପାଳିକାର ପୁରୁଣାବଜାର ସ୍ଥିତ ନାରାୟଣ ଚନ୍ଦ୍ର ହାଇ ସ୍କୁଲଠାରେ ଜିଲ୍ଲାପାଳ ଡ. ଜ୍ଞାନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମନୋନୀତ ୮ଟି ହାଇସ୍କୁଲରୁ ବନ୍ତ ବ୍ଲକରେ ୨ଟି କେନ୍ଦୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଆଗରପଡ଼ା ସ୍ଥିତ କୃଷଚନ୍ଦ୍ର ବିଦ୍ୟାମନ୍ଦିର, ଭଣ୍ଡାରିପୋଖରୀ ବ୍ଲକରେ ୨ଟି ସରସଦା ହାଇସ୍କୁଲ ଓ ପଞ୍ଚାୟତ ହାଇସ୍କୁଲ ମଞ୍ଜୁରୀ ରୋଡ଼, ଭଦ୍ରକ ବ୍ଲକର ଗୋଟିଏ ସାବରଙ୍ଗ ହାଇସ୍କୁଲ ଓ ଭଦ୍ରକ ପୌରପାଳିକାର ୩ଟି ବିଦ୍ୟାଳୟ ଜିଲ୍ଲା ସ୍କୁଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ନାରାୟଣଚନ୍ଦ୍ର ହାଇସ୍କୁଲ ଅନ୍ତର୍ଭୁକ୍ତ ହୋଇଛି । ଆଜି ନାରାୟଣ ଚନ୍ଦ୍ର ହାଇସ୍କୁଲ, ଜିଲ୍ଲା ସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସାବରଙ୍ଗ ହାଇସ୍କୁଲକୁ ନେଇ ବୈଠକ କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର, ଭଦ୍ରକ ବ୍ଲକ ଅଧକ୍ଷ ରଘୁନାଥ ଧଳ, ଭଦ୍ରକ ବ୍ଲକ ବିଡ଼ିଓ ଉମେଶ ମଲ୍ଲିକ, ଭଦ୍ରକ ବ୍ଲକ ଶିକ୍ଷାଧିକାରୀ, ଉକ୍ତ ୪ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୁଖ ଯୋଗ ଦେଇଥିଲେ । ଏହିସବୁ ବିଦ୍ୟାଳୟକୁ ମରାମତି କରାଯିବା ସହ ସ୍ମାର୍ଟ କ୍ଲାସରୁମ୍, ଇ-ଲାଇବ୍ରେରୀ, ଖେଳ ପଡ଼ିଆ, ଶୌଚାଳୟ, ବେଞ୍ଚ ଡେସ୍କ ଆଦି ପୂର୍ଣ୍ଣାଙ୍ଗୀକରଣ କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଏ ସବୁ କାର୍ଯ୍ୟ ନିମନ୍ତେ ବ୍ଲକ ସ୍ତରରେ ବିଡ଼ିଓ, ଜେଇ, ସ୍କୁଲ ପ୍ରଧାନ ଶିକ୍ଷକ, ଏସ୍‌ଏମ୍‌ସି ସମ୍ପାଦକ, ପୁରାତନ ଛାତ୍ର ସଂସଦ ମାନଙ୍କୁ ନେଇ କମିଟି ଗଠନ କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ବେଳେ, ସହରାଞ୍ଚଳରେ ସ୍କୁଲ ପ୍ରଧାନ ଶିକ୍ଷକ, ପୌରନିର୍ବାହୀ ଅଧିକାରୀ, ପୌରଯନ୍ତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ, ପୁରାତନ ଛାତ୍ର ସଂସଦ ମାନଙ୍କୁ ନେଇ କମିଟି ଗଠନ କରାଯିବ । ଏହି କମିଟି ସମ୍ପୃକ୍ତ ବିଦ୍ୟାଳୟରେ ହେବାକୁ ଥିବା କାର୍ଯ୍ୟକୁ ନେଇ ଏକ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରି ଜିଲ୍ଲାପାଳଙ୍କଠାରେ ଦାଖଲ କରିବାକୁ ଜିଲ୍ଲାପାଳ ଡ. ଦାସ ନିର୍ଦ୍ଦେଶ ଦେଇଛନ୍ତି । ଏହି ବିଦ୍ୟାଳୟ ଜିଲ୍ଲାର ଗୋଟିଏ ଗୋଟିଏ ଆଦର୍ଶ ବିଦ୍ୟାଳୟ ଭାବେ ପରିଗଣିତ ହେବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

# ଭୁବନେଶ୍ୱର ଷ୍ଟେସନରେ ଶକ୍ତି ସଶକ୍ତିକରଣ ମୂରାଲ ଓ ଫେଣ୍ଟିଂ

ଭୁବନେଶ୍ୱର,୧୦।୩ (ନି.ପ୍ର): ସମସ୍ତ ବର୍ଗର ମହିଳା ମାନଙ୍କୁ ଚିହ୍ନିବା ଏବଂ ଆମ ଷ୍ଟେସନର ସୌନ୍ଦର୍ଯ୍ୟକରଣର ଚିନ୍ତାକଷ୍ଟ କରିବା ଉଦେଶ୍ୟରେ ଭୁବନେଶ୍ୱର ଷ୍ଟେସନର ପୁରୁଣା ବୁକିଂ ଓ ପିଆରଏସ କାଉଂଟର ବିଲଡିଂରେ "ଶକ୍ତି ସଶକ୍ତିକରଣ" ବିଷୟବସ୍ତୁକୁ ନେଇ ଫେଂଟିଙ୍ଗ ଓ ମୂରାଲ କରାଯାଇଛି । ଏଫଆଇସିସିଆଇର ମହିଳା ଶାଖାର ରାଷ୍ଟ୍ରୀୟ ସଭାପତି ଜାହ୍ନବୀ ଫୋକାନ୍ ଏବଂ ହାମାରା ବଚ୍ଚନ ଟ୍ରଷ୍ଟର ପ୍ରତିଷ୍ଠାତା ତଥା ଏଫଆଇସିସିଆଇର ଭୁବନେଶ୍ୱର ଶାଖାର ମହିଳା ସଭାପତି ଧରିତ୍ରୀ ପଟ୍ଟନାୟକଙ୍କ ଦ୍ୱାରା ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଯଥା ବ୍ୟବହୃତ ପ୍ଲାଷ୍ଟିକ୍ ଚାମଚ, ବ୍ୟବହୃତ ପାଇପ୍, ବ୍ୟବହୃତ ପାଣି ବୋତଲ କ୍ୟାପ୍ ଓ ଓ ବାଲିଗୋଡି ମିଶ୍ରଣ ଇତ୍ୟାଦିରୁ ପ୍ରସ୍ତୁତ ସୁନ୍ଦର ମୂରାଲ ସହିତ ଫେଂଟିଙ୍ଗକୁ ଅନାବରଣ କରିଥିଲେ । ଭୁବନେଶ୍ୱର ରେଳ ଷ୍ଟେସନରେ ଶିଶୁ ସହାୟତା ଡେସ୍କର ଯତ୍ନ ନେଉଥିବା ଏଫଆଇସିସିଆଇ ଓ ହମାରା ବଚପନ୍ ଟ୍ରଷ୍ଟ କାର୍ଯ୍ୟକର୍ତା ମାନଙ୍କ ଦ୍ୱାରା ଏହି ସୁନ୍ଦର ମୂରାଲ ପ୍ରସ୍ତୁତ କରାଯାଇଛି । ପୂର୍ବ ତଟ ରେଳପଥ ମଧ୍ୟରେ ରାଜଧାନୀ ଭୁବନେଶ୍ୱର ଅନ୍ୟତମ ପ୍ରମୁଖ ସହର ଯାହାକି ବିଶ୍ୱ ସ୍ତରୀୟ ଷ୍ଟେସନ ଭାବରେ ନବୀକରଣ ହେବାକୁ ଯାଉଛି । ଭୁବନେଶ୍ୱର ଷ୍ଟେସନ ପରିସରକୁ ସୌନ୍ଦର୍ଯ୍ୟକରଣ କରିବା ପାଇଁ ଏହାକୁ ଚିତ୍ରିତ କରିବାରେ ସାଂସ୍କୃତିକ ପ୍ରତୀକ, ଐତିହ ସ୍ଥାନ, ଆଗ୍ରହର ସ୍ଥାନ ଏବଂ ସ୍ଥାନୀୟତାର ମହତ୍ୱକୁ ପ୍ରତିନିଧିତ୍ୱ କରୁଥିବା ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଆଧାରିତ ରହିବ । ବିଭିନ୍ନ ଟ୍ରେନ ଏବଂ ରେଳ ଷ୍ଟେସନର ସୌନ୍ଦର୍ଯ୍ୟକରଣ ଦିଗରେ ପ୍ରତ୍ୟକ ରେଳପଥ କାର୍ଯ୍ୟ କରୁଛି । କାନ୍ଥ ଚିତ୍ର ଏବଂ ସୁନ୍ଦର ମୂର୍ତି ସହିତ ରେଳ ଷ୍ଟେସନକୁ ସୌନ୍ଦର୍ଯ୍ୟକରଣ କରାଯାଉଛି ।

# ଶିବରାତ୍ରି ବ୍ରତ



ବିଦ୍ୟୁତ ଲତା ପଣ୍ଡା



ଶିବ ! ଏହି ଦୁଇଟି ଅକ୍ଷର ସଂସାରର ସାର । ଯିଏ ଏହି ଦୁଇ ନାମକୁ ବିଶ୍ୱାସ ଓ ଭରସା କରିଛି, ସେ ଏ ଭବ ସାଗରରୁ ପାର ପାଇଯାଇଛି । ଶିବ ନାମକ ନୌକାରେ ଅରୋହଣ କରିଥିବା ବ୍ୟକ୍ତି ଜନ୍ମମୃତ୍ୟୁ ଚକ୍ରରୁ ବାହାରି ଯାଏ । ମାଘ ମାସର ଶେଷରେ ବା ଫାଲଗୁନ ମାସ ପ୍ରଥମରେ ଯେଉଁ କୃଷ୍ଣ ଚତୁର୍ଦ୍ଦଶୀ ହୁଏ, ତାହାକୁ ଶିବରାତ୍ରି କହନ୍ତି । ଏହି ପ୍ରସଙ୍ଗରେ ସ୍କନ୍ଦ ପୁରାଣରେ ଦେଖିବାକୁ ମିଳେ ଯଥା-

ମାଘମାସସ୍ୟ ଶେଷେ
ବା ପ୍ରଥମେ ଫାଲଗୁନସ୍ୟଚ ।
କୃଷ୍ଣ ଚତୁର୍ଦ୍ଦଶୀ ଯା
ତୁ ଶିବରାତ୍ରିଷ୍ଟତୁର୍ଦ୍ଦଶୀ ॥

ଶିବରାତ୍ରି ବ୍ରତ ସାଧାରଣତଃ ପୂର୍ବଦିନ ମହାନିଶାରେ ଚତୁର୍ଦ୍ଦଶୀ ହୋଇ ପରଦିନ ପ୍ରଦୋଷ କାଳ ହେଲେ ପାଳନ କରିବା କର୍ତ୍ତବ୍ୟ । ଯଥା-ପ୍ରଦୋଷବ୍ୟାପିନୀ ଗ୍ରାହ୍ୟା ଶିବରାତ୍ରିଷ୍ଟତୁର୍ଦ୍ଦଶୀ । ମହାଦେବ ସ୍ୱୟଂ କହିଛନ୍ତି ଯେ,ଶିବରାତ୍ରିରେ ଉପବାସ ହିଁ ପ୍ରଧାନ କର୍ମ । ସ୍ନାନ, ବସ୍ତ୍ର, ଧୂପ ବା ପୁଷ୍ପ ଦ୍ୱାରା ପୂଜା କଲେ ମୁଁ ଯେଉଁପରି ପ୍ରୀତ ନ ହୁଏ କେବଳ ଉପବାସରେ ତତୋ ଽଧିକ ପ୍ରୀତ ହୋଇଥାଏ । ଉହି ବ୍ରତରେ ସାଧାରଣ ଦ୍ରବ୍ୟ ଛଡ଼ା ଦଧି, ଦୁଗ୍ଧ, ଘୃତ, ମଧୁ ଓ ବିଲ୍ୱପତ୍ର ଦେଇ ଆରାଧନା କଲେ ଶିବ ସନ୍ତୁଷ୍ଟ ହୋଇଥାନ୍ତି । ଏହାଛଡ଼ା ନୈବେଦ୍ୟ ପାଇଁ ଫଳ, ମୂଳ, ଘୃତପକ୍ୱ ଏବଂ ମିଷ୍ଟାନ୍ନାଦି ଆବଶ୍ୟକ ହୁଏ । ଏହି ବ୍ରତର ମାହାତ୍ମ୍ୟ ଓ ବିଧିବିଧାନ ଗୁଡ଼ିକ ନିମ୍ନରେ ଆଲୋଚନା କରାଗଲା ।

ଏକଦା ମାତା ପାର୍ବତୀ ପଚାରିଥିଲେ ଭଗବାନ ଶିବଙ୍କୁ, ହେ ପ୍ରଭୁ ଶିବ ରାତ୍ରିର ମାହାତ୍ମ୍ୟ କ'ଣ ? ଶିବ ରାତ୍ରି କଲେ ମନୁଷ୍ୟଙ୍କୁ କି ଫଳ ମିଳିଥାଏ ? ଏହାର ଉତ୍ତର ଦେବାକୁ ଯାଇ ସଦାଶିବ ଏକ ସୁନ୍ଦର ବୃତ୍ତାନ୍ତ କହିବା ଆରମ୍ଭ କଲେ-ପୂର୍ବକାଳରେ କୃଷ୍ଣ ଶର୍ମା ନାମରେ ଜଣେ ବ୍ରାହ୍ମଣ ବାସ କରୁଥିଲେ । ସେ ସର୍ବଗୁଣରେ କୁଶଳ ଥିବା ସହିତ ଉତ୍ତମ ସ୍ୱଭାବର ମଧ୍ୟ ଥିଲେ । ପ୍ରତ୍ୟେକ ଦିନ ପ୍ରାତଃକାଳରୁ ଉଠି ନିଜର ନିତ୍ୟ କର୍ମ ସମାପନ ପୁର୍ବକ ଶ୍ରଦ୍ଧାର ସହିତ ବେଦାଦି ଅଧୟନ କରିବା ଏବଂ ଦେବତା, ଅତିଥିଙ୍କର ସେବା କରିବା, ସତ୍ୟ,ଦୟା ଓ କ୍ଷମା ଆଦି ସଦ୍‌ଗୁଣର ଅଧିକାରୀ ଥିଲେ । ଥରେ ସେ ନିଜ ଦନ୍ତ ଧାବନାଦି ନିତ୍ୟ କର୍ମ ସାରି ପୋଖରୀକୁ ସ୍ନାନ ନିମନ୍ତେ ଯାଇ, ସେଠାରେ ପଡ଼ିଥିବା ଏକ ଇଟାକୁ ଆଣି ସେଥିରେ ଗୋଡ଼ ଘଷି ଜଳକୁ ପ୍ରବେଶ କଲା । ସ୍ନାନ ସାରି ତର୍ପଣାଦି କାର୍ଯ୍ୟକଲା ଉତ୍ତାରୁ ଶିଷ୍ୟଗଣଙ୍କ ସହ ଘରକୁ ଫେରି ରାତ୍ରି ଯାପନ କଲେ । ପରଦିନ ପ୍ରଭାତରୁ ଶେଯରୁ ଉଠି ମଳମୂତ୍ର ତ୍ୟାଗ କରି ଶୌଚ ସମୟରେ ମାଟିହାତ କରୁଥିବା ବେଳେ କାଳସର୍ପଟିଏ ଦଂଶନ କରିବାରୁ ତା'ର ପ୍ରାଣ ଚାଲିଗଲା । ଯମ ଦୂତମାନେ ତା'କୁ ଧରିନେଇ ଯମଙ୍କ ଆଗରେ ଉପସ୍ଥିତ କରାଇବାରୁ ତା'ର ପାପପୁଣ୍ୟ ହିସାବରୁ ଜଣାଗଲା ଯେ ଜୀବନରେ ସଂଚୟ କରଥିବା ସମସ୍ତ ପୁଣ୍ୟ ଶିବଙ୍କ ଦ୍ରବ୍ୟ ହରଣ କରଥିବା ଯୋଗୁଁ ନଷ୍ଟ ହୋଇଯାଇଛି । ଯେଉଁ ବ୍ୟକ୍ତି ଶିବ, ବ୍ରାହ୍ମଣ ଓ ସନ୍ୟାସୀର ଦ୍ରବ୍ୟ ହରଣ କରିବ ସେ ହଳାହଳ ବିଷପାନର ଫଳ ପାଇବ । ଏବଂ ତା'ର ସମସ୍ତ ସୁକୃତର ଫଳ ନଷ୍ଟ ହୋଇଯିବ ।

ଶିବ ଦ୍ରବ୍ୟଂ ଦ୍ୱିଜ ଦ୍ରବ୍ୟଂ
ଦ୍ରବ୍ୟଂ ସନ୍ନ୍ୟାସମେବ ଚ ।
ହଳାହଳ ବିଷଂ କୁର୍ଯ୍ୟତ୍
ସମୂଳେନ ବିନଶ୍ୟତି ॥

ଉପରୋକ୍ତ ମହାପାପ କରିଥିବା ମନୁଷ୍ୟ ମୃତ୍ୟୁଅନ୍ତେ ରୌରବ ନାମକ ନରକ ଭୋଗ କରଥାଏ । ସେଠାରେ କୃମିକୁଣ୍ଡରେ ପଡ଼ି ବିଷ୍ଠା ଭୋଜନ କରିଥାଏ । ତାହା ପରେ ପିଶାଚ ରୂପେ ଅନେକ ବର୍ଷ ରହିବାକୁ ପଡ଼ିଥାଏ । ଯେ ହେତୁ ଅଜ୍ଞାନରେ ତୁ ଶିବ ଦ୍ରବ୍ୟ ହରଣ କରିଛୁ,ଏଣୁ ତୋତେ ନରକ କୁଣ୍ଡରେ ନିକ୍ଷେପ ନକରି କେବଳ ପିଶାଚ ହେବାର ଦଣ୍ଡ ପ୍ରଦାନ କରୁଛି । ଏବେ ତୁ ଯାଇ ସେହି ପୋଖରୀ ହୁଡ଼ାରେ ପିଶାଚ ଭାବରେ ବାସ କର, ଯଦି କେବେ ତୋର କେହି ଶିଷ୍ୟ ଆସି ଦୈବ ଯୋଗରୁ ତାର ଶିବରାତ୍ରି ପୁଣ୍ୟଫଳ ପ୍ରଦାନ କରିବ, ତେବେ ଯାଇ ଏହି ମହାପାପରୁ ମୁକ୍ତି ପାଇବୁ ବୋଲି ଯମରାଜ ଶୁଣାଇ ଦେଲେ ।

ଏହାପରେ ସେହି ଇଟାଟି କିପରି ଶିବଙ୍କର ହେଲା ବୋଲି ବ୍ରାହ୍ମଣ ଆଶ୍ଚର୍ଯ୍ୟାନ୍ୱିତ ହୋଇ ପଚାରିବାରୁ ତାକୁ ଯମରାଜ କହିଲେ, ପୂର୍ବକାଳରେ କାଶ୍ମୀରର ଜଣେ ନୈଷ୍ଠିକ ବ୍ରାହ୍ମଣ ଗଙ୍ଗାଯମୁନା ତଟରେ ଆସ୍ଥାନ କରିଥିବା ବେଳେ ଭଗମାଳି ନାମକ ଜନୈକ ଦ୍ୱିଜ ସେଠାରେ ପହଞ୍ଚିବାରୁ,ବ୍ରାହ୍ମଣ ତାଙ୍କୁ ଆତିଥ୍ୟତା ପ୍ରଦାନ ପୂର୍ବକ କିଛି ଫଳମୂଳ ଭକ୍ଷଣ ନିମନ୍ତେ ପ୍ରଦାନ କରିବାରୁ, ସେ ତାହା ଶିବ ପୂଜା କରି ନ ଥିବାରୁ ଭକ୍ଷଣ କରିବେ ନାହିଁ ବୋଲି କହି ବିନମ୍ରତାର ସହିତ ଗ୍ରହଣ କଲେ ନାହିଁ । ବ୍ରାହ୍ମଣ ତାଙ୍କୁ ଶିବ ସମସ୍ତଙ୍କ ଅନ୍ତର ବାହାରରେ ବିଦ୍ୟମାନ ଥିବାରୁ ତାଙ୍କୁ ସ୍ମରଣ କରି ଫଳ ଭକ୍ଷଣ ନିମନ୍ତେ ଅନେକ ବୁଝାଇଲେ ମଧ୍ୟ ଭଗମାଳି ତାକୁ ଗ୍ରହଣ କଲେ ନାହିଁ । କାରଣ ସେ ପର୍ଯ୍ୟନ୍ତ ବ୍ରାହ୍ମଣ ଶିବଲିଙ୍ଗ ଦର୍ଶନ କରି ନ ଥିଲେ । ବ୍ରାହ୍ମଣଙ୍କୁ ଫଳ ଭକ୍ଷଣ ନିମନ୍ତେ ବାଧ୍ୟ କରିବାରୁ ସେ କହିଲେ,ଆଜି ଶିବରାତ୍ରି; ଆଜି ରାତିରେ ଉପବାସ ରହି ଆସନ୍ତା କାଲି ମଧାହ୍ନରେ ଭୋଜନ ଗ୍ରହଣ କରିବି । ଯିଏ ଶିବଲିଙ୍ଗ ଦର୍ଶନ ନ କରି ଭୋଜନ କରେ, ସେ ପ୍ରାଣୀ ଧର୍ମହୀନ ଅଟନ୍ତି । ଶିବଲିଙ୍ଗ ଦର୍ଶନରେ ଯେତିକି ପୁଣ୍ୟ ହୁଏ ତାଠାରୁ ଅଧିକ ପୁଣ୍ୟ ଛୁଇଁବାରେ ହୋଇଥାଏ,ତାଠାରୁ ଅଧିକ ପୁଣ୍ୟ ପୂଜା କରିବାରେ ହୋଇଥାଏ । ଯେଉଁ ମନୁଷ୍ୟ ଶିବଲିଙ୍ଗ ପୂଜା ନ କରି ଭୋଜନ କରେ ସେ ପିଶାଚ ଭାବରେ ଜନ୍ମ ପାଇଥାଏ ।ଏ ସବୁ ଜାଣି କିପରି ମୁଁ ଭୋଜନ କରିବି ବୋଲି ବ୍ରାହ୍ମଣ ପଚାରିଲେ । ବ୍ରାହ୍ମଣର ନିଷ୍ଠା ଆଗରେ ଋଷି ହାର ମାନି ତାଙ୍କୁ ନିଜର ଦୋଷ କ୍ଷମା କରିବାକୁ ପ୍ରାର୍ଥନା କରିବା ସହ, ଏହିଠାରେ ଶିବଲିଙ୍ଗ ପ୍ରତିଷ୍ଠା କରିବା ସହ ପୂଜା ଅର୍ଚ୍ଚନା କରିବା ପାଇଁ ଅନୁରୋଧ କଲେ । ତଥା ଶିବ ଲିଙ୍ଗ ଦର୍ଶନ, ସ୍ପର୍ଶନ ଓ ପୂଜନରେ କି କି ଲାଭ ହୁଏ ବୋଲି ପ୍ରଶ୍ନ କରିବାରୁ ବ୍ରାହ୍ମଣ ଶିବ ଦର୍ଶନ, ପୂଜନ, ସ୍ପର୍ଶନ ଓ ଶିବରାତ୍ରିର ମାହାତ୍ମ୍ୟ ବର୍ଣ୍ଣନା କଲେ-

ଶିବଲିଙ୍ଗ ଦର୍ଶନରେ ସହସ୍ରେକ ଅଶ୍ୱମେଧ ଯଜ୍ଞର ଫଳ ଲାଭ ହୁଏ,ମଧାହ୍ନ କାଳରେ ଶୁଚିମନ୍ତ ହୋଇ ଯିଏ ଶିବଲିଙ୍ଗ ଦର୍ଶନ କରେ ତାହାର ଜନ୍ମଜନ୍ମାନ୍ତରର ପାପ ନଷ୍ଟ ହୋଇଯାଏ । ସନ୍ଧ୍ୟା କାଳରେ ଯିଏ ଶିବ ଲିଙ୍ଗ ଦର୍ଶନ କରେ, ସେ ଇହଲୋକରେ ମହାସୁଖୀ ହେବା ସହ ମୃତ୍ୟୁ ଅନ୍ତେ ନନ୍ଦୀଶ୍ୱର ସମ ହୋଇ ଶିବ ଲୋକରେ ବାସ କରିଥାଏ । ପ୍ରାତଃକାଳରେ ଶିବଲିଙ୍ଗ ଦର୍ଶନରେ ତାହାର ଅତୁଳ ସମ୍ପତ୍ତି ଲାଭ ହୋଇଥାଏ । ତ୍ରିକାଳରେ ସନ୍ଧ୍ୟା ସାରି ଯେଉଁ ଲୋକ ଶିବଲିଙ୍ଗ ଦର୍ଶନ କରେ, ସେ ଯେତେ ବଡ଼ ପାପୀ ହୋଇଥିଲେ ମଧ୍ୟ ମୁକ୍ତି ପାଇ ଯାଇଥାଏ । ପ୍ରତିଦିନ ଶିବଲିଙ୍ଗ ଦର୍ଶନ କରୁଥିବା ଲୋକ ଶିବଙ୍କର ଅତ୍ୟନ୍ତ ପ୍ରିୟ ଗଣେଶ ଓ କାର୍ତ୍ତିକ ସହ ସମାନ ହୋଇଥାନ୍ତି । ଯେଉଁ ବ୍ୟକ୍ତି କୋଷେ ଦୂର ଅତିକ୍ରମ କରି ଶିବଲିଙ୍ଗ ଦର୍ଶନ କରନ୍ତି,ତା ଦେହରେ ପାପ ରହି ପାରେନାହିଁ । ଯେଉଁ ଲୋକ ଶିବଲିଙ୍ଗ ପ୍ରଦକ୍ଷିଣ କରେ, ଲକ୍ଷେ ଗୋ-ଦାନର ଫଳ ତାକୁ ମିଳିଥାଏ । ମାତ୍ର ଯେଉଁ ଲୋକ ସ୍ନାନଅନ୍ତେ ପାଦ ନ ଧୋଇ ଶିବାଳୟରେ ପ୍ରବେଶ କରେ, ସେ ଜନ୍ମଜନ୍ମାନ୍ତର ଯାଏଁ ଅଧମ ଓ ଦରିଦ୍ର ହେବା ସହ ନାନା ଦୁଃଖ କଷ୍ଟ ପାଇବା ସହ ଅନ୍ନ ପାଇ ନ ଥାଏ । ଶିବଲିଙ୍ଗ ପ୍ରଦକ୍ଷିଣ ସମୟରେ ଯିଏ ସୋମସୂତ୍ର ଡେଇଁ ଯାଏ,ତାହାର ଶିବ ଦର୍ଶନ ଫଳ ନିଷ୍ଫଳ ହୋଇଯାଏ । ଶିବଲିଙ୍ଗ ଓ ବୃଷଭଙ୍କ ମଧ୍ୟରେ ଯିଏ ଗମନ କରେ, ସେ କର୍ମହୀନ ହେବା ସହିତ ଜୀବନର ସଂଚିତ ସମସ୍ତ ପୁଣ୍ୟ ନଷ୍ଟ ହୋଇଯାଇ ପାପ ସଂଚୟ ହୋଇଥାଏ । ଏଣୁ ବୃଷଭ ପଛରେ ରହି ବନ୍ଦନା କରିବା ଉଚିତ । ଶିବଲିଙ୍ଗ ନିକଟକୁ ଯେତେବେଳେ ଯିବ,ଏକ ପାଖିଆ ହୋଇ ପ୍ରବେଶ କରିବା ଉଚିତ । ଶିବଲିଙ୍ଗ ଅର୍ଚ୍ଚନାରେ ଯେଉଁ ଲୋକ ଥିବ, ତା' ସହିତ ଆଳାପ କରିବା ଅନୁଚିତ । ଯେଉଁ ଲୋକ ପୂଜା ସମୟରେ ଗାଁ କଥା ପକାଏ,ତାକୁ ବ୍ରହ୍ମହତ୍ୟା ଦୋଷ ଲାଗିଥାଏ ।

ଯେଉଁ ଲୋକ ଚତୁର୍ଦ୍ଦଶୀରେ ଶିବଲିଙ୍ଗ ଦର୍ଶନ କରନ୍ତି,ସେ ପାପ ଶୂନ୍ୟ ହୋଇ ଶିବ ଲୋକକୁ ଗମନ କରନ୍ତି । ସୋମବାରରେ ଶିବଲିଙ୍ଗ ଦର୍ଶନ କରୁଥିବା ଲୋକର ଦେହ ଚନ୍ଦ୍ରମା ପରି ହୋଇଯାଏ । ଯିଏ ଶିବରାତି ବ୍ରତ କରେ, ସେ ଅନେକ ଧନସଂପଦ ପାଇଥାଏ । ବିପ୍ର ଶିବରାତି ବ୍ରତ କଲେ ପଣ୍ଡିତ ହୁଅନ୍ତି । ବୈଶ୍ୟ କଲେ ବାଣିଜ୍ୟରେ ଲାଭବାନ ହୁଅନ୍ତି । ଶୁଦ୍ର କଲେ ପରମ ଗତିକୁ ପ୍ରାପ୍ତ ହୁଅନ୍ତି । ପ୍ରତି ସୋମବାରରେ ଶିବଲିଙ୍ଗ ପୂଜା କରିବା ସହ ଶିବ ଶତନାମ ପଢି ଶିବ ମନ୍ତ୍ର ଭଜୁଥିବା ଲୋକର ମନସ୍କାମନା ପୂର୍ଣ୍ଣ ହେବା ସହ ଧନ,ପୁତ୍ର,ଅୟୁ ଓ ଯଶ ଲାଭ ହୋଇଥାଏ । ଶିବ ଲିଙ୍ଗ ନିକଟସ୍ଥ ଶକ୍ତି ପାଶରେ ଥିବା ଶିବଗଙ୍ଗାରୁ ଉଦକ ପାନ କରୁଥିବା ଲୋକ ମୃତ୍ୟୁ ପରେ ଶିବ ଲୋକକୁ ଯାଇଥାଏ । ଶିବଲିଙ୍ଗ ଅର୍ଚ୍ଚନା କରି ସାଷ୍ଟାଙ୍ଗ ହୋଇ ପ୍ରଣାମ କରୁଥିବା ଲୋକ ମନ୍ଦିରରେ ରେଣୁଥିବା ପରିମାଣରେ ବର୍ଷ କୈଳାସରେ ବାସ କରେ । ଶିବଲିଙ୍ଗ ମୁଣ୍ଡରେ ଶୀତଳ ଜଳ,ଗୋଦୁଗ୍ଧ ଢାଳୁଥିବା ବ୍ୟକ୍ତିର ପୁଣ୍ୟ କେହି ବର୍ଣ୍ଣନା କରି ପାରିବ ନାହିଁ । ସେ, ସ୍ୱ-ଦେହରେ ଶିବପୁରକୁ ଗମନ କରିଥାଏ । କ୍ଷୀରରେ ଖଣ୍ଡ ମିଶାଇ ଶିବଲିଙ୍ଗରେ ଅର୍ପଣ କରୁଥିବା ବ୍ୟକ୍ତି ବିଷ୍ଣୁ ଲୋକକୁ ଗମନ କରିଥାଏ । ପ୍ରତିଦିନ ଦଧିସରରେ ଲିଙ୍ଗ ଅଭିଷେକ କଲେ ଚନ୍ଦ୍ର ଲୋକରେ ଯାଇ ମହା ଆନନ୍ଦରେ ରହିଥାଏ । ଘୃତ ମାଖି ମଧୁଜଳରେ ଶିବଲିଙ୍ଗ ସ୍ନାନ କଲେ ବହ୍ନି ଲୋକରେ ବାସ ମିଳିଥାଏ । ଲହୁଣି ପ୍ରଦାନ କଲେ ଶିବଙ୍କର ପ୍ରିୟ ହୋଇଥାଏ ।ଶର୍କରା ସହିତ ନବନୀତ ମିଶାଇ ଶିବଲିଙ୍ଗରେ ଦେଲେ ମୋକ୍ଷ ମିଳିଥାଏ । ଲକ୍ଷେ ଚମ୍ପା ଶିବଲିଙ୍ଗରେ ଚଢାଇଲେ ଶିବ ସାଯୁଜ୍ୟ ମିଳିଥାଏ । ଗନ୍ଧ,ଚନ୍ଦନ ଓ ଅତର ମିଶାଇ ଲକ୍ଷେ ବେଲପତ୍ର ଶିବଙ୍କୁ ପ୍ରଦାନ କଲେ,ତାହାର ସୁଖ ବର୍ଣ୍ଣନା କରିହେବ ନାହିଁ । ତା' ସୁଖ ଦେଖି ବିପଦ ସବୁ ପଳାଇ ଯାଆନ୍ତି । ସେହି ଲୋକର ଦର୍ଶନରେ ପାପ କ୍ଷୟ ହୋଇଯାଏ,ଏବଂ ତାଙ୍କୁ ଦ୍ୱିତୀୟ ଶିବବୋଲି କୁହାଯାଏ । ଶିବରାତ୍ରିରେ ଉଜାଗର ରହି ଶିବ ଆଳୟରେ ଘୃତଦୀପ ଜାଳିଲେ ଅଶେଷ ପୁଣ୍ୟ ସଂଚୟ ହୋଇଥାଏ । ଶିବରାତ୍ରିରେ କେତକୀ ଫୁଲ ଶିବଙ୍କୁ ଅର୍ପଣ କରି,ଶିବ ପଞ୍ଚାକ୍ଷର ମନ୍ତ୍ରରେ ପଞ୍ଚ ଉପଚାରରେ ପୂଜା କଲେ ବ୍ରତୀର ଅନେକ ପୁଣ୍ୟ ହୋଇଥାଏ । ସେ ଆଉ ପୁର୍ନଜନ୍ମ ପାଇ ନଥାଏ । ଶିବ ରାତ୍ରିର ପ୍ରତି ପ୍ରହରରେ ପୂଜା କରିବା ସହିତ ଅର୍ଘ୍ୟ ପ୍ରଦାନ କରୁଥିବା ବ୍ୟକ୍ତି ତା'ର ସାତ କୁଳକୁ ଉଦ୍ଧାର କରିଥାଏ । ଶିବ ରାତ୍ରିର ମହିମା ଅସୀମ,ବ୍ରତକାରୀର ସମସ୍ତ ପାପ ନଷ୍ଟ କରିଦେଇଏହି ବ୍ରତ ତାକୁ ଐଶ୍ୱର୍ଯ୍ୟ ପ୍ରଦାନ କରିଥାଏ । ବ୍ରାହ୍ମଣଙ୍କ ମୁହଁରୁ ଏହିପରି କଥା ଶୁଣି ଋଷି ଧନ୍ୟ ହେଲେ । ସେହି ବ୍ରାହ୍ମଣ,ଋଷି ଅନୁରୋଧରୁ ଏକ ଶିବଲିଙ୍ଗ ସେଠାରେ ନିର୍ମାଣ ପୂର୍ବକ ବିଧିବିଧାନରେ ପୂଜା କରିବା ସହିତ, ତା' ପରଦିନ ପ୍ରଭାତରୁ ସ୍ନାନ ସାରି ସନ୍ଧ୍ୟା ତର୍ପଣ ସାରି ଆନନ୍ଦରେ ଫଳମୂଳ ଭକ୍ଷଣ କରି ବ୍ରତ ପାରଣ କଲେ । ତତ୍‌ପଶ୍ଚାତ ଭଗମଳି ମୁନି ସେଠାରେ ମନ୍ଦିରଟିଏ ନିର୍ମାଣ କରି ଶିବ ଲିଙ୍ଗ ସ୍ଥାପନା କଲେ । ସେଠାରେ ମୁନି ପୋଖରୀଟି ମଧ୍ୟ ଖୋଳାଇଲେ । ମୁନିଙ୍କ ମୃତ୍ୟୁ ପରେ ଜୀର୍ଣ୍ଣଶୀର୍ଣ୍ଣ ହୋଇ ମନ୍ଦିରଟି ଭାଙ୍ଗିପଡ଼ି ଖଣ୍ଡଖଣ୍ଡ ହୋଇଗଲା । ସେହି ଇଟା ପୋଖରୀ ଆଡ଼ିରେ ପଡ଼ିଥିଲା,ଯାହାକୁ ନେଇ ପାଦ ଘଷିବାରୁ ଶିବସ୍ୱ ହରଣ ଦୋଷରୁ କୃଷ୍ଣ ଶର୍ମାଙ୍କୁ ପିଶାଚ ହେବାକୁ ପଡ଼ିଲା । କିଛିକାଳ ପିଶାଚ ରୂପେ ସେଠାରେ ବାସ କରିବା ପରେ କୃଷ୍ଣ ଶର୍ମାଙ୍କର ଜନୈକ ଶିଷ୍ୟ ନିରିଘ ଆସି ସେଠାରେ ବାସ କଲେ । ସେ ପରମ ଶିବଭକ୍ତ ଥିଲେ ।ଏକଦା ଶିବରାତ୍ରିରେ ସେ ନିରାହାର ପୂର୍ବକ ବ୍ରତ ପାଳନ କରୁଥିବା ବେଳେ କୃଷ୍ଣ ଶର୍ମା ତାଙ୍କୁ କହିଲେ,ଏ ଯନ୍ତ୍ରଣାରୁ ଉଦ୍ଧାର କରିବା ପାଇଁ । ଗୁରୁ ଙ୍କ ଆଜ୍ଞା ପାଳନ ପୂର୍ବକ ନିରିଘ ପୋଖରୀକୁ ଯାଇ ଜଳାଞ୍ଜଳି ଧାରଣ ପୂର୍ବକ ସୂର୍ଯ୍ୟଙ୍କୁ ସାକ୍ଷୀ ରଖି କହିଲା, ମୋର ଶିବରାତ୍ରିର ଫଳ ତୁମକୁ ପ୍ରଦାନ କଲି । ଏଣୁ ହେ ଗୁରୁଦେବ, ଆପଣଙ୍କର ମଙ୍ଗଳ ହେଉ । ତତ୍‌କ୍ଷଣାତ କୃଷ୍ଣ ଶର୍ମା ନିଜ ରୂପ ଫେରି ପାଇଲେ,ଏବଂ ଗୁରୁଶିଷ୍ୟ ଉଭୟ ଆନନ୍ଦ ମନରେ ଶିବଲିଙ୍ଗ ପୂଜାର୍ଚ୍ଚନାରେ ଲାଗିଗଲେ । ଏବଂ ପରେ ଯାଇ କୈଳାସରେ ବାସ କଲେ । ଶିବରାତ୍ରି ବ୍ରତ ପ୍ରସଙ୍ଗରେ ଏହି କାହାଣୀଟି ଶିବ ପାର୍ବତୀଙ୍କୁ କହିଥିଲେ । ଯେଉଁ ବ୍ୟକ୍ତି ଶିବରାତ୍ରି ବ୍ରତ କରେ ସେ ବହୁପୁଣ୍ୟର ଅଧିକାରୀ ହୋଇଥାଏ । ଭକ୍ତି ସହକାରେ ଯିଏ ଏହା ପଢେ ବା ଶୁଣେ ତାକୁ ପରମ ଐଶ୍ୱର୍ଯ୍ୟ ପ୍ରାପ୍ତ ହୋଇଥାଏ ।ଏବଂ ତା ଦେହରେ ପାପ ରହିପାରେ ନାହିଁ ।ଏହି ବ୍ରତ ଯିଏ ଉଜାଗର ରହି ପାଳନ କରେ ତାକୁ ଯମପୁରକୁ ଯିବାକୁ ପଡ଼େନା । ଇହକାଳରେ ସୁଖ ପାଇବା ବେଳେ ମୃତ୍ୟୁ ପରେ ଶିବ ଲୋକ ପ୍ରାପ୍ତ ହୋଇଥାଏ । ଏଣୁ ବିଧିବିଧାନର ସହିତ ଶିବରାତ୍ରି ବ୍ରତ ପାଳନ କରିବା ଉଚିତ । ପୂଜା ଶେଷରେ ଯେବେ ସମୟ ଥାଏ ତେବେ ସ୍ତବାଦି ପାଠ କରି ରାତ୍ରି ଜାଗରଣ କରିବା ଉଚିତ । ଏବଂ ପର ଦିନ ପ୍ରଭାତରୁ କୃତନିତ୍ୟକ୍ରିୟ ହୋଇ ପୁନରାୟ ଶିବଙ୍କୁ ଯଥାଶକ୍ତି ଉପଚାରରେ ପୂଜା କରିବା ଉଚିତ । ତତ୍‌ପରେ ପଞ୍ଚ ଭୂସଂସ୍କାର ନକରି ବଳଦ ନାମକ ଅଗ୍ନିସ୍ଥାପନ କରି ସ୍ୱଶାଖୋକ୍ତ କୁଶାଣ୍ଡି କରି ଓଁ ତ୍ରିମ୍ବକଂ ଯଜାମହେ ଇତ୍ୟାଦି ମନ୍ତ୍ରରେ ହୋମ କରି ବ୍ରତ କଥା ଶ୍ରବଣ କରିବା ଉଚିତ ।

॥ ଓଁ ନମଃ ଶିବାୟ ॥

# ଶିବମହିମା ଓ ମହାଶିବରାତ୍ରି



ଡକ୍ଟର ମନୋରଞ୍ଜନ ବିଷୋୟୀ

ଶିବ ଉପାସନା ଆମ ସଂସ୍କୃତିର ଏକ ଉଦାର କଳ୍ପନା । ଶିବ ନିତ୍ୟ ମଙ୍ଗଳକାରୀ । ଶିବ ଯେଉଁ ଭାବଧାରାର ପ୍ରତୀକ; ସେଥିରେ ବିଶ୍ୱମଙ୍ଗଳ ହିଁ ନିହିତ । ସମଗ୍ର ବିଶ୍ୱର କଲ୍ୟାଣକାରୀ, ରକ୍ଷକ ଓ ବିଧାୟକ ଭାବେ ଶିବଙ୍କ ରୂପରେ ବ୍ରହ୍ମା ଓ ବିଷ୍ଣୁଙ୍କ ସମନ୍ୱୟ ଘଟିଛି । ତେଣୁ ସେ ସ୍ୱୟଂ ପରମେଶ୍ୱର । ଏହି ପରମେଶ୍ୱର ଜଗତ୍‌ପିତାଙ୍କ ଉପାସନା ବହୁ ପ୍ରାଚୀନ କାଳରୁ ପ୍ରତୀକାତ୍ମକ ଲିଙ୍ଗ ରୂପରେ ପ୍ରଚଳିତ । ବସ୍ତୁତଃ ଲିଙ୍ଗ ହେଉଛି ମୁଖ ହସ୍ତାଦି ଅଙ୍ଗ ବିହୀନ ଲମ୍ବ ପ୍ରସ୍ତର ବା ଧାତୁଖଣ୍ଡ ଏବଂ ଏହା ଶକ୍ତି ମଧ୍ୟସ୍ଥ ଗର୍ଭରେ ପ୍ରୋଥିତ । ଶିବଙ୍କ ମୂର୍ତ୍ତି ଲିଙ୍ଗ (ଉପସ୍ଥ) ଏବଂ ପାର୍ବତୀଙ୍କ ପ୍ରତୀକ ଶକ୍ତି (ଯୋନି) ରୂପରେ ପ୍ରତିଷ୍ଠିତ । ଏହି ଉଭୟ ଶକ୍ତିର ମିଳନରୁ ହିଁ ବ୍ରହ୍ମାଣ୍ଡର ସୃଷ୍ଟି ସମ୍ଭବ ହୋଇଥିଲା । ଲିଙ୍ଗ ହିଁ ସୃଷ୍ଟିର ପ୍ରତୀକ । ଏହାକୁ କିନ୍ତୁ ସର୍ପ ଆଚ୍ଛାଦିତ କରି ରଖିଥାଏ । ତେଣୁ ପ୍ରତ୍ୟେକ ଶିବଲିଙ୍ଗ ନାଗ ବେଷ୍ଟିତ । ଯାହା ସୃଷ୍ଟିକୁ କାଳ ଆଚ୍ଛାଦନ କରିରଖିବାର ପ୍ରତୀକ । ପ୍ରକୃତପକ୍ଷେ କହିବାକୁ ଗଲେ ଶକ୍ତି ଓ ଶିବଙ୍କୁ ଲିଙ୍ଗ ସ୍ୱରୂପ ପ୍ରତୀକାତ୍ମକ ଉପାସନା ହିଁ ଶିବ ଉପାସନା ପରମ୍ପରା । ଅତଏବ ପ୍ରକୃତି ଓ ପୁରୁଷଙ୍କର ମିଳନାତ୍ମକ ଉପାସନା ହିଁ ଶିବ ଉପାସନା । ଏ ପରିପ୍ରେକ୍ଷୀରେ କହିରଖେ ପ୍ରାଗ୍ ବୈଦିକ ଯୁଗରେ ପ୍ରଜନନ ଓ ଶସ୍ୟ ଉତ୍ପାଦନର ଶକ୍ତିଶାଳୀ ଦେବତା ରୂପେ ଲିଙ୍ଗ ଅନାର୍ଯ୍ୟ ବା ଅଷ୍ଟ୍ରିକ ଗୋଷ୍ଠୀ ଦ୍ୱାରା ପୂଜା ପାଉଥିଲେ । ପରେ ପରେ ଦ୍ରାବିଡ଼ ଗୋଷ୍ଠୀ ଦ୍ୱାରା କୃଷିକ୍ଷେତ୍ର ଓ ପଶୁପାଳନର ଅଧୀଶ୍ୱର ରୂପେ ପୂଜିତ ହେଲେ । ପରବର୍ତ୍ତୀ ସମୟରେ ଆର୍ଯ୍ୟମାନେ ମଧ ଏହି ଉଭୟ ସଂସ୍କୃତିର ଲିଙ୍ଗ ଉପାସନାକୁ ଗ୍ରହଣ କରିନେବା ସହ ଏହି ଉପାସନା ପରମ୍ପରାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ । ଋଗ୍ ବେଦରେ 'ଶିବ' ନାମରେ ଉଲ୍ଲେଖ ନଥିଲେ ହେଁ; ଶିବଙ୍କୁ ରୁଦ୍ର ରୂପରେ ବର୍ଣ୍ଣନା କରାଯାଇଛି । ପ୍ରକୃତପକ୍ଷେ କହିବାକୁ ଗଲେ ଆର୍ଯ୍ୟ ଏବଂ ଅନାର୍ଯ୍ୟ ଏହି ଦୁଇ ସଂସ୍କୃତିର ମିଶ୍ରଣରେ ଶୈବ ଉପାସନା ପରମ୍ପରାର ସୃଷ୍ଟି ।

ଏହି ଉପାସନା ପରମ୍ପରାକୁ ପରବର୍ତ୍ତୀ ସମୟରେ ଅନେକ ପ୍ରଚେତା ପ୍ରଚାର ଓ ପ୍ରସାର ଘଟାଇବା ସହ ଭାରତବର୍ଷର ବାରଗୋଟି ପ୍ରସିଦ୍ଧ ଶିବଲିଙ୍ଗ ଯଥା- ୧. ସୋମନାଥ, ୨. ଶ୍ରୀ ମଲ୍ଲିକାର୍ଜ୍ଜୁନ, ୩. ଶ୍ରୀ ମହାକାଳେଶ୍ୱର, ୪. ଓଁକାରେଶ୍ୱର, ୫. ଶ୍ରୀକେଦାରନାଥ, ୬. ଶ୍ରୀ ଭୀମଶଙ୍କର, ୭. ଶ୍ରୀ ବିଶ୍ୱେଶ୍ୱର, ୮. ତ୍ରୈମ୍ବକେଶ୍ୱର, ୯. ବୈଦ୍ୟନାଥ, ୧୦. ନାଗେଶ୍ୱର, ୧୧. ସେତୁବନ୍ଧୁ-ରାମେଶ୍ୱର, ୧୨. ଘୁସ୍ମେଶ୍ୱର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗର ମର୍ଯ୍ୟାଦା ଲାଭ କଲେ । ବିଶେଷ କରି ଗୁପ୍ତଯୁଗରେ ସଂଖ୍ୟାଧିକ ଶିବ ମନ୍ଦିର ନିର୍ମାଣ ଓ ଶିବ ଉପାସନା ଏହି ଶୈବ ପରମ୍ପରାକୁ ସାର୍ବଜନୀନ କରିପାରିଥିଲା । ଏପରିକି ଅନେକ ଶିବମନ୍ଦିରରେ ଲିଙ୍ଗ ଉପାସନା ସହ ଶିବଙ୍କ ମଙ୍ଗଳମୟ ମୂର୍ତ୍ତିକୁ ମଧ ଆରାଧନା କରାଯାଇଥାଏ । ଶିବଙ୍କ ମସ୍ତକରେ ଜଟା ଓ ତହିଁ ଉପରେ ସର୍ପର କିରୀଟ ସହ କୁଣ୍ଡଳ ଓ କଙ୍କଣ ସ୍ଥାନରେ ମଧ ସର୍ପ ଆଭୂଷଣ ଏବଂ ସର୍ବାଙ୍ଗରେ ଭସ୍ମ ତଥା ବ୍ୟାଘ୍ର ଛାଲରେ ବସ୍ତ୍ର ପରିହିତ । ଏହାସହ ଶିର ଉପରେ ପତିତପାବନୀ ଗଙ୍ଗା ଓ ଲଲାଟରେ ଅର୍ଦ୍ଧଚନ୍ଦ୍ର ଏବଂ ତ୍ରିନେତ୍ର ସୁଶୋଭିତ । ଏହାସହ କଣ୍ଠରେ ରୁଦ୍ରାକ୍ଷ, ହସ୍ତରେ ଡମ୍ବରୁ ଓ ତ୍ରିଶୂଳ । ଏ ପରିପ୍ରେକ୍ଷୀରେ କହିରଖେ ସର୍ପକୁ ଆଭୂଷଣ, କାମନାଶୂନ୍ୟ ଚିତାଭସ୍ମକୁ ବିଭୂତି ଆଖ୍ୟା ପ୍ରଦାନ କରି ସର୍ବାଙ୍ଗରେ ଲେପନ କରିଥିବା ଶିବ ହେଉଛନ୍ତି ଯଥାର୍ଥରେ ତ୍ୟାଗର ପ୍ରତୀକ । ଏପରିକି ତ୍ରିଶୂଳ ଓ ଡମ୍ବରୁ ହେଉଛି ଶସ୍ତ୍ର ଓ ଶାସ୍ତ୍ରର ପରିଚାୟକ । ଏହା ଶିବଙ୍କ ଅନୁଶାସନର ପ୍ରତୀପ । ଭାଲପଟରେ ଶୋଭା ପାଉଥିବା ଦ୍ୱିତୀୟା ଚନ୍ଦ୍ର ପୂର୍ଣ୍ଣତାର ପରିଚାୟକ । ଯଥାର୍ଥରେ ଶିବ ଶବ୍ଦର ଅର୍ଥ କଲ୍ୟାଣ । ଜୀବ ଅହର୍ନିଶ ସଭିଙ୍କ କଲ୍ୟାଣ କଲେ ହିଁ ଶିବ ପଦବାଚ୍ୟ ହୋଇଥାଏ । ଫଳତଃ ଶିବ ମହିମାରେ ଆତ୍ମବିଭୋର ହୋଇ; ନିତ୍ୟ ମଙ୍ଗଳକାରୀ ଶିବଙ୍କର ନାନାଦି ଉପଚାର ଯୁକ୍ତ ଆରାଧନା ପ୍ରଚଳିତ ହୋଇ ଆସୁଛି । ଏହି ଧାରାରେ ମହାଶିବରାତ୍ରି ହେଉଛି ଆମ ସଂସ୍କୃତିର ଏକ ସମନ୍ୱୟାତ୍ମକ ମହୋତ୍ସବ । ପ୍ରାଚୀନ କାଳରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଅଗଣିତ ନରନାରୀ ଏହି ଉପାସନା ପାଳନ କରି ଆସୁଛନ୍ତି । ଏପରିକି ବୈଷ୍ଣବୀୟ ଭାବଧାରାର ସ୍ପର୍ଶରେ ହରି ଓ ହର ଉଭୟ ଏକ ଓ ଅଭିନ୍ନ ପାଲଟିଯିବା ସହ ମହାଶିବରାତ୍ରି ସ୍ୱକୀୟ ବୈଶିଷ୍ଟ୍ୟ ପ୍ରତିପାଦନ ପୂର୍ବକ ଏକ ଜୟନ୍ତୀ ରୂପ ସ୍ୱୀକୃତ ଲାଭ କରିଅଛି । ଈଶାନ ସଂହିତା ବର୍ଣ୍ଣନାନୁସାରେ ମହାଶିବରାତ୍ରିର ପୁଣ୍ୟ ରଜନୀରେ ହିଁ ଶିବ ଲିଙ୍ଗର ଆବିର୍ଭାବ ହୋଇଥିଲା । ଏପରିକି ଶିବଲିଙ୍ଗର



ଆର୍ବିର୍ଭାବକୁ ନେଇ ପୁରାଣଶାସ୍ତ୍ରରେ ବହୁ ଆଖ୍ୟାୟିକା ପ୍ରଚଳିତ ଥିଲେ ମଧ ପ୍ରତ୍ୟେକ ଏହି ପୁଣ୍ୟ ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀର ତାମସୀ ରାତ୍ରିକୁ ମହାଶିବରାତ୍ରି ଅର୍ଥାତ୍ ଶିବଲିଙ୍ଗର ଆବିର୍ଭାବ ମୁହୂର୍ତ୍ତ ଭାବେ ସ୍ୱୀକାର କରିଆସୁଛନ୍ତି । ଏହିଦିନ ପ୍ରତ୍ୟେକ ଶୈବପୀଠରେ ସାମୂହିକ ଭାବରେ ଏହି ପର୍ବ ପାଳନ କରାଯାଏ । ଏହି ଦିନ ବ୍ରତ ପାଳନ କରୁଥିବା ପ୍ରତ୍ୟେକ ନରନାରୀ ଶିବ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରିବା ସହ ଉଜାଗର ରହି ଉପବାସ କରିଥାନ୍ତି । ଏହାସହ ବିଶ୍ୱକଲ୍ୟାଣ ଲାଗି ଶିବଲିଙ୍ଗରେ ଶାସ୍ତ୍ରମତେ ବିଶେଷ ପୂଜାର୍ଚ୍ଚନା କରାଯାଇଥାଏ । ରାତ୍ରିର ପ୍ରଥମ ପ୍ରହରରେ ଦୁଗ୍ଧ, ଦ୍ୱିତୀୟ ପ୍ରହରରେ ଦଧି, ତୃତୀୟ ପ୍ରହରରେ ଘୃତ ସହ ଚତୁର୍ଥ ପ୍ରହରରେ ମଧୁ ଦ୍ୱାରା ଶିବ ଲିଙ୍ଗକୁ ସ୍ନାନ କରାଯାଇଥାଏ । ଏପରିକି ସାରା ରାତି ଉଜାଗର ରହି ଦୀପ ଜାଳି ଶିବନାମ ଜପ ଓ ସ୍ମରଣ କରାଯାଏ । ତେଣୁ ଏହି ପର୍ବକୁ ଜାଗର ମଧ କୁହାଯାଏ । ବସ୍ତୁତଃ ମହାଶିବରାତ୍ରିର ବିଶେଷ ଆକର୍ଷଣ ହେଉଛି ରାତ୍ରିର ଶେଷ ପ୍ରହରରେ ମନ୍ଦିର ଶିଖରକୁ ଉଠୁଥିବା ଦିବ୍ୟ ଜ୍ୟୋତି ସ୍ୱରୂପ ମହାଦୀପ । ଏ ପରିପ୍ରେକ୍ଷୀରେ କହିରଖେ ଦୀପଜ୍ୟୋତିକୁ ପରଂବ୍ରହ୍ମ ତଥା ପାପନାଶକ ଶକ୍ତି ରୂପେ ମାନ୍ୟତା ପ୍ରଦାନ କରାଯାଇଛି । ତେଣୁ ଲକ୍ଷ ଲକ୍ଷ ଭକ୍ତ ଶିବରାତ୍ରି ଉପବାସ କରି ମହାଦୀପ ଉଠିବାର ଶୁଭ ମୁହୂର୍ତ୍ତକୁ ପ୍ରତୀକ୍ଷା କରିଥାଆନ୍ତି । ଏହି ମହାଦୀପ ଦର୍ଶନ ପରେ ମହାଦୀପକୁ ପ୍ରଣିପାତ କରି ଶିବଭକ୍ତିରେ ବିଭୋର ହେବା ସହ ବ୍ରତ ଉଦ୍‌ଯାପନ କରିଥାନ୍ତି ।

+ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ସଂପର୍କ: ୮୮୯୫୧୪୧୭୨୭

# ବାରମ୍ବାର ମୁହଁ ଧୋଇବା ହୋଇପାରେ କ୍ଷତିକାରକ

ବାହାରୁ ଘରକୁ ଆସିଲେ, କିମ୍ବା ଟିକେ ଝାଳ ଲାଗିଲେ ଆମେ ମୁହଁ ବାରମ୍ବାର ଧୋଇଥାଉ । ଏହାଦ୍ୱାରା ତ୍ୱଚା ଅଏଲ ଫ୍ରି ହେବା ସହ ମଇଳା ମଧ ଜମି ନ ଥାଏ । କିନ୍ତୁ ମୁହଁ କେତେଥର ଧୋଇଲେ ଏହା ଆମ ତ୍ୱଚାରେ ଚମକ ଆଣିଥାଏ, ଅଧିକ ଧୋଇଲେ ଏହାର ନକରାତ୍ମକ ପ୍ରଭାବ ତ ପଡିନଥାଏ, ଏସବୁ ସମସ୍ୟାର ସମାଧାନ ବିଷୟରେ ଜାଣିଛନ୍ତି କି ? ଯଦି ଆପଣଙ୍କ ସ୍କିନ ଅଏଲି, ତେବେ ଆପଣ ଦିନକୁ ୨ ଥର ମୁହଁ ଧୋଇ ପାରିବେ । ଏହାଦ୍ୱାର ଆପଣଙ୍କ ତ୍ୱଚା ଗ୍ଲୋ କରିବା ସହ ମୁହଁରେ ଚମକ ବଜାୟ ରହିବ । କିନ୍ତୁ ଯେଉଁମାନଙ୍କ ତ୍ୱଚା ଡ୍ରାଏ ସେମାନେ ଦିନକୁ ଥରେ ମୁହଁ ଧୋଇବା ଆବଶ୍ୟକ । ବାରମ୍ବାର ମୁହଁ ଧୋଇଲେ ସ୍କିନ ଡ୍ରାଏ ହେବା ସହ ପୋଡିବା ପରି ସମସ୍ୟା ମଧ ଦେଖାଯାଏ । ଯେଉଁମାନଙ୍କ ତ୍ୱଚା ବହୁତ ନମନୀୟ, ସେମାନେ ଦିନକୁ ଅଧିକ ଥର ମୁହଁ ଧୋଇଲେ, ଏହା ରୁକ୍ଷ ହୋଇଯାଏ । ଏକ୍ସପର୍ଟଙ୍କ କହିବାନୁଯାୟୀ, ଦିନକୁ ଅତି କମ୍‌ରେ ୨ ଥର ମୁହଁ ଧୋଇବା ଆବଶ୍ୟକ । ଥରେ ସକାଳେ ଓ ଥରେ ସନ୍ଧ୍ୟାରେ । ସକାଳୁ ମୁହଁ ଧୋଇଲେ ମୁହଁରେ ଜମିଥିବା ମଇଳା ନିର୍ଗତ ହୋଇଯାଇଥାଏ ଓ ଆମକୁ ଫ୍ରେଶ ଲାଗିଥାଏ ।

♦ ଫେଶୱାଶର ବ୍ୟବହାର କରିବା ସମୟରେ ପ୍ରଥମେ ହାତକୁ ଭଲ ଭାବେ ଧୋଇ ଦିଅନ୍ତୁ । ଏହାଦ୍ୱାରା ହାତରେ ଥିବା ମଇଳା ମୁହଁ ପର୍ଯ୍ୟନ୍ତ ଯାଇ ନ ଥାଏ । ସବୁବେଳେ ଯଥାସାଧ ଚେଷ୍ଟା କରନ୍ତୁ, ମୁହଁକୁ ପ୍ରଥମେ ପାଣିରେ ଧୋଇ ଦିଅନ୍ତୁ ଏହାପରେ ଫେଶୱାଶ ବ୍ୟବହାର କରନ୍ତୁ ।

♦ ଫେଶୱାଶ ଲଗାଉଥିଲେ ପ୍ରଥମେ ଏହାକୁ ଚେହେରାରେ କିଛି ସମୟ ଛାଡି ଦିଅନ୍ତୁ । ଅତି କମ୍‌ରେ ୨ ମିନିଟ୍‌ରେ ମୁହଁକୁ ହାଲକା ଭାବେ ରଗଡି ଧୋଇ ଦିଅନ୍ତୁ ।

♦ ଆବଶ୍ୟକତରଠାରୁ ଅଧିକ ସମୟ ମୁହଁକୁ ଧୁଅନ୍ତୁ ନାହିଁ । ଏହା ଚେହେରା ଲାଗି କ୍ଷତିକାରର ହୋଇଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ତାମିଲନାଡୁରେ ରାଜନୀତି ହାୱା...

ଆସନ୍ତା ବିଧାନସଭା ନିର୍ବାଚନ ପୂର୍ବରୁ ତାମିଲନାଡୁ ରାଜନୀତିରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି । ଏପ୍ରିଲ ୬ ତାରିଖ ଦିନ ଭୋଟ ଗ୍ରହଣ ନିମନ୍ତେ ଆଉ ମାତ୍ର ଗୋଟିଏ ମାସରୁ କମ୍ ସମୟ ଥିବାବେଳେ ଏବେସୁଦ୍ଧା କୌଣସି ଦଳ ଓ ମେଂଟ ସ୍ଥିରଭାବେ ନିର୍ବାଚନ କଥା ଚିନ୍ତା କରିପାରି ନାହାଁନ୍ତି । ମଙ୍ଗଳବାର ଦିନ ଶାସନ କ୍ଷମତାସୀନ ଏଆଇଡିଏମକେ'ର ହାତ ଛାଡ଼ିଛି ଡିଏମଡିକେ । ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦୁଇ ଦଳ ପରସ୍ପର ସହ ହାତ ମିଳାଇ ମେଂଟ କରିଥିଲେ । କିନ୍ତୁ ଆସନ୍ତା ନିର୍ବାଚନରେ ଆସନ ବୁଝାମଣା ଓ ବଂଟାକୁ ନେଇ ଦୁଇ ଦଳ ନିଜ ନିଜ ବାଟ ଆପଣାଇଛନ୍ତି । ଡିଏମଡିକେ ପ୍ରମୁଖ କ୍ୟାପଟେନ ବିଜୟକାନ୍ତ ଏନଡିଏ ମେଂଟରୁ ତାଙ୍କ ଦଳ ଓହରିଯିବା ସୂଚନା ବିଧିବଦ୍ଧ ଭାବେ ଘୋଷଣା କରିଥିବାବେଳେ ଦଳର ଉପ-ସାଧାରଣ ସଂପାଦକ ଏଲ.କେ ସୁଧୀଶ କହିଛନ୍ତି ଯେ, ଆଗାମୀ ନିର୍ବାଚନରେ ଏଆଇଏଡିଏମକେ'କୁ ହରାଇବା ତାଙ୍କ ଦଳର ମୁଖ୍ୟ ଭୂମିକା ହେବ । ନିର୍ବାଚନ ପୂର୍ବରୁ ପ୍ରତି ମେଂଟରେ ଶାସନ ବଂଟାକୁ ନେଇ ଏପରି ବଳ କଷାକଷି ହୁଏ ଓ କେଉଁଠି ତାହା ଫାଟିଯାଏ ତ ଆଉ କେଉଁଠି ତାହା ତୁଟିଯାଏ । ସବୁ ମେଂଟ ଦଳ ଅଧିକ ଆସନ ଆଶା କରନ୍ତି । ଆଲୋଚିତ ପ୍ରସଙ୍ଗରେ ଡିଏମଡିକେ ଦଳ ପ୍ରଥମେ ୨୯ଟି ଆସନ ପାଇଁ ଅଡ଼ି ବସିଥିଲା ଓ ପରେ ଏହି ସଂଖ୍ୟାକୁ ୨୩କୁକ କମାଇଥିଲା । କିନ୍ତୁ ମେଂଟର ମୁଖ୍ୟ ଦଳ ଭାବେ ଏଆଇଏଡିଏମକେ ନେତୃବର୍ଗ ଡିଏମଡିକେ'କୁ ୧୩ଟିରୁ ଅଧିକ ଆସନ ଦେବାକୁ ରାଜି ହୋଇନଥିଲେ । ତେଣୁ ଏକାଧିକ ପର୍ଯ୍ୟାୟ ମୂଳଚାଲ ପରେ ଶେଷରେ ମେଂଟରୁ ଓହରିଯିବାକୁ ସ୍ଥିର କରିଛି ଡିଏମଡିକେ । ଏହି ଦଳ ତାମିଲନାଡୁ ରାଜନୀତିରେ ସେପରି ପ୍ରଭାବ ବିସ୍ତାର ନକଲେ ସୁଦ୍ଧା ରାଜ୍ୟର ଉତ୍ତର ଓ ଦକ୍ଷିଣାଂଚଳରେ ଏହାର ପ୍ରଭାବ ରହିଛି, ଯାହା ୨୦୧୧ ବିଧାନସଭା ନିର୍ବାଚନରେ ଲକ୍ଷ୍ୟ କରାଯାଇଥିଲା । ଏବେ ବିଜୟୀ ନହେଲେ ସୁଦ୍ଧା ଏନଡିଏ ମେଂଟର ଭୋଟ କାଟି ଦଳୀୟ ପ୍ରାର୍ଥୀଙ୍କୁ ପରାଜିତ କରିବାରେ ଏହା ମୁଖ୍ୟ ଭୂମିକା ଗ୍ରହଣ କରିପାରେ । ତେଣୁ ଜୟଲଳିତାଙ୍କ ଅବର୍ତ୍ତମାନ ତଥା ଶଶିକଳାଙ୍କ ଅନୁପସ୍ଥିତିରେ ମୁଖ୍ୟମନ୍ତ୍ରୀ ଇ. ପାଲାନିସ୍ୱାମୀଙ୍କ ପାଇଁ ଏଥର ନିର୍ବାଚନ ବୈତରଣୀ ପାର ହେବା ସେତେଟା ସହଜସାଧ୍ୟ ହୋଇନପାରେ । ବିଜେପି ୨୦ ଏବଂ ପିଏମକେ ୨୩ଟି ଆସନରେ ଲଢୁଥିବାରୁ ସେମାନଙ୍କ ସଫଳତା ଦଳପାଇଁ ସେତେ ସହାୟକ ହୋଇନପାରେ । ଇତିପୂର୍ବରୁ ରଜନୀକାନ୍ତ ମଧ୍ୟ ତାମିଲନାଡୁ ରାଜନୀତିରୁ ସ୍ୱାସ୍ଥ୍ୟଗତ କାରଣରୁ ଓହରି ଯାଇଛନ୍ତି । ତେଣୁ ଯଥାପୂର୍ବ ଏ ନିର୍ବାଚନ ମଧ୍ୟ ଏଆଇଏଡିଏମକେ ଏବଂ ଡିଏମକେ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେବ । କଂଗ୍ରେସ ହୁଅନ୍ତୁ ଅବା ବିଜେପି, ଏମାନେ ରଥୀ ନୁହଁନ୍ତି ସାରଥୀର ଭୂମିକା ଗ୍ରହଣ କରିବେ । ଆଂଚଳିକ ଦଳ ଭାବେ ତାମିଲନାଡୁ ରାଜନୀତିରେ ଉପରୋକ୍ତ ଦୁଇ ଦଳଙ୍କ ପ୍ରଭାବ ଏବେ ବି ଅକ୍ଷୁର୍ଣ୍ଣ ରହିଛି । ଏମ.ଜି. ରାମଚନ୍ଦ୍ରନ ଅବା ଏମ. କରୁଣାନିଧି ପଛେ ନଥାନ୍ତୁ, ଦଳ ଭିତରେ ନେତୃତ୍ୱ ନେଇ ଯେତେ ଟଣାଓଟରା ପଛେ ଲାଗୁ, ତାମିଲ ଭୋଟର ସଦାବେଳେ ଏହି ଦୁଇ ଦଳଙ୍କ ସପକ୍ଷରେ ହିଁ ଭୋଟ ଦେଇଥାନ୍ତି । ଚଳିତ ନିର୍ବାଚନରେ ଡିଏମକେ ଓ କଂଗ୍ରେସ ଅନୁରୂପ ଭାବେ ଆସନ ବଂଟାକୁ ନେଇ ଅଡୁଆ ସ୍ଥିତିରେ ରହିବା ପରେ ଶେଷରେ ସେମାନଙ୍କ ବିବାଦ ତୁଟିଛି । ଆଂଚଳିକ ଦଳ ଡିଏମକେର ହାତଟେକା ସଂଖ୍ୟା (୨୫)କୁ ବାଧ୍ୟ ହୋଇ କଂଗ୍ରେସ ଗ୍ରହଣ କରିଛି । ଦୀର୍ଘ ୧୦ବର୍ଷ ଧରି ଶାସନ କ୍ଷମତାରୁ ବାହାରେ ରହି ଡିଏମକେ ରାଜ୍ୟରେ କ୍ଷମତାକୁ ଫେରିବା ଲାଗି ଯେତିକି ତତ୍ପର, ଦଳୀୟ କନ୍ଦଳ ଓ ନେତୃତ୍ୱ ବିବାଦ ସତ୍ତ୍ୱେ ଏ ନିର୍ବାଚନରେ ଜିଣି ପୁଣି ଥରେ ସରକାର ଗଢ଼ିବାଲାଗି ଇଡାପାଡ଼ି ପାଲାନିସ୍ୱାମୀ ସେତିକି ବ୍ୟଗ୍ର । ଏହା କେବଳ ଦଳକୁ କ୍ଷମତାସୀନ କରାଇବ ନାହିଁ, ଶଶିକଳାଙ୍କ ଅନୁପସ୍ଥିତିରେ ପାଲାନିସ୍ୱାମୀଙ୍କ ନେତୃତ୍ୱକୁ ଜାହିର କରିବ । ତେଣୁ ବିଜେପି ସହ ମେଂଟ ବାନ୍ଧି ଏଆଇଏଡିଏମକେ ଏଥର ନିର୍ବାଚନରେ ବିକାଶ ଓ ସାଧାରଣ ଲୋକଙ୍କ ହିତ ଲାଗି ତାଙ୍କ ସରକାରର ଦରଦକୁ ମୁଖ୍ୟ ମୁଦ୍ଦା କରିଛି । ଏଆଇଏଡିଏମକେ କ୍ଷମତାକୁ ଫେରିଲେ ବିଜେପି ସେଇ ମଉକାରେ ଦାକ୍ଷିଣାତ୍ୟ ରାଜ୍ୟରେ ନିଜର ପ୍ରଭାବ ବିସ୍ତାର କରିବ । ତେଣୁ ସବୁକିଛି ନିର୍ଭର ମତଦାତାଙ୍କ ଉପରେ । ସେମାନେ କାହାକୁ ପସନ୍ଦ କରିବେ ଓ କାହାକୁ ପ୍ରତ୍ୟାଖ୍ୟାନ କରିବେ, ତାହାର ଉତ୍ତର ମେ' ୨ ତାରିଖ ପର୍ଯ୍ୟନ୍ତ ଅପେକ୍ଷା ।

# ମୁକ୍ତି ଜୀବନ ମୁକ୍ତି ପ୍ରାପ୍ତିର ସ୍ମୃତି ପର୍ବ-ମହାଶିବ ରାତ୍ରି

ରାଜଯୋଗିନୀ ବ୍ରହ୍ମାକୁମାରୀ ମଞ୍ଜୁ
ଶାନ୍ତିକୁଣ୍ଡ, ଗିରିରୋଡ
ବ୍ରହ୍ମପୁର-୫ (ଗଞ୍ଜାମ)



ପ୍ରଚଳିତ ପର୍ବପର୍ବାଣୀମାନଙ୍କର ଆଧ୍ୟାତ୍ମିକତା ସହ ଏକ ଅଲୌକିକ ଏବଂ ଅନୁପମ ସମ୍ବନ୍ଧ ରହିଛି । ଏହି ପର୍ବ ପାଳନ ଦ୍ୱାରା ଭୌତିକତାର ନିର୍ମମ ବାତାବରଣରେ ପୀଡ଼ିତ ମାନବ ସମାଜ ପରମ ଶାନ୍ତି, ଆନନ୍ଦ ଓ ସୁଖ ପ୍ରାପ୍ତି କରନ୍ତି, କିନ୍ତୁ କେବଳ ପର୍ବ ପାଳନ ଅପୂର୍ଣ୍ଣ ଅଟେ । ଆଧ୍ୟାତ୍ମିକ ଗୃହ୍ୟ ରହସ୍ୟ ଏହାର ଆତ୍ମା ଅଟେ । ଏଣୁ ବାସ୍ତବରେ ଆଧ୍ୟାତ୍ମିକ ରହସ୍ୟରେ ପରିପୂର୍ଣ୍ଣ ପ୍ରତ୍ୟେକ ପର୍ବ ଆମ ସଂସ୍କୃତିର ସଂରକ୍ଷକ ଅଟନ୍ତି ତଥା ଲୁପ୍ତପ୍ରାୟ ରୀତିନୀତି ପରମ୍ପରାକୁ ଜାଗ୍ରତ କରନ୍ତି ଶିବରାତ୍ରି ସେହି ମୁଖ୍ୟ ପର୍ବମାନଙ୍କ ମଧ୍ୟରୁ ଅନ୍ୟତମ । କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହାର ଶ୍ରେଷ୍ଠତା, ପବିତ୍ରତା ମହାନତା ତଥା ଅଲୌକିକତା ଲୁପ୍ତ ହୋଇଛି । କାରଣ ଅଜ୍ଞାନ ଅନ୍ଧକାର ରୂପୀ ରାତ୍ରି ରହିଯାଇଛି ଏବଂ 'ଶିବ' ବିସ୍ମୃତ ହୋଇଯାଇଛି । ରାତ୍ରିର ଗହନତମ କାଳିମା ମାନବ ସମାଜକୁ ଶିବଙ୍କ ଠାରୁ ଦୂର କରି ଆଣିବ ଦିଶାକୁ ନେଇଯାଇଛି । ଯଦ୍ୱାରା ଶିବରାତ୍ରି ଅର୍ଥାତ୍ ଶୁଭରାତ୍ରି ବିଷରାତ୍ରି ଏବଂ କାଳରାତ୍ରିରେ ପରିଣତ ହୋଇଯାଇଛି । ବର୍ତ୍ତମାନ ସର୍ବତ୍ର ଦୃଷ୍ଟିଗୋଚର ହେଉଛି ଅଜ୍ଞାନ-ଅନ୍ଧକାରମୟ ରାତ୍ରିର ବିସ୍ତୃତ ସାମ୍ରାଜ୍ୟ ତଥା ଦୁଃଖ ଏବଂ ଅଶାନ୍ତିର ନିର୍ମମ ଅଟ୍ଟହାସ୍ୟ ।

ଅଧୁନା ଶିବଙ୍କ ଠାରୁ ବିମୁଖ ଆଜି ପ୍ରତ୍ୟେକ ମାନବ 'ଶବ'ରେ ପରିବର୍ତ୍ତନ ହୋଇଯାଇଛି । ଯାହାର ପ୍ରତ୍ୟେକ ସଂକଳ୍ପ, ବାଣୀ, କର୍ମ 'ଶବସ୍ମୃତି' ଅର୍ଥାତ୍ 'ମୁଁ ଶରୀର ଅଟେ'- ଏହି ଭାବନାରେ ପରିଚାଳିତ ହେଉଛି, ଜୈବିକ ଦୈହିକ ଓ ଭୌତିକ ତାପରେ ସଂପୂର୍ଣ୍ଣ ବିଶ୍ୱଚିତ୍କାର କରି ଉଠୁଛି । କର୍ମ ଗତିର ଜ୍ଞାନ ନହେବା କାରଣରୁ ଜୀବନ ରୋଗ, ଶୋକ ଏବଂ ଦୁଃଖର ପରିପୂର୍ଣ୍ଣ ହୋଇଯାଇଛି ।

ବାସ୍ତବିକ ରାତ୍ରି ଶବ୍ଦର ଅର୍ଥ- ଅଧର୍ମ, ଅପବିତ୍ରତା, ଅନଭିଜ୍ଞତା, ଅପରାଧ, ସଂକୀର୍ଣ୍ଣ ଦୃଷ୍ଟିକୋଣ ତଥା ଦୁର୍ଭାଗ୍ୟର ସଙ୍କେତ ଅଟେ ଏବଂ ଏହାର ମାତ୍ରା କଳିଯୁଗର ଅନ୍ତିମ ଚରଣରେ ଅତ୍ୟଧିକ ହୋଇଥାଏ । ଏହି ସମୟରେ ହିଁ ବ୍ରହ୍ମଲୋକ ନିବାସୀ ନିରାକାର ପରମପିତା ଶିବ ଏକ ସାଧାରଣ ଅନୁଭବୀ ବୃଦ୍ଧ ମାନବ ପ୍ରଜାପିତା ବ୍ରହ୍ମାଙ୍କ ଶରୀରରେ ଦିବ୍ୟ ଅବତରଣ କରି ବହୁ ସମୟରୁ ଲୁପ୍ତ - ପ୍ରାୟ ଈଶ୍ୱରୀୟ ଜ୍ଞାନ ତଥା ସହଜ ରାଜଯୋଗ ଶିକ୍ଷା ଦିଅନ୍ତି ତଥା ବିଷୟ ବିକାର ରୂପୀ କାଳିମାରେ ଲିପ୍ତ, ଅଜ୍ଞାନ ନିଦ୍ରାରେ ସୁପ୍ତ ମନୁଷ୍ୟକୁ ଶାଶ୍ୱତ ଜ୍ଞାନ, ପ୍ରେମ, ସୁଖ, ଆନନ୍ଦ, ପବିତ୍ରତା ଆଦି ଦିବ୍ୟ ଗୁଣର ବରଦାନ ଦେଇ ଏହି କଳିଯୁଗୀ ଦୁଃଖଦାୟୀ ବନ୍ଧନରୁ ମୁକ୍ତିପ୍ରାୟ କରାନ୍ତି ତଥା ଜୀବନ ମୁକ୍ତି ଅର୍ଥାତ୍ ଭବିଷ୍ୟ ସତ୍ୟଯୁଗୀ ଦୈବୀ ରାଜ୍ୟର ଅଧିକାରୀ କରାଇଥାନ୍ତି । ଏଣୁ ପରମାତ୍ମାଙ୍କର ଏହି ଅଜ୍ଞାନତା ରୂପୀ ମହାରାତ୍ରିକୁ ସମାପ୍ତ କରିବାର ଆଧ୍ୟାତ୍ମିକ ରହସ୍ୟମୁକ୍ତ ଦିବ୍ୟ ଅବତରଣର ସ୍ମୃତି ଉତ୍ସବକୁ 'ମହାଶିବରାତ୍ରି' କୁହାଯାଏ । ଶିବରାତ୍ରି ସାଧାରଣତଃ ଫାଲଗୁନ ମାସ କୃଷ୍ଣମାସ ଚତୁର୍ଦ୍ଦଶୀ ରାତ୍ରିରେ ପାଳିତ ହୋଇଥାଏ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦ୍ୱାପର ଯୁଗ ଏବଂ କଳିଯୁଗକୁ 'ରାତ୍ରି' ଅଥବା କୃଷ୍ଣପକ୍ଷ କୁହାଯାଏ । ଯେଉଁଠାରେ ମନୁଷ୍ୟ ଆତ୍ମାମାନେ ଅପବିତ୍ର, ଦୁଃଖୀ ଅଶାନ୍ତିମୟ ବାତାବରଣରେ କାଳାତିପାତ କରନ୍ତି । ଏହି ପରିପ୍ରେକ୍ଷୀରେ କଳିଯୁଗ ସମାପ୍ତ ହେବା କିଛି ସମୟ ପୂର୍ବରୁ ଯେତେବେଳେ କି ସମଗ୍ର ସୃଷ୍ଟି ଅତ୍ୟନ୍ତ ଅନ୍ଧକାରଚ୍ଛନ୍ନ ଥାଏ, ସେହି ସମୟରେ ହିଁ ପରମାତ୍ମା 'ଶିବ' ମନୁଷ୍ୟାତ୍ମାମାନଙ୍କୁ ଈଶ୍ୱରୀୟ ଜ୍ଞାନଦ୍ୱାରା ସତୋପ୍ରଧାନ ପବିତ୍ର କରାଇବାରେ ଦିବ୍ୟ କଲ୍ୟାଣକାରୀ କର୍ତ୍ତବ୍ୟ କରିଥାଆନ୍ତି । ଏଣୁ 'ଶିବ'ଙ୍କ ସମ୍ବନ୍ଧ ରାତ୍ରି ସହ ସମ୍ପୃକ୍ତ ହୋଇଛି ତଥା ରାତ୍ରି ସମୟରେ ହିଁ ଶିବଙ୍କ ଆରାଧନା, ବନ୍ଦନା ଓ ପୂଜାବିଧିକୁ ଅତ୍ୟନ୍ତ ମହତ୍ତ୍ୱ ପ୍ରଦାନ କରାଯାଇଛି ।

ପରମାତ୍ମା 'ଶିବ' ଜନ୍ମମରଣ ଚକ୍ରରୁ ସଦାମୁକ୍ତ ରହିଥିବାରୁ ସେ ସର୍ବ ମନୁଷ୍ୟମାନଙ୍କ ଠାରୁ ଶ୍ରେଷ୍ଠ ମହାନ ଅଟନ୍ତି । ତଥାପି ତାଙ୍କ ରୂପ ହେଉଛି ମନୁଷ୍ୟାତ୍ମାଙ୍କ ଭଳି ଦିବ୍ୟ 'ଜ୍ୟୋତିବିନ୍ଦୁ' ସଦୃଶ । ତାଙ୍କ ସାକ୍ଷାତକାର କେବଳ ଦିବ୍ୟ ଚକ୍ଷୁଦ୍ୱାରା ହିଁ ସମ୍ଭବ ହୋଇପାରେ, କିନ୍ତୁ ଯେହେତୁ ସୂକ୍ଷ୍ମାତିସୂକ୍ଷ୍ମ ବିନ୍ଦୁ ଆକୃତିର କୌଣସି ପ୍ରତିମା ତିଆରି ହୋଇପାରିବ ନାହିଁ ତେଣୁ ଭକ୍ତି ଏବଂ ପୂଜା ପାଇଁ ତାଙ୍କ ପ୍ରତିମାକୁ ଏକ ବଡ଼ ମଣ୍ଡଳାକାର ରୂପ ଦିଆଯାଇଥାଏ । ଭାରତର କୋଣେ ଅନୁକୋଣେ ପରମାତ୍ମା ଶିବଙ୍କର ହିଁ ଜ୍ୟୋତିଲିଙ୍ଗ ମନ୍ଦିର ଦୃଷ୍ଟିଗୋଚର ହୁଏ । ସେଗୁଡ଼ିକ ଗୁଜୁରାଟରେ ସୌରାଷ୍ଟ୍ରର ଆରବ ସାଗର ତଟରେ ସୋମନାଥ, ଦାରୁକା ବନରେ ନାଗେଶ୍ୱର, ଆନ୍ଧ୍ରପ୍ରଦେଶର ଶୈଳ ପର୍ବତ ଶିଖର ଶ୍ରୀ ଶୈଳମ୍ ଠାରେ ମଲ୍ଲିକାର୍ଜ୍ଜୁନ ମଧ୍ୟପ୍ରଦେଶର ଉଜ୍ଜୟିନୀରେ ସିପ୍ରା ନଦୀ ତୀରରେ ମହାକାଳେଶ୍ୱର, ବିନ୍ଧ୍ୟାଞ୍ଚଳରେ ଓଁ କାରେଶ୍ୱର, ମହାରାଷ୍ଟ୍ରର ପରଲୀଠାରେ ବୈଦ୍ୟନାଥ, ଡ଼ାକିନୀରେ ଭୀମ ଶଙ୍କର, ଗୋମତୀ ତଟରେ ତ୍ରୟମ୍ବକେଶ୍ୱର, ତାମିଲନାଡୁର ସେତୁବନ୍ଧରେ ରାମେଶ୍ୱର, ଉତ୍ତରପ୍ରଦେଶର ବନାରସରେ କାଶୀ ବିଶ୍ୱନାଥ, ଦେବ ସରୋବରର ଶିଳାଳୟରେ ଘୁଷ୍ମେଶ୍ୱର, ହିମାଞ୍ଚଳ ପ୍ରଦେଶର ହିମାଳୟର ଶିଖର ଦେଶରେ କେଦାରନାଥ ଆଦି ।

ଆମ ଭାରତ ବ୍ୟତୀତ ଅନ୍ୟ ଧର୍ମ ଏବଂ ଦେଶରେ ମଧ ନିଜ ନିଜ ନିୟମ, ପ୍ରଥା ଓ ପରମ୍ପରା ଅନୁସାରେ ଏହି ନାମ ଏବଂ ସ୍ୱରୂପ ପ୍ରତି ସ୍ନେହ ସମ୍ମାନ ମାନ୍ୟତା ... ବ୍ୟକ୍ତ କରାଯାଇଥାଏ । ଯେପରିକି ମକ୍କାରେ ମୁସଲିମ୍ ସମ୍ପ୍ରଦାୟଙ୍କ ଏହି ସ୍ମରଣ ଚିହ୍ନ ''ସଙ୍ଗ୍-ଏ-ଅସବଦ'' ନାମରେ ପରିଚିତ । ଜାପାନରେ ଏପରି ଏକ ଅଣ୍ଡାକୃତ ପଥର ''ଚିଙ୍ଗୋସେକି'' ସମ୍ମୁଖରେ ବସି ଲୋକେ ଧ୍ୟାନ ମଗ୍ନ ହୁଅନ୍ତି । ଇସାମସିହ ପରମାତ୍ମାଙ୍କୁ ଏକ ଦିବ୍ୟ ଜ୍ୟୋତି (କାଇଣ୍ଡଲି ଲାଇଟ୍) ର ଆଖ୍ୟା ପ୍ରଦାନ କରିଥିଲେ । ଇଟାଲୀ ଏବଂ ଫ୍ରାନସ୍‌ର ଗୀର୍ଜାରେ ଏବେ ସୁଦ୍ଧା ଶିବଲିଙ୍ଗ ପ୍ରତିମା ଦୃଷ୍ଟିଗୋଚର ହୁଏ । ରୋମ୍‌ରେ ଶିବଲିଙ୍ଗକୁ 'ପ୍ରିୟପସ୍' କୁହନ୍ତି, ଆଦି ଶଙ୍କରାଚାର୍ଯ୍ୟ ମଧ ଦ୍ୱାଦଶ, ଜ୍ୟୋର୍ତିଲିଙ୍ଗମ୍ ସ୍ଥାପନ କରିଛନ୍ତି । ଗୁରୁ ନାନକ ଦେବ ପରମାତ୍ମାଙ୍କୁ ଏକ 'ଓଁକାର' ଏବଂ ଜ୍ୟୋତି ସମ୍ବୋଧନ କରିଥିଲେ । ଦଶମଗୁରୁ ଗୋବିନ୍ଦସିଂହଙ୍କ 'ଦେ ଶିବ ବର ମୋହେ' ଭକ୍ତି ଗୁରୁ ଗ୍ରନ୍ଥ ସାହେବରୁ ପ୍ରାପ୍ତ ହୁଏ । ଏଥିରୁ ସ୍ପଷ୍ଟ ହୁଏ ଯେ, ପରମାତ୍ମା ଶିବ କୌଣସି ନିର୍ଦ୍ଦିଷ୍ଟ ଧର୍ମର ବା ଦେଶର ପୂଜ୍ୟ ଆରାଧ୍ୟ ନୁହଁନ୍ତି, ବରଂ ବିଶ୍ୱର ସର୍ବ ଆତ୍ମାଙ୍କ ପରମ ପୂଜ୍ୟ ପରମ ବନ୍ଦନୀୟ ପରମପିତା ଅଟନ୍ତି । ଶିବରାତ୍ରି ପାଳନ ଅବସରରେ ଯେଉଁ ତିନୋଟି ବିଧିବିଧାନ ପ୍ରଚଳନ ହୁଏ, ତାହାର ମଧ ଆଧ୍ୟାତ୍ମିକ ଦୃଷ୍ଟିକୋଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ତିଥିରେ ଶିବଙ୍କ ଉପରେ ଚଢ଼ାଉଥିବା ବାସହୀନ ଅରଖ, ଦୁଦୁରା ଫୁଲର ଭାବାର୍ଥ ହେଉଛି କଳ୍ପାନ୍ତରରେ ପରମାତ୍ମାଙ୍କ ଅବତରଣ ସମୟରେ ପ୍ରତ୍ୟେକ କଉଡ଼ିତୁଲ୍ୟ ମୂଲ୍ୟହୀନ ମନୁଷ୍ୟାତ୍ମା ଅତ୍ୟନ୍ତ ତମୋପ୍ରଧାନ ଜୀବନଯାପନ କରିଥାନ୍ତି । ସେମାନେ ପୁଣି ପରମାତ୍ମାଙ୍କ ଆଦେଶରେ କାମ, କ୍ରୋଧାଦି ପାଞ୍ଚ ବିକାରକୁ ବଳି ଚଢ଼ାନ୍ତି ତଥା ପବିତ୍ର ହୋଇଥାଆନ୍ତି । ଦିବ୍ୟଗୁଣ ବିବର୍ଜିତ ମନୁଷ୍ୟାତ୍ମାଙ୍କର ଏହି ବଳି ଚଢ଼ାଇବାର କର୍ତ୍ତବ୍ୟ ହେତୁ ପରମାତ୍ମା ଶିବଙ୍କ ଉପରେ ସୁଗନ୍ଧ-ବିହୀନ ଫୁଲ ଉକ୍ତଦିନ ଚଢ଼ାଯାଇଥାଏ । ସେହିପରି ନିରାକାର ପରମାତ୍ମା ଶିବ ତ୍ରିମୂର୍ତ୍ତି ଅଟନ୍ତି । ସେ ସ୍ଥାପନା, ପାଳନା ଓ ବିନାଶ ନିମନ୍ତେ ତିନି ସୂକ୍ଷ୍ମ ଦେବତା ବ୍ରହ୍ମା ବିଷ୍ଣୁ ଓ ଶଙ୍କରଙ୍କୁ ରଚନା କରନ୍ତି । ଏଣୁ ଶିବଲିଙ୍ଗ ଉପରେ ସାଧାରଣତଃ ତିନୋଟି ରେଖା ଦୃଷ୍ଟିଗୋଚର ହୁଏ । ଜାଗରର ଅର୍ଥ ହେଉଛି ଶିବ ଅଜ୍ଞାନ ନିଦ୍ରାରେ ସୁପ୍ତ ଆତ୍ମାମାନଙ୍କୁ ଜ୍ଞାନର ଜ୍ୟୋତି ପ୍ରଦର୍ଶନ କରାଇ ଆତ୍ମ ଜାଗୃତିର ନିର୍ଦ୍ଦେଶ ଦେଇଥାଆନ୍ତି । ପରମାତ୍ମାଙ୍କ ଏହି ଆଜ୍ଞାକୁ ପାଳନ କରି ମନୁଷ୍ୟାତ୍ମାମାନେ ସତ୍ୟଯୁଗୀ ଦୁନିଆର ଅଧିକାରୀ ହୋଇଥାଆନ୍ତି । ତେଣୁ ଶିବରାତ୍ରି ପରମାତ୍ମାଙ୍କ ସମୀପବର୍ତ୍ତୀ ହୋଇ ଅତିନ୍ଦ୍ରୀୟ ସୁଖ, ଶାନ୍ତିର ଅନୁଭବ କରିପାରୁଥିବା ଯୋଗୁଁ ଉକ୍ତଦିନ ଉପବାସ, ବ୍ରତ ମଧ ପାଳନ କରିଥାଆନ୍ତି । ଏହିପରି ଅନେକ ପ୍ରଚଳିତ ପ୍ରଥା ଓ ମାନ୍ୟତା 'ଏକଶିବ' ପରମାତ୍ମାଙ୍କ ପ୍ରତି ଉର୍ଦ୍ଦିଷ୍ଟ ମନେହୁଏ । ସୌଭାଗ୍ୟର କଥା ବର୍ତ୍ତମାନ ଅତ୍ୟନ୍ତ ଧର୍ମଗ୍ଲାନି ସମୟରେ ପତିତ ପାବନ ନିରାକାର ପରମପିତା ପରମାତ୍ମା ଶିବ ପୁଣି ଥରେ ପ୍ରଜାପିତା ବ୍ରହ୍ମାଙ୍କ ଶରୀରରେ ଆଜକୁ ଦୀର୍ଘ ୮୫ବର୍ଷ ଧରି ଈଶ୍ୱରୀୟ ଜ୍ଞାନ ତଥା ସହଜ ରାଜଯୋଗର ଶିକ୍ଷା ଦେଇ ଆସୁଛନ୍ତି । ଏଣୁ ଆସନ୍ତୁ, ଏହି ୮୫ତମ ତ୍ରିମୂର୍ତ୍ତୀ 'ଶିବରାତ୍ରି' ଅର୍ଥାତ୍ 'ଶୁଭରାତ୍ରି'ର ଅନ୍ତର୍ନିହିତ ଆଧ୍ୟାତ୍ମିକ ସ୍ୱରୂପକୁ ହୃଦୟଙ୍ଗମ କରି କାୟ ମନୋବାକ୍ୟରେ ସମ୍ପୂର୍ଣ୍ଣ ପବିତ୍ରତାର ବ୍ରତ ଅବଲମ୍ବନ ପୂର୍ବକ ସମସ୍ତ ଦିବ୍ୟଗୁଣର ଅଧିକାରୀ ହେବା ପୂର୍ବକ ମୁକ୍ତି ଜୀବନ ମୁକ୍ତି ପ୍ରାପ୍ତ କରିବା ।

# ଆମ ଉତ୍କଳୀୟ ଶୈବ ସଂସ୍କୃତି



ଡକ୍ଟର ଶ୍ରୀହରି ପଣ୍ଡା

ସଂସ୍କୃତି ହେଉଛି ମାନବର ଅତୀତ, ବର୍ତ୍ତମାନ ତଥା ଭବିଷ୍ୟତ ଜୀବନର ମାନଦଣ୍ଡ । ସଂସ୍କୃତି ଶବ୍ଦର ଅର୍ଥ ସଂସ୍କାର ସମ୍ପନ୍ନ ଜୀବନ । ସଂସ୍କୃତି ଜୀବନ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ଅଟେ । ସଂସ୍କୃତି ଶବ୍ଦର ଉଦ୍ଭବ 'ସଂସ୍କାର'ଶବ୍ଦରୁ ହୋଇଛି । ଏହାର ଅର୍ଥ ହେଉଛି ଯାହାଦ୍ୱାରା ମନକୁ ପ୍ରଭାବିତ କରାଯିବା ସଙ୍ଗେ ସଙ୍ଗେ ଜୀବନକୁ ପରିଷ୍କୃତ କରାଯାଏ । ସଂସ୍କୃତ ଶବ୍ଦର ଆଉ ଗୋଟିଏ ଅର୍ଥ ମଧ 'ଉତ୍ତମସ୍ଥିତି' । ସଂସ୍କୃତି କୌଣସି ଏକ ବ୍ୟକ୍ତି ବିଶେଷର ପ୍ରଯତ୍ନର ପରିଣାମ ନୁହେଁ । ଏହା ଅନେକ ବ୍ୟକ୍ତିଙ୍କ ଦ୍ୱାରା ବୌଦ୍ଧିକ କ୍ଷେତ୍ରରେ କରାଯାଇଥିବା ପ୍ରଯତ୍ନର ଫଳସ୍ୱରୂପ ଅଟେ । ବିଭିନ୍ନ ପ୍ରକାର ଧର୍ମସାଧନା, କଳାତ୍ମକ ପ୍ରଯତ୍ନ, ଯୋଗମୂଳକ ଅନୁଭୂତି ଓ ତର୍କମୂଳକ କଳ୍ପନାଶକ୍ତି ଦ୍ୱାରା ମାନବ ଯେଉଁ ସତ୍ୟକୁ ଉପଲବ୍ଧ କରେ ତାହାକୁ 'ସଂସ୍କୃତି'କୁହାଯାଏ । ଉତ୍କଳୀୟ ସଂସ୍କୃତିରେ ଦେବଦେବୀ ହେଉଛନ୍ତି ଅବିଚ୍ଛନ୍ନ ଅଙ୍ଗ । ତେଣୁ ପ୍ରାକ୍ ଐତିହାସିକ କାଳରୁ ଉତ୍କଳୀୟ ମନୁଷ୍ୟ ସମାଜ ନିଜ ସଂସ୍କୃତି ପ୍ରତି ସଚେତନ ହୋଇ ଦେବଦେବୀଙ୍କୁ ପୂଜା କରିଆସୁଛି । ବିପଦ ବେଳେ ତାଙ୍କରି ଆଶ୍ରା ଲୋଡୁଛି । ଦେବଦେବୀଙ୍କ ଠାରୁ ଆଶୀର୍ବାଦ ଲାଭକରି ସେ ବହୁ ଦୁଃସାଧ କାର୍ଯ୍ୟ କରୁଛି । ଏହା ଫଳରେ ମନୁଷ୍ୟ କ୍ରମଶଃ ସଂସ୍କୃତି ସଚେତନଶୀଳ ହୋଇପଡୁଛି । ତା ମନରେ ସାଂସ୍କୃତିକ ଚେତନାର ସ୍ୱରୂପ ସମୟାନୁକ୍ରମେ ବୃଦ୍ଧି ପାଉଛି ।

ପ୍ରତ୍ୟେକ ପର୍ବ ପାଳନ ପଛରେ କୌଣସି ନା କୌଣସି ଉଦ୍ଦେଶ୍ୟ ରହିଛି,ଯାହା ଜନ କଲ୍ୟାଣ ଲାଗି ପ୍ରେରିତ । ଶିବ !ଏହି ଦୁଇଟି ଅକ୍ଷର ସଂସାରର ସାର । ଶିବ ନାମକ ନୌକାରେ ଅରୋହଣ କରିଥିବା ବ୍ୟକ୍ତି ଜନ୍ମମୃତ୍ୟୁ ଚକ୍ରରୁ ବାହାରି ଯାଏ ।'ଶିବ' ନାମଟି ବେଦୋତ୍ତର ଯୁଗର ସୃଷ୍ଟି ହେଲେ ମଧ ପ୍ରାକ୍ ବୈଦିକ ଯୁଗରେ ଶୈବଚେତନାର ଉନ୍ମେଷ ଘଟିଥିଲା । ପ୍ରାଚୀନ କାଳରେ ମୌର୍ଯ୍ୟବଂଶର ଶାସକମାନଙ୍କ ଶାସନକାଳରୁ ସମାଜରେ ଶୈବଧର୍ମ ଓ ଶୈବଦର୍ଶନର ପ୍ରାଧାନ୍ୟ ଅନୁଭୂତ ହୁଏ । ମୌର୍ଯ୍ୟବଂଶର ଶେଷ ସମ୍ରାଟ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିବା ପୂର୍ବରୁ ଶିବ ଉପାସନା କରିବାର ପ୍ରମାଣ ଇତିହାସରୁ ମିଳେ । ସୁତରାଂ ଏହି ସମୟରୁ ଉତ୍କଳୀୟ ସମାଜରେ ଶୈବଧର୍ମ ଓ ଶୈବ ସଂସ୍କୃତିର ପ୍ରାଧାନ୍ୟ ବୃଦ୍ଧି ପାଇଥିଲା । ଶୈବଧର୍ମ ରାଜାଶ୍ରୟୀ ହୋଇଥିବାରୁ ସାଧାରଣ ଜନତା ଏହି ଧର୍ମପ୍ରତି ଅଧିକ ଆନୁଗତ୍ୟ ପ୍ରକାଶ କରିଥିଲେ । ଓଡିଶାର ଭୌମକର ରାଜବଂଶର ରାଜତ୍ୱ କାଳରେ ଶୈବଧର୍ମ ଅଧିକ ଲୋକପ୍ରିୟ ହୋଇପାରିଥିଲା । ଭୌମକର ରାଜବଂଶର ବହୁରାଜା ଶୈବଧର୍ମ ପ୍ରତି ଗଭୀର ଅନୁରକ୍ତି ପ୍ରକାଶ କରିଥିବା କାରଣରୁ ଶୈବଧର୍ମ ସର୍ବସାଧାରଣରେ ଆଦୃତ ଲାଭ କରିଥିଲା । ସଂସ୍କୃତିକୁ ଭିତ୍ତିକରି ଓଡିଶାର ବହୁ ପର୍ବପର୍ବାଣୀ ଓ ଓଷାବ୍ରତ ପାଳିତ ହୁଏ । କାରଣ ଓଷାବ୍ରତ ବା ପର୍ବପର୍ବାଣି ହେଉଛି ଆମ ଉତ୍କଳୀୟ ସଂସ୍କୃତିର ଏକ ବିଶିଷ୍ଟ ବିଭାବ । ଓଡିଶାର ସାମାଜିକ ଜୀବନରେ ପର୍ବପର୍ବାଣି ଓ ଓଷାବ୍ରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ । ପୁନଶ୍ଚ ଶୈବସଂସ୍କୃତିକୁ ଭିତ୍ତିକରି ଓଡିଶାରେ କେତୋଟି ବିଶିଷ୍ଟ ପର୍ବ ପାଳିତ ହୁଏ । କାରଣ ମହାଦେବ ଶିବ ହେଉଛନ୍ତି ରୁଦ୍ର ଓ ଭୟଙ୍କର । ତେଣୁ ମନୁଷ୍ୟ ତାଙ୍କୁ ପୂଜାକରି ଶାନ୍ତକରି ବରପ୍ରାପ୍ତ ହୁଏ । ଏହା ଦ୍ୱାରା ଶିବ ଶାନ୍ତହୋଇ ଆଶୁତୋଷ ହୁଅନ୍ତି । ଏହା ଜଗତରେ ସମସ୍ତଙ୍କର ବିଶ୍ୱାସ । ତେଣୁ ମନୁଷ୍ୟ ଶିବ ପୂଜାକରେ । ଓଡିଶାରେ ଶିବଙ୍କ ଉଦ୍ଦେଶ୍ୟରେ ଫାଲଗୁନ ମାସ କୃଷ୍ଣ ଚତୁର୍ଦ୍ଦଶି ଦିନ ଯେଉଁ ପର୍ବ ପାଳିତ ହୁଏ ତାହା ଶିବରାତ୍ରୀ ପର୍ବ ଭାବରେ ଖ୍ୟାତ । ଏହି ଦିନ ଶିବବ୍ରତ ପାଳନ କରି ମନୁଷ୍ୟ ସକଳ ପାପରୁ ମୁକ୍ତିକଲାଭ କରେ ଓ ଶିବ ଏଥିରେ ସନ୍ତୁଷ୍ଟ ହୋଇ ମାନବ ସମାଜର କଲ୍ୟାଣ ସାଧନ କରନ୍ତି । ତେଣୁ ଏହି ଦିନ ଓଡିଶାର ପ୍ରାୟ ପ୍ରତ୍ୟେକ ଶିବପୀଠରେ ଆବାଳ ବୃଦ୍ଧବନିତା ରୁଣ୍ଡ ହୋଇ ଶିବରାତ୍ର ପର୍ବ ମହାସମାରୋହରେ ପାଳନ କରନ୍ତି । ଶିବରାତ୍ରି ପରି ଓଡିଶାରେ ଶିବଙ୍କ ଉଦ୍ଦେଶ୍ୟରେ ପାଳିତ ବ୍ରତଗୁଡିକ ହେଉଛି, ବାଲିତୃତୀୟା, ଶଙ୍କରଚତୁର୍ଥୀ, ସୋମନାଥ ବ୍ରତ, କେଦାର ବ୍ରତ, କୁକ୍କୁଟୀ ବ୍ରତ, ସୋମବାର ବ୍ରତ ପ୍ରଭୃତି ପ୍ରଧାନ । ସୋମବାର ହେଉଛି ଶିବଙ୍କର ବାର । ଏହିଦିନ ଉତ୍କଳୀୟ ଜନତା ବିଶେଷ କରି ଉତ୍କଳୀୟ ନାରୀମାନେ ମହାଦେବ ଦର୍ଶନ କରନ୍ତି ଓ ଶିବପୂଜା କରି ଲେଙ୍ଗେଶ୍ୱରଙ୍କ ନିକଟରେ ଅଭିଷ୍ଟ ଫଳଲାଭ କରିବା ପାଇଁ କାମନା କରନ୍ତି । ବାଲିତୃତୀୟା ଓଡିଶାରେ ଗୌରୀବ୍ରତ ରୂପେ ପାଳିତ ହୁଏ । ଯୁବତୀଠାରୁ ଆରମ୍ଭ କରି ବୃଦ୍ଧାପର୍ଯ୍ୟନ୍ତ ସମସ୍ତ ବିବାହିତା ନାରୀ ଏହି ବ୍ରତ ପାଳନ କରି ନିଜ ସ୍ୱାମୀଙ୍କର ନିରାମୟ ଓ ଦୀର୍ଘ ଜୀବନ କାମନା କରନ୍ତି । ଗୌରୀ ଏହି ବ୍ରତ ପାଳନ କରି ଶିବଙ୍କପରି ପତି ଲାଭ କରିଥିଲେ ବୋଲି ଉତ୍କଳୀୟ ନାରୀସମାଜ ଏହି ବ୍ରତ ପାଳନ କରନ୍ତି । ସୋମନାଥ ବ୍ରତ ଭାଦ୍ରବ ଶୁକ୍ଳଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ଆଶ୍ୱିନ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ପାଳିତ ହୁଏ ଓ କାର୍ତ୍ତିକ ବ୍ରତ ପୂର୍ଣ୍ଣମୀ ତିଥିରେ ପାଳିତ ହୁଏ । କୁକ୍କୁଟୀବ୍ରତ ଓଡିଶାରେ ଭାଦ୍ରବମାସ ଶୁକ୍ଳ ସପ୍ତମୀ ତିଥିରେ ପାଳିତ ହୁଏ । ଏହି ସବୁ ବ୍ରତପାଳନ ମୂଳରେ ଶିବଚେତନାର ସ୍ୱରୂପ ଓ ଶୈବସଂସ୍କୃତି ଓଡିଶାରେ ବହୁ ଭାବରେ ଅନୁଭୂତ ହୁଏ ।

ଶୈବଚେତନାକୁ ଭିତ୍ତିକରି ଓଡିଶାରେ ପାଳିତ ବିଭିନ୍ନ ବ୍ରତପରି ବହୁ ପର୍ବ ମଧ ପାଳିତ ହୁଏ । ଓଡିଶାରେ ମନ୍ଦିରମାନଙ୍କରେ ପାଳିତ ପର୍ବଗୁଡିକ ମଧରେ ମାର୍ଗଶୀର ମାସରେ ଅନୁଷ୍ଠିତ ପ୍ରଥମାଷ୍ଟମୀ, ପ୍ରାବରଣ, ପୌଷମାସରେ ପୁଷ୍ୟାଭିଷେକ, ମାଘମାସରେ ମକର ସଂକ୍ରାମନ୍ତି, ମାଘସପ୍ତମୀ, ଫାଲଗୁନ ମାସରେ ଶିବରାତ୍ରି, ଚୈତ୍ରମାସର ଅଶୋକାଷ୍ଟମୀ, ବୈଶାଖ ମାସର ଅକ୍ଷୟତୃତୀୟା ପ୍ରଭୃତି ଉଲ୍ଲେଖ ଯୋଗ୍ୟ । ଉତ୍କଳୀୟମାନଙ୍କର ପ୍ରଥମାଷ୍ଟମୀ ଏକ ପୁଣ୍ୟ ପର୍ବ । ଏହିପର୍ବ ମାର୍ଗଶୀରମାସ କୃଷ୍ଣ ଅଷ୍ଟମୀତିଥିରେ ପାଳନ କରାଯାଏ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## କବିତା କୋଣାର୍କ

### ପ୍ରଭୁ ପରମେଶ୍ୱର ...

ପ୍ରକାଶ କୁମାର ଚାନ୍ଦ



ସକଳ ଶକ୍ତିର ତୁମେ ଯେ ଆଧାର
ହେ ପ୍ରଭୁ ପରମେଶ୍ୱର
ତୁମରି ଆଜ୍ଞାରେ ସୂର୍ଯ୍ୟ ଚନ୍ଦ୍ର ପରା
ହୁଅନ୍ତି ତ ଚରାଚର ।

ଭାବକୁ ନିକଟ ଅଭାବକୁ ଦୂର
ଅଖିଳ ବ୍ରହ୍ମାଣ୍ଡ ପତି
ତୁମକୁ ସ୍ମରିଲେ ହୃଦୟ କନ୍ଦରେ
ଭରିଯାଏ ସୁଖ ଶାନ୍ତି ।

ତୁମେ ଦୟା କଲେ ଭରା ନଇରେ ତ
ନାଆ ହୋଇଯାଏ ପାରି
ଗଛେ ଭରି ଫୁଲ ଫଳର ସମ୍ଭାର
ବଢାଏ ତା ଶୋଭା ଶିରି ।

ତୁମେ ମହାଯୋଗୀ ତୁମେ ମହାରୁଦ୍ର
ଜଟାଧାରୀ ତ୍ରିଲୋଚନ
ପାଞ୍ଚମନ ପ୍ରଭୁ ହୁଅଇ ପବିତ୍ର
କଲେ ତୁମ ଦରଶନ ।

ଜଟାରୁ ଝରଇ ଝର ଝର ଗଙ୍ଗା
ମସ୍ତକେ ଚନ୍ଦ୍ରମା ହସେ
ଗଳାରେ ତୁମର କେତକୀ ଗଇଶ
ମହ ମହ ହୋଇ ବାସେ ।

ଜାଗର ରାତିରେ ଉଜାଗର ରହି
ଜାଳେ ଯେ ଭକ୍ତିରେ ଦୀପ
ତୁମ କରୁଣାରୁ ମିଳେ କୋଟିନିଧି
ଛାଆଁ ଛାଆଁ ଯାଏ ପାପ ।

+ଜୟପୁର ଶାସନ ପିପିଲି ପୁରୀ
ମୋ-୭୦୦୮୯୨୫୯୫୪

### ମନବାଞ୍ଛା ପୂର୍ଣ୍ଣ କର ...

ସୁଦର୍ଶନ ମହାପାତ୍ର



ହେ ଶିବଶଙ୍କର ହେ ପାର୍ବତୀ ପତି
ଚିର ଶାଶ୍ୱତ ସୁନ୍ଦର
ହେ ଦିବ୍ୟ ଦ୍ରଷ୍ଟା ହେ ବିଭୂତି ଭୂଷଣ
ଜାଳୁଛି ଆଜି ଜାଗର ।

ତୁମ କରୁଣାର ଉଷ୍ମ ପରଶରେ
ପ୍ରାଣସତ୍ତା ଜାଗି ଉଠୁ
ହୃଦୟ କନ୍ଦରେ ସ୍ନିଗଧ କୋମଳ
ଭାବନାର ଫଲ୍ଗୁ ଛୁଟୁ ।

ଚିତ୍ତ ଗହନରୁ ନିର୍ବାପିତ କର
ଅମାରାତି ଅନ୍ଧକାର
ମନେ ଭରିଦିଅ ଚିନ୍ମୟ ଚେତନା
ହେ ଈଶ ଚନ୍ଦ୍ରଶେଖର ।

ଲିଭିଯାଉ ସବୁ ଦୁଃଖ ଦୈନ୍ୟ ଛବି
ଫୁଟୁ ଜୀବନର କଳି
ପୂର୍ବାଶାର ନବ ଆଲୋକ ଦ୍ୟୁତିରେ
ଏ ସଂସାର ଉଠୁ ଝଳି ।

ତ୍ରାଣକର୍ତ୍ତା ପରା ସାରା ବ୍ରହ୍ମାଣ୍ଡର
ତୁମେ ପ୍ରଭୁ ନୀଳକଣ୍ଠ
ସୃଷ୍ଟି ସମ୍ଭାରକୁ ଉଦ୍ଧାର କର ହେ
ପରମାତ୍ମା ଯୋଗୀ ଶ୍ରେଷ୍ଠ ।

ତୁମେ ଜଗତର ବିଲୋଳ ଆନନ୍ଦ
ଆଶୁତୋଷ ମହେଶ୍ୱର
ଆଜି ପୁଣ୍ୟ ତିଥି ମହାଶିବରାତ୍ରି
ମନ ବାଞ୍ଛା ପୂର୍ଣ୍ଣ କର ।

+କୁଞ୍ଜବିହାରୀ ଲେନ, କଟକ



## କବିତା କୋଣାର୍କ

### ଶିବଶକ୍ତି...

ଅମର ନାଥ



ବଳିଛି ମନ ମୋ ଏତିକି
ଆଜି ଗାଇବା ପାଇଁ ।
କରୁଛି ତୋ କୀର୍ତ୍ତି ବଖାଣ
ମୋର ମଥାକୁ ନଇଁ ।

ବୈତରଣୀ ନଦୀ କୂଳରେ
ଅଟେ ତୋର ମନ୍ଦିର ।
କାହିଁ କେତ ଦୂରୁ ଆସନ୍ତି
ଦେଖି ଭକତ ତୋର ।

ଜୟ ଜୟ ଶିବ ଶଙ୍କର
ବାବା ଚନ୍ଦ୍ର ଶେଖର ।
ଆରଡ଼ି ଧାମରେ ରହିଛ
ଦୁଃଖୀ ଦୁଃଖକୁ ହର ।

ଯେ ଯାହା ମାଗିଲେ ଦେଉଛ
ପୂର୍ଣ୍ଣ କରି ତା ଥାଳ ।
ଅପୁତ୍ରିକୁ ପୁତ୍ର ଦେଉଛ
ଖାଲି ନ ରଖି କୋଳ ।

ଛୋଟାକୁ ଦେଉଛ ଚରଣ
ଅନ୍ଧଦୃଶ୍ୟକୁ ନୟନ ।
ନିଧନଙ୍କୁ ଧନ ଦେଉଛ
ଅଜ୍ଞାନଙ୍କୁ ଯେ ଜ୍ଞାନ ।

ରୋଗ ଦୁଃଖ ଯାଏ ଉଭେଇ
କୁଣ୍ଡ ଜଳ ପିଇଲେ ।
ବିପଦ ସଙ୍କଟ ଦୂରେଇ
ଯାଏ ତତେ ଡ଼ାକିଲେ ।

କେ ପାରିବ କହି ମହୀମା
ତୋର ଅଟେ ଅପାର ।
ଗଳାରେ ଲମ୍ଭାଇ ଭୂଜଙ୍ଗ
ହାତେ ଡମ୍ବରୁ ଧର ।

ଦୁଷ୍ଟଙ୍କୁ କରୁଛ ବିନାଶ
ମହୀ ମଣ୍ଡଳେ ଯେତେ ।
ତ୍ରିଶୂଳ ମୁନରେ ସଂଘାର
ଘୋର ପାପିଙ୍କୁ କେତେ ।

ନୀଳ କଣ୍ଠେଶ୍ୱର ପ୍ରଭୁ ହେ
ତୁମେ ଶ୍ମଶାନ ବାସୀ ।
ବିଭୂତି ପାଉଁଶ ଦେହରେ
ବୋଳି ହେଉଛ ବସି ।

ଦୋଷ ଥିଲେ କ୍ଷମା କରିବ
କହେ ନାଥ ଅମର ।
ଜାଣେ ନାହିଁ ମୂର୍ଖ ଅଧମ
ଲେଖେ ବନ୍ଦନା ତୋର ।

+ଯାଜପୁର,ମଙ୍ଗଳପୁର,କୟାଁ
ଓଡ଼ିଶା - ୭୫୫୦୧୧
ମୋ: ୯୫୪୦୩୦୮୦୯୫

## ଧାରାବାହିକ ପୌରାଣିକ ଉପନ୍ୟାସ

ଭାଗ-୯

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଆଗେଇଯାଅ, ମନ ଥିଲେ ଉପାୟ ଆସେ । ଚେଷ୍ଟାକଲେ ବ୍ୟର୍ଥ କେବେ ହୁଏନି । କର୍ମ କରିଯାଅ, ତୁମର ଆଶା ନିଶ୍ଚୟ ସଫଳ ହେବ ।

ମନେମନେ ମୁଁ ସୂର୍ଯ୍ୟଦେବଙ୍କୁ ପ୍ରଣାମ ଜଣାଇଲି । ହଁ ତୁମରି କୃପାରୁ ମୁଁ ବଳବାନ୍, ଶକ୍ତିମାନ । ତୁମରି ଭଳି ଦୀପ୍ତିନେଇ ସୂର୍ଯ୍ୟସମ ହେବାକୁ ପ୍ରେରଣା ଦେଇଛ, ଅଭୟ ଦେଇଛ । ଯେତେ କ୍ଷୁଦ୍ର ହେଲେ ବି ତୁମର ଆଶୀର୍ବାଦ ତ ମୋ ପାଇଁ ଅନେକ ବୃହତ୍ । ତେଣୁ ତୁମରି ଅଭୟ ବାଣୀ ମୋ ମନରେ ଭରିଦେଇଛି ଅଦମ୍ୟ ଉତ୍ସାହ ଓ ବଳ । ଦୁନିଆ ଜାଣୁ, କର୍ଣ୍ଣ ସୂର୍ଯ୍ୟସମ କେମିତି ତେଜିୟାନ୍ ହୋଇପାରେ । ହସ୍ତିନାପୁର ଆକାଶରେ ଦ୍ୱିତୀୟସୂର୍ଯ୍ୟ ରୂପେ ନିଜ ପ୍ରତିଭାର ରେଣୁ ବିଛୁଡ଼ି ଦେଇପାରେ ।

ନିଜ ମନକୁ ବୁଝାଇ ଦେଲି । ଦୃଢ଼ କରିଦେଲି । ବାପାଙ୍କ ସହ ରାଜପ୍ରାସାଦକୁ ଯିବାପାଇଁ ପ୍ରସ୍ତୁତ କରିନେଲି ।

- ଆଠ -

ଆର୍ଯ୍ୟାବର୍ତ୍ତର ବିଖ୍ୟାତ ନଗର ହସ୍ତିନାପୁର । ନଭଶ୍ଚୁମ୍ବୀ ଅଟ୍ଟାଳିକା । ଯାହା ପୂର୍ବରୁ କେବେ ଦେଖିବାର ସୁଯୋଗ ପାଇ ନଥିଲି, ତାକୁ ପ୍ରଥମଥର ପାଇଁ ମୁଁ ଦେଖୁଛି । ଆଖି ମୋର ଝଲସି ଉଠୁଥିଲା । ମହାରାଜ ହସ୍ତୀଙ୍କ ହାତଗଢ଼ା ନଗରୀ । ବିରାଟ ଜଳାଶୟ । ଜଳାଶୟ ମଧ୍ୟକୁ ଗଂଗାନଦୀର ଜଳ ପ୍ରବେଶ ଓ ପୁଣି ତାର ନିଷ୍କାସନର ବ୍ୟବସ୍ଥା ମଧ୍ୟ ଥିଲା । ବାପାଙ୍କ ମୁହଁରୁ ଶୁଣିଥିଲି, ହସ୍ତିନାପୁର ରାଜ୍ୟରେ କେତେକ ଗୁପ୍ତ ସୁଡ଼ଙ୍ଗ ମଧ୍ୟ ରହିଥିଲା । ଆଉ ଏହି ସୁଡ଼ଙ୍ଗ ଗୁଡ଼ିକର ଲୋକକାହାଣୀ ଭୟଙ୍କର । ମୁଁ କେବେବି ବାପାଙ୍କୁ ସେ ବିଷୟରେ କିଛି ପଚାରେ ନାହିଁ ।

ବିରାଟ ରାଜପ୍ରାସାଦ, ଚତୁର୍ଦ୍ଦିଗରେ ସୁଉଚ୍ଚ ପ୍ରାଚେରି । ସିଂହଦ୍ୱାର ପର୍ଯ୍ୟନ୍ତ ଯିବା ଅବସରରେ ଅନେକ ପ୍ରାସାଦ ଅତିକ୍ରମ କରିଯିବାକୁ ପଡ଼େ । ତେଣୁ ଯିବା ବାଟରେ ଅନେକ କିଛି ଦେଖିବାର ସୁଯୋଗ ମିଳିଲା । ଯେତିକି ଯେତିକି ଦେଖୁଥାଏ, ଆଖି ମୋର ଝଲସି ଉଠୁଥିଲା । ରାଜାଙ୍କ ଅନ୍ତଃପୁର ଶଙ୍ଖ ମଲମଲ ପଥରରେ ନିର୍ମିତ । ବାହାର ଅଗଣା ମଧ୍ୟ ନିର୍ମିତ ହୋଇଥିଲା ସେହି ପଥରରେ । ପୁଷ୍କରିଣୀର ସ୍ୱଚ୍ଛଜଳ ବିଶେଷ ଆକର୍ଷଣୀୟ । ତାର ସ୍ଫଟିକ ଜଳରାଶିକୁ ଚାହିଁଦେଲେ କ୍ଷଣିକରେ ଭୁଲି ହୋଇଯାଏ ଜୀବନର ସବୁ ଦୁଃଖ, ଶୋକକୁ । ଜଳାଶୟର ପାହାଚ ଧଳା ଶଙ୍ଖ ମଲମଲ ପଥରରେ ତିଆରି ।

ରାଜପ୍ରାସାଦର ପ୍ରତିଟି କାନ୍ଥରେ ଖଞ୍ଜା ହୋଇଥାଏ ହୀରା, ନୀଳା, ମୋତି, ମାଣିକ । ରାଜପ୍ରାସାଦକୁ ପ୍ରବେଶ ପୂର୍ବରୁ ଜଳାଶୟଟିକୁ ଦେଖିଲେ ମନ ସ୍ୱତଃ ଟାଣି ହୋଇଯାଏ ସେଠିକୁ । ଇଚ୍ଛାହୁଏ ଘଡ଼ିଏ ସେଇଠି ଅଟକି ଯିବାକୁ । ପାହାଚରେ ନିରୋଳାରେ କିଛି ସମୟ କଟାଇ ଦେବାକୁ । କି ଅପରୂପ ସେ ରୂପଶ୍ରୀ । ଏମିତି ଐଶ୍ୱର୍ଯ୍ୟଭରା ଜଳାଶୟ ମୁଁ ପୂର୍ବରୁ କେଉଁଠି ଦେଖି ନଥିଲି । ଭାବୁଥିଲି ଯେଉଁ ପ୍ରାସାଦର ଜଳାଶୟଟି ଏତେ ଐଶ୍ୱର୍ଯ୍ୟମଣ୍ଡିତ ତାର ଅନ୍ତଃପୁରର ଐଶ୍ୱର୍ଯ୍ୟ କେମିତି ହୋଇ ନଥିବ । ବାସ୍ତବରେ କେତେ ଫରକ ଏହି ରାଜା ଆଉ ପ୍ରଜା ମଧ୍ୟରେ । ମୋ ମନରେ କିନ୍ତୁ ଘୂରି ବୁଲୁଥିଲା ଚମ୍ପାପୁରୀର ସେଇ ଜରାଜୀର୍ଣ୍ଣ ପର୍ଣ୍ଣକୁଟୀର ଆଡ଼େ । କାହିଁ ଆମ ପର୍ଣ୍ଣକୁଟୀରର ଚଳିଆ ଆଉ କାହିଁ ହସ୍ତିନାପୁରୀର ରାଜପ୍ରାସାଦ । ମୋ ମନ କାହିଁକି କେଜାଣି ଏସବୁ ଦର୍ଶନରେ ବଡ଼ ବିଦ୍ରୋହୀ ହୋଇ ପଡୁଥିଲା । ପ୍ରଜା କେବେ ରାଜାଙ୍କ ସମକକ୍ଷ ହୋଇପାରେନା । ହେଲେ ରାଜକୀୟ ଏହି ଐଶ୍ୱର୍ଯ୍ୟ କ'ଣ ପ୍ରଜାଙ୍କ ଧନରେ ସମୃଦ୍ଧ ନୁହେଁ ? ଆମ ପରି ଗରିବ ପ୍ରଜାମାନଙ୍କ ଅର୍ଥଶୋଷଣ କରି ରାଜା ହେଉଥିବେ । ଧନୀ ଜାହିର କରୁଥିବେ ପ୍ରଭୁତ୍ୱ । ଅଥଚ ନିରୀହ ପ୍ରଜାଗଣ ଦେଇଦେଇ ପାଲଟି ଯାଉଥିବେ ନିଃସ୍ୱ । ଏହାହିଁ କ'ଣ ତେବେ ଉଚିତ ନ୍ୟାୟ । ପ୍ରକୃତ ରାଜାର କର୍ତ୍ତବ୍ୟ କ'ଣ ଏଇଆ ?

ମନେମନେ ମୁଁ ଭାବୁଥିଲି, ପ୍ରଭୁ ମୋତେ ଯଦି ଥରୁଟିଏ ରାଜପଦ, ଛାଡ଼ିଦିଅନ୍ତ ତେବେ, ଦେଖାଇ ଦିଅନ୍ତି ପ୍ରଜାମାନଙ୍କ ସହ ରାଜାର ସଂପର୍କ କ'ଣ ? ମୁକ୍ତ ହସ୍ତରେ ରାଜକୋଷରୁ ଦାନ କରିବାରେ ମୁଁ କେବେ କାର୍ପଣ୍ୟ କରି ନଥାନ୍ତି । ରାଜା ଆଉ ପ୍ରଜା ମଧ୍ୟରେ ବିଭେଦମାନ ପ୍ରାଚେରିକୁ ଭାଂଗି ଦେଇଥାନ୍ତି । ପିତା, ପୁତ୍ରର ସଂପର୍କ ଭଳି ରାଜା, ପ୍ରଜାର ସଂପର୍କକୁ ମୁଁ ମମତାର ଡୋରିରେ ବାନ୍ଧି ଦେଇଥାନ୍ତି । ହେଲେ, ବର୍ତ୍ତମାନ ଏସବୁ ଭାବିବାର ବେଳ ନୁହେଁ । ସାମାନ୍ୟ ସୂତପୁତ୍ର ମୁଁ । ଜଣେ ସାମାନ୍ୟ ପ୍ରଜା ମାତ୍ର । ରାଜାଙ୍କ ଅନୁକମ୍ପାରୁ ବିଦ୍ୟାଶିକ୍ଷା ମୋର ହେବାକୁ ଯାଉଛି । ଏଠି ରାଜାଙ୍କ ପ୍ରତି ବିଦ୍ୱେଷ ଭାବ ନରଖି ବରଂ ତାଙ୍କପ୍ରତି ଅନୁରକ୍ତି ଦେଖାଇବା ମୋର କର୍ତ୍ତବ୍ୟ । ଯେଉଁ ଆଶା ନେଇ ଏତେ ବାଟ ଧାଇଁଆସିଛି ସେ ଆଶାପୂରଣ କରିବାକୁ ମୋତେ ସବୁ କିଛି କରିବାକୁ ପଡ଼ିବ ।

ରାଜ ପରମ୍ପରା ଏକ ଭିନ୍ନ ପରମ୍ପରା । ଯେଉଁଠି ନିରୀହ ପ୍ରଜା ହୁଏ ଅବହେଳିତ, ଲାଞ୍ଛିତ । ଆଉ ରାଜା ସେ ତ ପ୍ରଜାମାନଙ୍କ ରକ୍ତଶୋଷଣ କରି ଧନବାନ୍, ବଳବାନ୍ । ତେଣୁ ରାଜା, ପ୍ରଜା ମଧ୍ୟରେ ଏହି ଯେଉଁ ବିଭେଦମାନ ପାଚେରି ତାକୁ କ'ଣ ସହଜରେ ଭାଂଗି ଦେଇ ହେବ । କିଶୋର ପ୍ରାଣରେ ମୋର ଏ ସବୁ ତାରତମ୍ୟ ପାଇଁ ବିତୃଷ୍ଣା ଆସୁଥିଲା । ବିଦ୍ରୋହୀ ରକ୍ତ ମୋର ଟକ୍‌ମକ୍ ଫୁଟୁଥିଲା । ସତେଯେମିତି ରକ୍ତ ସଂଚଳନର ଗତି ବଢ଼ି ଯାଇଥିଲା । ମୁଁ କିନ୍ତୁ ମୋର ଏ କିଶୋର ବୁଦ୍ଧିରେ କିଛି ସମାଧାନର ସୂତ୍ର ପାଇପାରୁ ନଥିଲି ।

ବାପା ମୋତେ ଶୀଘ୍ରଶୀଘ୍ର ଆସିବାପାଇଁ ଇସାରା ଦେଉଥିଲେ । ରାଜାଙ୍କ ସହ ଭେଟହେଲା ପରେ ଯାଇ ମୋର ଲକ୍ଷ୍ୟପୂରଣ ହେବ । ତେଣୁ ମୁଁ ଅନ୍ୟ କିଛି ଚିନ୍ତା ନକରି ଚଞ୍ଚଳ ପାଦ ବଢ଼ାଇଲି ବାପାଙ୍କ ସହ ।

ହସ୍ତିନାପୁର ରାଜପ୍ରାସାଦ ହସ୍ତୀଙ୍କ ହାତଗଢ଼ା ପ୍ରାସାଦ । କାଳକ୍ରମେ ସେ ଭଗ୍ନପ୍ରାୟ ପ୍ରାସାଦକୁ ପୁନର୍ନିର୍ମାଣ କରିଥିଲେ ଦିଗ୍‌ବିଜୟୀ ସମ୍ରାଟ କୁରୁ । ତେଣୁ ତାଙ୍କରି ନାମ ଅନୁସାରେ ଏ ବଂଶର ନାମ କୁରୁବଂଶ । ବଂଶାନୁକ୍ରମିକ ଭାବେ ଶାନ୍ତନୁ, ବିଚିତ୍ରବୀର୍ଯ୍ୟ, ଭୀଷ୍ମ, ପାଣ୍ଡୁ ଓ ଧୃତରାଷ୍ଟ୍ର ସମସ୍ତେ ହିଁ ଏ ବଂଶର ଗୌରବ ।

ରାଜପ୍ରାସାଦର ଗୋଟିଏ ପରେ ଗୋଟିଏ ପୁର ଅତିକ୍ରମ କରି ଚାଲିଥିଲି । ମୁଖ୍ୟ ପ୍ରାସାଦ ମଧ୍ୟକୁ ପହଞ୍ଚିବାକୁ ଆହୁରି ଅନେକ ପଥ ବାକି ଅଛି । ଯେତେ ଯେତେ ପଥ ଚାଲୁଥାଏ ସେତେ ସେତେ ମୋ ମନରେ ଭାବାନ୍ତର ହେଉଥାଏ । କିନ୍ତୁ ବର୍ତ୍ତମାନ ସମୟରେ ମୋର ଏ ଭାବାନ୍ତର ମୂଲ୍ୟ କ'ଣ ? ମୋର ତ ଏବେ ଏକମାତ୍ର ଲକ୍ଷ୍ୟ କେବଳ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ଅସ୍ତ୍ରଶିକ୍ଷା । ତୋରଣ ପରେ ତୋରଣ ଅତିକ୍ରମ କରିକରି ମହାତୋରଣରେ ପହଞ୍ଚି ଗଲିଣି । ମହାଭବନ କହିଲେ ଭୁଲ୍ ହେବନି । ସାରା ଭବନଟି ମହମହ ବାସ୍ନାରେ ଭରପୂର । ସୁଗନ୍ଧି ତୈଳର ପ୍ରଦୀପ ଜଳୁଥିଲା ଘରର ପ୍ରତିଟି କୋଣରେ । ପୂର୍ବପୁରୁଷ ମାନଙ୍କର ବିରାଟ ତୈଳଚିତ୍ର ଗୁଡ଼ିକରେ ଲମ୍ୱାଇ ଦିଆଯାଇଥାଏ ପୁଷ୍ପମାଲ୍ୟ । ଫଟୋ ମଧ୍ୟରେ ହସହସ ମୁହଁ ବେଶ୍ ଆକର୍ଷଣୀୟ । ସତେ ଯେମିତି ଏଇମାତ୍ର ସ୍ୱର୍ଗରାଜ୍ୟରୁ ଓହ୍ଲାଇ ସଦ୍ୟ, ସତେଜ ଦେଖା ଯାଉଥାନ୍ତି । ବାପା ମୋତେ ଆଙ୍ଗୁଳି ଦେଖାଇ କୁରୁବଂଶର ଗର୍ବ ଓ ଗୌରବ ମୃତାତ୍ମା ମାନଙ୍କୁ ଚିହ୍ନାଇ ଦେଉଥାନ୍ତି । ସେମାନଙ୍କ ସଂପର୍କରେ ଅନର୍ଗଳ କହି ଚାଲିଥାନ୍ତି । ପ୍ରତ୍ୟେକ ରାଜା ମହାରାଜ ମାନେ ଯେ ଜଣେଜଣେ ଏହି ବଂଶର ଗୌରବ ଏହା ମୋ ଆଗରେ ବର୍ଣ୍ଣନା କରିବା ବେଳେ ବାପା ବେଶ୍ ଉତ୍‌ଫୁଲ୍ଲିତ ହେଉଥିବାର ମୁଁ ଲକ୍ଷ୍ୟ କରୁଥାଏ । ସମଗ୍ର ଭବନର ନିଃସ୍ତବ୍ଧତା ମଧ୍ୟରେ ନିର୍ଜୀବ ପ୍ରତିମୂର୍ତ୍ତି ଗୁଡ଼ିକର ନିରବ ଅଟ୍ଟହାସ୍ୟ । ମୋତେ ଯେମିତି ଲାଗୁଥିଲା, ମୂର୍ତ୍ତିଗୁଡ଼ିକ ମୋତେ ହିଁ ବିଦ୍ରୂପ ଭରା ଚାହାଣିରେ ଚାହିଁ ରହିଛନ୍ତି । ମୋ ମନରେ ଏସବୁ ଭୀତି ସଞ୍ଚାର କରୁଥିଲା ।

ବହୁ ପ୍ରାସାଦ ଅତିକ୍ରମ କଲାପରେ ଆମେ ଯାଇ ପହଞ୍ଚିଲୁ ମହାରାଜଙ୍କ ପ୍ରାସାଦରେ, ମୁଖ୍ୟ ଦ୍ୱାରଦେଶରେ ପହଞ୍ଚି ମୁଁ କେବଳ ଚାରିଆଡ଼କୁ



ଆଖିବୁଲାଇ ଅନାଇ ରହିଥାଏ । ମହାରାଜଙ୍କ କକ୍ଷ, କାନ୍ଥରେ ହୀରା, ନୀଳା, ମୋତି ଖଞ୍ଜା ହୋଇଥାଏ । ଏକ ଉଚ୍ଚ ସିଂହାସନ ଉପରେ ବସିଥାନ୍ତି ମହାରାଜ ଧୃତରାଷ୍ଟ୍ର । କୁରୁ ସମ୍ରାଟ । ଶରୀରରେ ଅଳଙ୍କାର ମଣ୍ଡିତ । ମୁଣ୍ଡରେ ସ୍ୱର୍ଣ୍ଣମୁକୁଟ । କଣ୍ଠରେ ହୀରା, ନୀଳା, ମୋତିର ମାଳ । ମହାରାଜଙ୍କ ମୁକୁଟ ଓ ବସ୍ତ୍ରରେ ଖଚିତ ରତ୍ନରେ ଝଲମଲ କରୁଥାଏ ସମଗ୍ର ସ୍ଥଳ । ମୁଁ ଚତୁର୍ଦ୍ଦିଗର ପରିବେଶକୁ ନିରୀକ୍ଷଣ କରୁଥିଲି । ମହାରାଜଙ୍କ ଦୁଇ ଆଖିଡୋଳା ତଳେ ଏକ ଘନ ପରଳ ପଡ଼ିଥିବା ଭଳି ଲାଗୁଥିଲା । ଅର୍ଦ୍ଧମୁଦ୍ରାରେ ଅଳ୍ପଅଳ୍ପ ସେ ଚାହିଁ ରହିଥାନ୍ତି । ମହାରାଜଙ୍କ ଚାରିପଟେ ଅନେକ ମହାମାନ୍ୟ ବ୍ୟକ୍ତିବିଶେଷ । ସମସ୍ତଙ୍କୁ ହିଁ ଦେଖିଲେ ଖୁବ୍ ପ୍ରଭାବଶାଳୀ ଭଳି ମନେ ହେଉଥାନ୍ତି । ମହାରାଜଙ୍କ ବାମ ଓ ଡାହାଣ ପଟେ ଛତ୍ର ଓ ଚାମର ଧରି ଠିଆ ହୋଇଥାନ୍ତି ପରିଚାରିକାଗଣ । ତାଙ୍କ ସିଂହାସନ ତଳେ ଠିଆ ହୋଇଥାନ୍ତି ସଂଜୟକାକା । ଏଭଳି ପରିବେଶ ଓ ଚତୁର୍ଦ୍ଦିଗର ଦୃଶ୍ୟପଟ୍ଟରେ ମୁଁ ଏଭଳି ବିମୁଗ୍ଧ ଯେ, ମହାରାଜଙ୍କୁ ପ୍ରଣାମ କରିବାକୁ ସୁଦ୍ଧା ଭୁଲି ଯାଇଥିଲି ।

ବାପା ମୋତେ ମହାରାଜଙ୍କୁ ମୁଣ୍ଡନୁଆଁଇ ପ୍ରଣାମ କରିବାକୁ ଇଂଗିତ ଦେଲେ । ସେହି ଅନୁଯାୟୀ ମୁଁ ତାଙ୍କୁ ପ୍ରଣାମ କଲି । ବାପା ମୋର ଉପସ୍ଥିତି ଓ ପରିଚୟ ମହାରାଜଙ୍କୁ ଶୁଣାଇ କହୁଥିଲେ ଏବଂ ମୋର ଏଠିକୁ ଆସିବାର ଉଦ୍ଦେଶ୍ୟ ମଧ୍ୟ ବର୍ଣ୍ଣନା କରୁଥିଲେ ।

ବେଶ୍ ପ୍ରସନ୍ନ ଚିତ୍ତରେ ମହାରାଜ ଆମମାନଙ୍କର କୁଶଳ, ଚମ୍ପାପୁରୀର ଭଲମନ୍ଦ ଖବର ପଚାରି ବୁଝୁଥିଲେ, ବାପା ତାଙ୍କର ପ୍ରଶ୍ନର ଗୋଟିଗୋଟି କରି ଉତ୍ତର ଦେଉଥାନ୍ତି । ମୋ ସମ୍ବନ୍ଧରେ ବିଭିନ୍ନ ପ୍ରଶ୍ନ ବାପାଙ୍କଠାରୁ ପଚାରି ବୁଝୁଥାଆନ୍ତି । ମୋ ଦେହରେ କବଚକୁଣ୍ଡଳ ଥିବାରୁ ମୋତେ ବଧାଇ ଜଣାଉଥାନ୍ତି । ମୋତେ ଭଲ ଭାବେ ନିରେଖି ଦେଖିବାପାଇଁ ପାଖକୁ ବି ଡାକିଲେ ମହାରାଜ ।

ସଂଜୟକାକା ମୋ ହାତଧରି ତାଙ୍କ ପାଖକୁ ମୋତେ ନେଇଗଲେ । ମହାରାଜ ମୋ ଶରୀରକୁ ଛୁଇଁଛୁଇଁ ଦେଖୁଥାନ୍ତି । ମୋର କବଚ, କୁଣ୍ଡଳକୁ ସ୍ପର୍ଶକରି ହାତ ବୁଲାଇ ଆଣୁଥାଆନ୍ତି । ତାଙ୍କର ଏଇ ଦେଖିବା ଭାବଭଂଗୀରୁ ମୁଁ ବେଶ୍ ଅନୁମାନ କରି ପାରୁଥିଲି ମହାରାଜା ଅନ୍ଧ ବୋଲି । ଆଶ୍ଚର୍ଯ୍ୟ ବି ହେଉଥିଲି ଏତେବଡ଼ ସାମ୍ରାଜ୍ୟର ରାଜା ଜଣେ ଅନ୍ଧ ହେଲେ କିପରି ? ହସ୍ତିନାପୁରରେ କ'ଣ ଏମିତି କେହି ଯୋଗ୍ୟ ବ୍ୟକ୍ତି ନଥିଲେ ଯେ ଜଣେ ଅନ୍ଧ ଶାସକଙ୍କୁ ରାଜପଦବିରେ ବସାଇଦେଲେ । ଆଉ ଅନ୍ଧରାଜାଙ୍କୁ ରାଜ୍ୟଶାସନ କରିବାକୁ ସତରେ କ'ଣ କଷ୍ଟ ହେଉନଥିବ ।

ମୋର କିଶୋର ବୟସରେ ସେଦିନ ଅନେକ ଅନ୍ତର୍ଦ୍ୱନ୍ଦ୍ୱର ଝଡ଼ ଉଠିଥିଲା । ମହାରାଜ କେବେଠୁ ଅନ୍ଧ ହେଲେ ? କାହିଁକି ହେଲେ ? ସେ ପ୍ରଶ୍ନ ସେଦିନ ମୋ ମନକୁ ବିଚଳିତ କରୁଥିଲା ସତ, ହେଲେ ବାପାଙ୍କୁ ସେ ବିଷୟ ପଚାରିବାକୁ ମୁଁ ଉଚିତ ମନେ କରୁନଥିଲି । ଭାବିଲି, ପରେ କେବେ ସମୟ ସୁଯୋଗ କରି ଏ ବିଷୟ ବାପାଙ୍କ ଠାରୁ ବୁଝିନେବି ।

ମହାରାଜ ନିଜ ହାତରେ ମୋର କବଚ କୁଣ୍ଡଳକୁ ଛୁଇଁଛୁଇଁ ପରୀକ୍ଷା କରୁଥିଲେ । ଆଉ ତାଙ୍କ ପାଖରେ ବସିଥିବା ମନ୍ତ୍ରୀ ବିଦୁରଙ୍କୁ ମଧ୍ୟ ମୋ ବିଷୟରେ କହୁଥିଲେ ।

ବିଦୁର, ତୁମେ ଛୁଇଁ ଦେଖ, କର୍ଣ୍ଣର ଏ କବଚ କୁଣ୍ଡଳ ଜନ୍ମଜାତ ପରି ତ ମନେ ହେଉଛି । ଏ ପୁତ୍ର ନିଶ୍ଚେ ଭାଗ୍ୟବାନ । ଏହାର ଏକ ଉଜ୍ଜ୍ୱଳ ଭବିଷ୍ୟତ ରହିଛି ନିଶ୍ଚିତ । ବାପାଙ୍କ ଉଦ୍ଦେଶ୍ୟରେ ମହାରାଜ କହୁଥିଲେ । ଅଧିରଥ, ପୁତ୍ରକୁ ଯେବେ ରାଜପୁରୀକୁ ଆଣିଛ ତାକୁ ଅନ୍ତତଃ ସମଗ୍ର ରାଜବାଟିକା ବୁଲାଇ ଦେଖାଇଦିଅ, ଚମ୍ପାପୁରୀରେ ରହି ସେ କ'ଣ ଦେଖିଛି, ଜାଣିଛି ।

ଯୋଡ଼ହସ୍ତରେ ବାପା ଛିଡ଼ା ହୋଇଥିଲେ ମହାରାଜଙ୍କ ସମ୍ମୁଖରେ । ମହାରାଜଙ୍କ ଶେଷ ପଦକ ମୋ ଶରୀରରେ ସତେ କି ଶରବିଦ୍ଧ କରୁଥିଲା । ସହଜେ ତ ମୁଁ ମାନୀ, କ୍ରୋଧୀ । ପୁଣି ବାପାଙ୍କର ଏଭଳି ପ୍ରତିଭଂଗୀକୁ ମୁଁ ସହଜରେ ଗ୍ରହଣ କରିପାରୁ ନଥିଲି । ଚମ୍ପାପୁର ଗ୍ରାମର ଅଧିବାସୀ ବୋଲି ମହାରାଜଙ୍କ ଆଖିରେ ଆମେ ହେୟ, ଅଜ୍ଞାନୀ । ଚଳିକୁଡ଼ିଆ ଆମର ବସତି । ତେଣୁ ରାଜପ୍ରାସାଦକୁ ଦେଖିବାର ସୌଭାଗ୍ୟ ଆମର ନଥିଲା । ବାପା ପୁଣି ତାଙ୍କର ଅଧଃସ୍ତନ କର୍ମଚାରୀ ବୋଲି ଯୋଡ଼ହସ୍ତରେ କେବଳ ଆଜ୍ଞାପାଳନ କରୁଥିଲେ ।

(କ୍ରମଶଃ)


ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ମଧ୍ୟଯୁଗୀୟ କାବ୍ୟରେ ମାନବୀୟ ପ୍ରେମ



**ଡ.ଦୀପ୍ତିମୟୀ ବେହେରା**

ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟ ଥିଲା କାବ୍ୟରୀତି ପ୍ରଧାନ । ସେଥିରେ ଅଛି ଅଳଙ୍କାର, ରସ ବୈଚିତ୍ର୍ୟ, ଶୃଙ୍ଗାରିକତା, ସାଙ୍ଗୀତିକତା, ପ୍ରେମ ପ୍ରଣୟ ଇତ୍ୟାଦି । କବି ଯେହେତୁ ଜଣେ ସାମାଜିକ ମଣିଷ ସେହେତୁ ସେ ମନୁଷ୍ୟ ହୃଦୟର ଭାବ ଓ ଭାଷାକୁ ଉପଲବ୍ଧି କରିପାରନ୍ତି ଗଭୀର ଭାବରେ । ଯେପରିକି ମନୁଷ୍ୟ ଜୀବନର ସୁଖଦୁଃଖ, ପ୍ରେମ ବିରହ, ଆନନ୍ଦ ବିଷାଦ ପ୍ରଭୃତିକୁ ନେଇ ସେ ଦିଅନ୍ତି କାବ୍ୟିକ ରୂପ । ଭାରତୀୟ ମୂଲ୍ୟବୋଧର ସାମାଜିକ, ସାଂସ୍କୃତିକ, ନୈତିକ ଓ ଆଧାତ୍ମିକ ଜୀବନଧାରାକୁ ଅନୁଧ୍ୟାନ କରି ଅନାବିଳ ପ୍ରେମକୁ ପବିତ୍ର, ସ୍ୱର୍ଗୀୟ ଓ ସୁଷମାମଣ୍ଡିତ କରାଇବାରେ ଯଥାସାଧ୍ୟ ଚେଷ୍ଟା କରିଛନ୍ତି କବିବୃନ୍ଦ । ବାସ୍ତବିକ ଯେଉଁ କବି ଯେତିକି ପରିମାଣରେ ମନୁଷ୍ୟର ଆବେଗକୁ ତା'ର କାବ୍ୟ କବିତାରେ ରୂପ ଦେଇଥାଏ ସେହି କବି ସେତିକି ପରିମାଣରେ ସିଦ୍ଧି ଅର୍ଜନ କରେ ।

ପୌରାଣିକ, ଐତିହାସିକ ଓ କାଳ୍ପନିକକୁ ନେଇ ମଧ୍ୟଯୁଗୀୟ ଓଡ଼ିଆ କାବ୍ୟ ତ୍ରିବିଧ । କେବଳ ଐତିହାସିକ କାବ୍ୟକୁ ଛାଡିଦେଲେ ଅନ୍ୟାନ୍ୟ ସମସ୍ତ କାବ୍ୟରେ ଗୁରୁତ୍ୱ ଦିଆଯାଇଛି ନରନାରୀ ହୃଦୟରେ ଥିବା ପ୍ରେମର ପରିଭାଷାକୁ । ପ୍ରେମ ହେଉଛି ପବିତ୍ର, ଶାଶ୍ୱତ ଓ ଚିରନ୍ତନ । ଏକ ମନ,ଏକ ଆତ୍ମା, ଏକ ଦେହୀରେ ରୂପାନ୍ତରିତ ହୋଇଛି ପ୍ରେମ । ଦୈହିକ ମିଳନ ଅପେକ୍ଷା ହୃଦୟ ହୃଦୟର ମିଳନରେ ପାଇଛନ୍ତି ଶାନ୍ତି ଆଉ ତୃପ୍ତି । ଶୁଦ୍ଧ ମନ ଓ ପବିତ୍ର ଚିତ୍ତରେ ମିଳନ ହୋଇ କରିଛନ୍ତି ରତିକ୍ରୀଡା । ସଂଯମତା ହିଁ ହୋଇଛି ଅଫୁରନ୍ତ ପ୍ରେମର ମହନୀୟ ଆଦର୍ଶ । ତ୍ୟାଗରେ ପ୍ରେମ ହୁଏ ଚିର ଅମର । ଯେଉଁ ପ୍ରେମରେ ତ୍ୟାଗ ନାହିଁ ତାକୁ କୁହାଯିବ ନାହିଁ ପ୍ରକୃତ ପ୍ରେମ । ଏହି ପ୍ରେମ କେଉଁଠି ଦାମ୍ପତ୍ୟ ପ୍ରେମରେ ତ ଆଉ କେଉଁଠି ରୂପାୟିତ ହୋଇଛି ପରକୀୟା ପ୍ରେମରେ । କବି ଦୀନକୃଷ୍ଣ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ , କବି ଅଭିମନ୍ୟୁ, କବି ବଳଦେବ ପ୍ରମୁଖ କବିଙ୍କ କାବ୍ୟରେ ମୁଖ୍ୟ ଓ ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛି ପ୍ରେମ । ସବୁଠୁ ଶୀର୍ଷରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଥିଲେ ପ୍ରେମ ପ୍ରଣୟର ବିଶିଷ୍ଟ ସ୍ରଷ୍ଟା । ତାଙ୍କର ପ୍ରତ୍ୟେକ କାବ୍ୟ କବିତାରେ ସେ ପ୍ରେମର ନବନବ ଦ୍ୟୁତି ଓ ଦୀପ୍ତିକୁ କରିଛନ୍ତି ପ୍ରକାଶ । 'ଲାବଣ୍ୟବତୀ' କାବ୍ୟରେ ନାୟକ ପ୍ରଭାକର ନାୟିକା ବାଞ୍ଛାବତୀକୁ ପାଇବାକୁ ଯାଇ ଯେପରି ତାକୁ ସ୍ପର୍ଶ କରିଛି ତା'ର ମୃତ୍ୟୁ ଘଟିଛି ଓ ପ୍ରଭାକର ସେହି ଦୁଃଖରେ ଅନ୍ତରୀକ୍ଷ ବାଣୀ ଅନୁଯାୟୀ ପର ଜନ୍ମରେ ବାଞ୍ଛାବତୀକୁ ପାଇବା ପାଇଁ ଆତ୍ମ ବିସର୍ଜନ କରିଛି ତାହା ଯେ କୌଣସି ବ୍ୟକ୍ତିର ପ୍ରେମ ଭାବକୁ ସୂଚେଇ ଦେଇଥାଏ । ଠିକ ସେହିପରି 'ପ୍ରେମ ସୁଧାନିଧି', 'ରସିକ ହାରାବଳୀ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଆଦି କାବ୍ୟରେ କବି ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ମାନବୀୟ ପ୍ରେମର ତାଜମହଲଗୁଡ଼ିକୁ ।

କବି ଉପେନ୍ଦ୍ର ଭଞ୍ଜ ଦାମ୍ପତ୍ୟ ପ୍ରେମର ସୂଚନା ଦେଇଛନ୍ତି 'ବୈଦେହୀଶ ବିଳାସ' କାବ୍ୟରେ । ପଞ୍ଚବଟିରୁ ରାବଣ ସୀତାଙ୍କୁ ହରଣ କରି ନେଇଯିବା ପରେ ଅତି ସାଧାରଣ ମନୁଷ୍ୟ ପରି କାନ୍ଦିଛନ୍ତି ନାୟକ ରାମଚନ୍ଦ୍ର । ଏପରିକି ବୃକ୍ଷଲତା, ପଶୁପକ୍ଷୀ ଆଦିକୁ ବ୍ୟାକୁଳ ଭାବେ ପଚାରିଛନ୍ତି ସୀତାଙ୍କ ସମ୍ବାଦ । ସୀତା ବିରହୀ ରାମଚନ୍ଦ୍ର ଯେତେବେଳେ 'ହା, ସୀତେ ! ହା, ସୀତେ' ! କହି କାନ୍ଦି କାନ୍ଦି ବନରେ ଭ୍ରମଣ କରିଛନ୍ତି, ସେତେବେଳେ ସୀତାଙ୍କ ବିଷୟରେ କହି ବକ ପକ୍ଷୀଟିଏ ଆଶ୍ୱାସନା ଦେଇଛନ୍ତି ବିରହୀ ରାମଚନ୍ଦ୍ରଙ୍କୁ । ପ୍ରାଣପ୍ରୀୟା ସୀତା ମଧ୍ୟ ସ୍ୱାମୀ ରାମଚନ୍ଦ୍ରଙ୍କ ବିନା ହୋଇପଡିଛନ୍ତି ଅଥୟ । ଦୁହିଁଙ୍କ ପ୍ରେମ ଚିର ଶାଶ୍ୱତ । ସମଗ୍ର କାବ୍ୟରେ କବି ଅତି ଚମତ୍କାର ଭାବରେ ବର୍ଣ୍ଣନା କରିଛନ୍ତି ପ୍ରେମ ଭାବକୁ ।

ସେହିପରି 'ପ୍ରେମସୁଧାନିଧି' କାବ୍ୟରେ ନାୟକ ପ୍ରିୟତମା ପତ୍ନୀର ବିଚ୍ଛେଦରେ ପତ୍ର ଲେଖିଛି -

'କେତେ ଦୂରେ ଚନ୍ଦ୍ର<br>
କେତେଦୂରେ କୁମୁଦିନୀ<br>
ପ୍ରୀତି ଅଭେଦ ତାଙ୍କର<br>
ଯେତେ ଦୂରେ ଥିଲେ ଯେ<br>
ଯାହାର ସେ ତାହାର' ।

ଏହିପରି ରୀତି ଯୁଗୀୟ କାବ୍ୟକବିତା ଗୁଡ଼ିକରେ ଦେଖିବାକୁ ମିଳେ ଚିରନ୍ତନ ପ୍ରେମର ନିଦର୍ଶନ । ଅଭିମନ୍ୟୁ ସାମନ୍ତ ସିଂହାର 'ବିଦଗ୍ଧ ଚିନ୍ତାମଣି' ଓ 'ପ୍ରେମ ଚିନ୍ତାମଣି' କାବ୍ୟରେ ରାଧାକୃଷ୍ଣଙ୍କର ପ୍ରେମକୁ ଏତେ ସୁନ୍ଦର ଭାବେ ବର୍ଣ୍ଣନା କରିଛନ୍ତି ଯେ ରାଧାକୃଷ୍ଣ ପାଲଟି ଯାଇଛନ୍ତି ଦୁଇଟି ପ୍ରେମିକ ପ୍ରେମିକା । କବିଙ୍କ ବିଚାରରେ କାମ ହିଁ ପ୍ରେମ । ଏହି ପ୍ରେମ ସୃଷ୍ଟି ହେଲେ ନାୟକ ନାୟିକା କାମନାର ଜ୍ୱାଳାରେ ଗଭୀର ଦୁଃଖ ଅନୁଭବ କରନ୍ତି ।

'ଅନଳ ନୁହଁଇ ଦେହ ଦହଇ<br>
ଅସ୍ତ୍ର ନୁହଁଇ ମରମ ଭେଦଇ<br>
ନୁହଁଇ ତ ଜଳ ବୁଡାଏ କୂଳ<br>
ନୁହଁଇ ମାଦକ କରେ ବିହ୍ୱଳ ।<br>
ନୁହଁଇ ବଡ଼ଶୀ ଗୋ<br>
ବହେ ମନ ମୀନ ନିଏ ଆକର୍ଷି ।'

ଖାଲି ସେତିକି ନୁହେଁ ଅଭିମନ୍ୟୁଙ୍କ କାବ୍ୟରେ ପରକୀୟା ପ୍ରେମ ମଧ୍ୟ ପ୍ରକଟିତ । ଶ୍ରୀରାଧା କୃଷ୍ଣ ପ୍ରେମରେ ଏପରି ନିମଗ୍ନ ହୋଇ ଯାଇଛନ୍ତି ଯେ, ତାଙ୍କୁ ମନେହୋଇଛି ସବୁକିଛି କୃଷ୍ଣମୟ । ତନୁରେ, ମନରେ, ପ୍ରାଣରେ ଓ ହୃଦୟରେ ସୃଷ୍ଟି ହୋଇଛି ପ୍ରେମର ମିଳନ ପିପାସା ପାଇଁ । ସମାଜର ସବୁ ନୀତିନିୟମ, ନିନ୍ଦାଅପବାଦ ଓ ବାଧାବିଘ୍ନକୁ ଅତିକ୍ରମ କରି ବ୍ୟାକୁଳିତ ହୋଇ ପଡ଼ିଛନ୍ତି ଏକାକାର ହୋଇଯିବାକୁ ।

ବିରହିଣୀ ରାଧାଙ୍କ ଅନ୍ତରବାଣୀ କହିଦଉଛି ପ୍ରେମର ଅଭିସ୍ୱାର ବାଣୀ ହୋଇପାରେ କେତେ ହୃଦୟ ବିଦାରକ ।

'ଜୀବନ ଗଲେ ଏତିକି କରିବ<br>
ଶ୍ୟାମ ନାମ ମୋର ହୃଦେ ଲିହିବ<br>
ଶ୍ୟାମ ରୂପ ମୂର୍ତ୍ତି ହୃଦେ ଲଗାଇ<br>
ଶ୍ୟାମ ବସନ ଅଙ୍ଗରେ ଘୋଡାଇ<br>
ଶ୍ୟାମ ଗତି ପଥେ ଗୋ<br>
ମୋ ଶବ ପୋତିବ ଆପଣା ହାଥେ ।'

କବି ଦୀନକୃଷ୍ଣ 'ରସକଲ୍ଲୋଳ' କାବ୍ୟରେ ଷଡ଼ଋତୁ ବର୍ଣ୍ଣନା କରିବା ପ୍ରସଙ୍ଗରେ ଶ୍ରୀକୃଷ୍ଣଙ୍କ ସହିତ ଗୋପାଙ୍ଗନାମାନଙ୍କର ପ୍ରେମ ପ୍ରଣୟକୁ ଯେପରି ଭାବେ ବର୍ଣ୍ଣନା କରିଛନ୍ତି ତାହା ସୂଚାଇ ଦେଇଥାଏ ମର୍ତ୍ତ୍ୟର ନରନାରୀଙ୍କ ପ୍ରେମାଭାବକୁ । କାବ୍ୟରେ କିନ୍ତୁ ବୈଷ୍ଣବ ଧର୍ମଦର୍ଶନ କଥା କୁହାଯାଇଛି ମାତ୍ର ଧର୍ମର ଅନ୍ତରାଳରେ ରହିଛି ମାନବୀୟ ପ୍ରେମର ଆବେଦନ ।

ସମସାମୟିକ ସମାଜର ପ୍ରତିଛବି ବହନକାରୀ ସାହିତ୍ୟ ହିଁ ସାର୍ଥକ ସାହିତ୍ୟ ହିସାବରେ ହୋଇଥାଏ ବିବେଚିତ । ମଧ୍ୟ ଯୁଗୀୟ ସାହିତ୍ୟରେ ଲକ୍ଷ୍ୟ କରାଯାଏ ତତ୍କାଳୀନ ସାମାଜିକ ଜୀବନର ପ୍ରତିଫଳନ । ତେଣୁ ମଧ୍ୟଯୁଗୀୟ କବିମାନଙ୍କ କବିତା ଗୁଡ଼ିକରେ ସ୍ପଷ୍ଟ ବାରି ହୋଇପଡ଼େ ସାମାଜିକ ଓ ସାଂସ୍କୃତିକ ଜୀବନର ପ୍ରତିଛବିଗୁଡ଼ିକ । ସ୍ୱକୀୟା ପ୍ରେମ ହେଉ କି ପରକୀୟା ପ୍ରେମ ହେଉ - ଉଭୟ ପ୍ରେମ ପ୍ରଣୟରେ ରହିଛି ମାନବୀୟ ପ୍ରେମ ଯାହାକି ପରବର୍ତ୍ତୀ ସମୟରେ ପାଠକଟି ପାଠକରି ହୋଇଯାଇଛି ଅଭିଭୂତ ଓ ଭାବପ୍ରବଣ ହୋଇ ଖୋଜିବସିଛି ଅତୀତର ସେହି ସୁମଧୁର ଦୃଶ୍ୟରାଜିଗୁଡିକୁ । ସତରେ , ଧନ୍ୟ ସେହି ମଧ୍ୟଯୁଗୀୟ କବି ଓ ଅପରୂପା ସୌନ୍ଦର୍ଯ୍ୟରେ ଗଢ଼ିଥିବା କବିତା ସବୁ ।

ମଧ୍ୟଯୁଗୀୟ କାବ୍ୟର ଯଥାର୍ଥ ରୂପକାର ଥିଲେ କବି ଧନଞ୍ଜୟ ଭଞ୍ଜ । ତାଙ୍କ ପରେ କବି ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତ ସିଂହାର, ଭକ୍ତ ଚରଣ ଦାସ , କବି ବଳଦେବ ପ୍ରମୁଖ ବିଭିନ୍ନ ରାଗରାଗିଣୀରେ ଲେଖିଛନ୍ତି ରୀତି କାବ୍ୟକୁ । ଏହି ରୀତି କାବ୍ୟ ଯେ ଓଡ଼ିଆ ସାହିତ୍ୟର ହୀରାନୀଳା ଖଚିତ ମଣିମୁକ୍ତା ସଦୃଶ ; ଏକଥା ନିଃସନ୍ଦେହରେ କୁହାଯାଇପାରେ ।


+ ଏ/୧୮୬,
କୋଏଲ ନଗର,ରାଉରକେଲା
ଫୋନ ନଂ - ୭୬୮୩୮୯୮୦୨୬


## ଆଜିର କବିତା

### ମହା ଶିବରାତ୍ରି

**ରଶ୍ମି ସାମଲ**



ମହା ଶିବରାତ୍ରି ମହା ଜାଗର<br>
ଓଁ ନମଃ ଶିବାୟ<br>
ମନ୍ତ୍ର ହିଁ ସାର ।

ଲକ୍ଷ ଜନମରେ ମିଳେ<br>
ମଣିଷ ଜନମ<br>
ଶିବ କୃପା କଲେ ଯାଇ<br>
ମିଳିବ ସୁଫଳ ।

ମହା ଶିବରାତ୍ରୀରେ<br>
ଅଖଣ୍ଡ ପ୍ରଦୀପ ଜାଳି<br>
ଶିବଙ୍କୁ ଚିନ୍ତିବା<br>
ଭକ୍ତି ରୂପୀ ଦୀପ ସଦା<br>
ଜଳୁଥିବ ନିରନ୍ତର ।

ନଡ଼ିଆ ଧୂପ ଦୀପ ଫୁଲ ଦେଇ<br>
ମନାସିବା ଶୁଭ କାମନା ଆମର<br>
ବିନତି ଏତିକି କରିବା ଦିଅ ମୁକ୍ତି ହର ।

ଦୀପରେ ଜଳୁଛି ଆଜି<br>
ଜାଗର ରାତି<br>
ନାଲି ନୀଳ ରଙ୍ଗରେ ଆଜି<br>
ସଜ୍ଜିତ ହୋଇଛି ।

ଅନ୍ଧାରକୁ ଭେଦି ହସୁଛି ଏ ରାତି<br>
ସର୍ବ ସମ୍ମୁଖେ ଜଳୁଛି<br>
ଏହି ଜାଗରର ବତୀ ।

ମଙ୍ଗଳ ମନାସି ଆମେ<br>
କରିଛୁ ଉପାସ<br>
ରହି ଉଜାଗର ଆମେ ଦେଖିବୁ<br>
ସିଂହାର ବେଶ ।

ତୁମ ପାଇଁ ମହାଦେବ କୋଟି ଜୁହାର<br>
ମହା ଶିବରାତ୍ରି ମହା ଜାଗର ।


+ ଭୁବନେଶ୍ୱର
(ମୋ) ୯୪୩୭୧୧୫୮୬୫


### ଜାଗର ରାତିର ଆଶା

**ଝରଣା ବାରିକ**



ଭାବିଥିଲି ଆଜି କେଡେ ସରାଗରେ<br>
ବିତାଇବି ତୁମ ସାଥିରେ<br>
ତୁମରି ପାଶରେ ଜାଗରର ଦୀପ<br>
ଜାଳିବି ଜାଗର ରାତିରେ ।

ତୁମରି ଆଖିରୁ ଲୁହ ଟୋପା ନେଇ<br>
ପଖାଳିବି ଶିବ ଚରଣ<br>
ସବୁଦିନ ପାଇଁ ପାଖେ ରଖିବାକୁ<br>
କରିବି ତୁମକୁ ବରଣ ।

ମନ ମନ୍ଦିରରେ ପ୍ରଦୀପ ଜଳାଇ<br>
ଅଗଣାକୁ ଦେବି ସଜେଇ<br>
ଓମକାର ଶବଦ ଶିବ ମନ୍ତ୍ର ସହ<br>
ଡମ୍ବରୁକୁ ଦେବି ବଜେଇ ।

ଜୀବନ ପଥରେ ଯେପରି ଆଗକୁ<br>
ମୋସହ ରହିବ ସୁଖରେ<br>
ଶିବ ଶମ୍ଭୁ ପାଖେ ପାର୍ଥନା କରିବି<br>
ନ ରହିବ କେବେ ଦୁଃଖରେ ।

ସବୁ ଆଶା ମୋର ଆଶାରେ ରହିଲା<br>
ଚାଲିଗଲ କାହା ସାଥିରେ<br>
କାହା ପାଇଁ ମୁହିଁ ଜାଗର ଜାଳିବି<br>
ଆଜି ଏହି ପୁଣ୍ୟ ରାତିରେ ।

ଜାଗର ସରିବ ରାତି ବି ପାହିବ<br>
ଚାଲିଯିବେ ଯେଝା ଘରକୁ<br>
ପୁଣି ଏହି ଦୁଃଖ ମନେ ଦେବ ବ୍ୟଥା<br>
ତୁମ ପାଇଁ ଆଉ ଥରକୁ ।


+ ସମଲ, ତାଳଚେର, ଅନୁଗୁଳ
(ମୋ)- ୯୫୫୬୮୪୬୯୩୨

# ବେଆଇନ ଚିଙ୍ଗୁଡ଼ି ଚାଷ ବନ୍ଦ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶତାଧିକ ମହିଳା



ଭଦ୍ରକ,୧୦।୩(ନି.ପ୍ର): ଚାନ୍ଦବାଲି ତହସିଲ ଅଞ୍ଚଳରେ ହଜାର ହଜାର ଏକ ଚାଷ ଜମିକୁ ବେଆଇନ ଚିଙ୍ଗୁଡ଼ି ଚାଷ କରି ପରିବେଶ ନଷ୍ଟ ହେବା ସହିତ ଜମିରୁ ବାହାର କରାଯାଉଥିବା ଉଦ୍‌ବୃତ୍ତ ଜଳ ପାର୍ଶ୍ୱବର୍ତ୍ତୀ ଜମିକୁ ଯାଇ ଉକ୍ତ ଜମିର ଉତ୍ପାଦକ କ୍ଷମତାକୁ ନଷ୍ଟ କରୁଛି। ଯାହାକୁ ବିରୋଧ କରି ଆଜି ଆରଡ଼ି, ନୂଆଗାଁ, ଯଶିପୁର ଗ୍ରାମ ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଓ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଚିଙ୍ଗୁଡ଼ି ଘେରି ପାଇଁ ଚାଷ ଜମି ନଷ୍ଟ ହେଉଥିବାରୁ ଗତ ଫେବୃଆରୀ ୨୮ ତାରିଖରେ ଚାନ୍ଦବାଲିରୁ ଶତାଧିକ ଚାଷୀ ଚାଲିଚାଲି ଦୀର୍ଘ ୫୫ କିଲୋମିଟର ଆସି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଜି ଆରଡ଼ି ପଞ୍ଚାୟତର ମୁଆଁ, ପହଣା,ଯଶିପୁର ପଞ୍ଚାୟତର ଶୁଭଦିଆ, ବଳସାହି, ନୂଆଗାଁ ପଞ୍ଚାୟତର ଜନ୍ତୁଆଳି, ସଦାନନ୍ଦପୁର, ବିଶ୍ୱନାଥପୁର ଆଦି ଗ୍ରାମର ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ସହିତ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଚିଙ୍ଗୁଡ଼ି ଚାଷ ପାଇଁ କୌଣସି ସରକାରୀ ଅନୁମତି ନଥିବା ବେଳେ ରାଜନୈତିକ ବାହୁଛାୟା ତଳେ ଥିବା ତଥା ବିତ୍ତଶାଳୀ ଲୋକମାନେ ବେନିୟମ ଭାବେ ଚିଙ୍ଗୁଡ଼ି ଚାଷ କରୁଛନ୍ତି। ଆରଡ଼ି ପଞ୍ଚାୟତର ପହଣା ଅଞ୍ଚଳରେ ଚିଙ୍ଗୁଡ଼ି ଘେରିର ବିଷାକ୍ତ ପାଣି ବାବା ଆଖଣ୍ଡଳମଣିଙ୍କ ଶିବଗଙ୍ଗା ପୋଖରୀ ପାଣିକୁ ମଧ ବିଷାକ୍ତ କରୁଛି। ବହୁ ସ୍ଥାନରେ ଚିଙ୍ଗୁଡ଼ି ଘେରି ଲାଗି ବାଡ଼ ଘେରବନ୍ଦୀ କରି ରଖାଯାଇଥିବାରୁ ଗୃହପାଳିତ ପଶୁମାନେ ଚରାବୁଲା କରି ପାରୁ ନାହାନ୍ତି। ସ୍ଥାନୀୟ ଅଧିକାରୀ ତହସିଲାରଙ୍କୁ ଏ ବିଷୟରେ ଅବଗତ କରାଯାଇଥିଲେ ମଧ ତହସିଲଦାର କୌଣସି ପଦକ୍ଷେପ ନେଉ ନ ଥିବାରୁ ବାଧ ହୋଇ ଆଜି ମହିଳାମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ଆସନ୍ତା ୭ଦିନ ମଧରେ ଏକ ଜିଲ୍ଲାସ୍ତରୀୟ ସ୍କ୍ୱାଡ ଗଠନ କରାଯାଇ ଚିଙ୍ଗୁଡ଼ି ଚାଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅରୁଣ କୁମାର ମହାପାତ୍ର ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି। ଏହି ବିକ୍ଷୋଭ ଓ ଧାରଣାରେ ଓଡ଼ିଶା କୃଷକ ସଭା ଯୁଗ୍ମ ସମ୍ପାଦକ ବିକାଶ ନାଥ, ମହିଳା ଚାଷୀ ମାନିନୀ ଦାସ, ପୂଜା ଦାସ, ସଂଯୁକ୍ତା ଦାସ, ସୁମିତ୍ରା ଦାସ, ଚାଷୀ ନେତା ନିରଞ୍ଜନ ଯେନା ପ୍ରମୁଖ ନେତୃତ୍ୱ ନେଇଥିଲେ।

# ହୋଲ୍ଡିଂ ଟ୍ୟାକ୍ସ ଓ ପ୍ରପର୍ଟି ଟ୍ୟାକ୍ସ ବେଆଇନ୍ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୧୦।୩ (ନି.ପ୍ର): ଭୁବନେଶ୍ୱରରେ ବେଆଇନ୍ ଭାବେ ହୋଲ୍ଡିଂ ଟ୍ୟାକ୍ସ ଓ ପ୍ରପର୍ଟି ଟ୍ୟାକ୍ସ ବୃଦ୍ଧିର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ମାଷ୍ଟରକ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମଙ୍ଗଳବାର ଦିନ ମଧ ଭୁବନେଶ୍ୱର ବଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିଶାଳ ରାଲି କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଂଟିନ ପର୍ଯ୍ୟନ୍ତ ଯାଇଥିଲା ଏବଂ ସେଠାରେ ରାସ୍ତା ଉପରେ ବସି କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଏମ୍‌ସି କମିଶନର ଏବଂ ମୁଖ୍ୟମନ୍ତ୍ରୀଙ୍କ କୁଶପୁତଳିକା ଦାହ କରାଯାଇଥିଲା। ଏହି ଅବସରରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଭୁବନେଶ୍ୱର ବାସିନ୍ଦା ୨୨ ବର୍ଷଧରି ନବୀନ ସରକାରକୁ ସମର୍ଥନ କରୁଛନ୍ତି। ମାତ୍ର ପ୍ରତିବଦଳରେ ନବୀନ ବାବୁ ଭୁବନେଶ୍ୱର ବାସିନ୍ଦାଙ୍କ ତଂଟି ଚିପି ହୋଲ୍ଡିଂ ଟ୍ୟାକ୍ସ ଓ ପ୍ରପର୍ଟି ଟ୍ୟାକ୍ସ ଆଦାୟ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହା ପୂର୍ବ ଦେୟର ଦଶଗୁଣରୁ ଅଧିକ। ସ୍ଥଳ ବିଶେଷରେ ଏହା କୋଡିଏ ପଚିଶ ଗୁଣର ହୋଇଥିବା ମଧ ଦେଖାଯାଇଛି। ଧାରା ୨୧୭ ଅନୁସାରେ ପ୍ରସ୍ତାବ ଦେବା ପ୍ରଶ୍ନ ଉଠୁଛି କେଉଁଠୁ? ଧାରା ୨୧୮ ଅନୁସାରେ ଗୋଟିଏ ମୂଲ୍ୟାୟନ ଟ୍ରିବ୍ୟୁନାଲ ଗଠନ ହେବା କଥା, ତାହା ହୋଇନାହିଁ। ଧାରା ୨୧୯ ଅନୁସାରେ ସବୁ ନାଗରିକଙ୍କୁ ନୋଟିସ ଜରିଆରେ ହିସାବ ଜଣାଇବେ। ତାହା ହୋଇନାହିଁ। ଏଣୁ ବିଏମ୍‌ସି ଏବଂ ରାଜ୍ୟ ସରକାରଙ୍କର ଭୁବନେଶ୍ୱର ବାସିନ୍ଦାଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ କଂଗ୍ରେସ ଦଳ ବରଦାସ୍ତ କରିବ ନାହିଁ। ବୃଦ୍ଧି ଟିକସ ପ୍ରତ୍ୟାହାର ନହେବା ଯାଏ ଆନ୍ଦୋଳନ ଜାରି ରହିବ। ଏହି ପ୍ରସଙ୍ଗରେ ଆଗାମୀ ଦିନରେ ଭୁବନେଶ୍ୱରରେ ଷ୍ଟ୍ରିଟ୍ କର୍ଣ୍ଣର ମିଟିଂ ଏବଂ ବିଏମ୍‌ସି ଅଫିସ୍ ଘେରାଉ କରାଯିବ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, ମନୋରଞ୍ଜନ ଦାଶ, ଜୟକୃଷ୍ଣ ସୁବୁଦ୍ଧି, ଅବିନାଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ୩୦ ଜଣ ଭୂମିହୀନଙ୍କୁ ପଟ୍ଟା ପ୍ରଦାନ

ଭୁବନ,୧୦।୩ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ବାଲିବୋ ପଂଚାୟତ କାନଖାଇ ଗ୍ରାମର ୩୦ ଜଣ ଅନୁସୂଚୀତ ଜନଜାତି ଭୂମିହୀନ ଙ୍କୁ ଆଜି ବ୍ଲକ କାର୍ଯ୍ୟାଳୟରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ବିଡିଓ ଆଶୀର୍ବାଦ ପରିଡା , ମଙ୍ଗଳ ଅଧିକାରୀ ସଚିଦାନନ୍ଦ ପୃଷ୍ଟି ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ସହ ନ୍ୟାୟ ପାଇଁ ଏସପିଙ୍କୁ ଗୁହାରି

କୋରାଇ,୧୦।୩ (ନି.ପ୍ର): କୁଆଖିଆ ଥାନା ଅନ୍ତର୍ଗତ ନଠୁଆବର ଗ୍ରାମର ବଂଶୀଧର ବାରିକଙ୍କ ଅଭିଯୋଗ ମୁତାବକ ଆଙ୍କ ପ୍ରଥମ ସ୍ତ୍ରୀର ପୁଅ ଅମୂଲ୍ୟ, ବୋହୁ ସଂଜୁ ଓ ନାତି ଦେବାଶିଷ ସମେତ ମିଳିତ ଭାବେ ଗତ ୨ ତରିଖ ରାତ୍ରୀରେ ସମ୍ପତି ବାଡିକୁ ନେଇ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ। ଘରେ ରହୁଥିବା ବଂଶୀଧରଙ୍କ ଦ୍ୱିତୀୟ ସ୍ତ୍ରୀର ଝିଅ ପୂର୍ଣ୍ଣିମା ବିଶ୍ୱାଳଙ୍କୁ ଏକ ଧାରୁଆ ଝୁରୀରେ ଆକ୍ରମଣ କରିଥିଲେ। ବଂଶୀଧରଙ୍କ ଦ୍ୱିତୀୟ ସ୍ତ୍ରୀ ଜୟନ୍ତୀ ସେଠାରେ ପହଂଚିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ଏମିତିକି ବଂଶୀଧର ମଧ୍ୟ ବାଦ ପଡିନଥିଲେ। ତିନି ଜଣ ଆହତ ହୋଇ ମଧୁବନ ଡାକ୍ତରଖାନାକୁ ଆସିଥିଲେ। ଏହାର ସୁଯୋଗ ନେଇ ଅମୁଲ୍ୟ ଥାନାରେ ଆଗୁଆ ଏକ ମିଥ୍ୟା ଅଭିଯୋଗ କରିଥିଲେ। ଫଳରେ ଅହତ ବଂଶୀଧର ପରିବାର ପଛରେ ଅଭିଯୋଗ ଆଣିବାରୁ ପୁଲିସ ସେମାନଙ୍କୁ ନ୍ୟାୟ ଦେବା ବଦଳରେ ପାଲଟା ଅଭିଯୋଗରେ ଗିରଫ କରିବାକୁ ଧମକ ଦେଉଛି। ଫଳରେ ବଂଶୀଧର ସ୍ତ୍ରୀ ଜୟନ୍ତୀ ଓ ଝିଅ ପୂର୍ଣ୍ଣିମାକୁ ଧରି ନ୍ୟାୟ ପାଇଁ ଯାଜପୁର ଏସପିଙ୍କୁ ଗୁହାରୀ କରିଛନ୍ତି।

# ଚାରି ପୁରୁଣା ୱାରେଣ୍ଟି ଗିରଫ




ଧାମନଗର ,୧୦।୩ (ନି.ପ୍ର): ଏକ ପୁରୁଣା ମାମଲାରେ ସମ୍ପୃକ୍ତ ଥାଇ ଦୀର୍ଘଦିନରୁ ଫେରାର ଥିବା ୪ଜଣ ୱାରେଣ୍ଟିଙ୍କୁ ଧାମନଗର ପୋଲିସ ଗିରଫ କରିଛି। ଜିଆର କେସ ନଂ ୧୪୭୭/୯୫ରେ ୪ଜଣ ବ୍ୟକ୍ତି ସମ୍ପୃକ୍ତ ଥିବାବେଳେ ପୋଲିସ ସେମାନଙ୍କୁ ଠାବ କରିପାରୁନଥିଲା। କୌଣସି ସୁତ୍ରରୁ ଖବରପାଇ ଧାମନଗର ପୋଲିସ ସମ୍ପୃକ୍ତ ୱାରେଣ୍ଟିଙ୍କ ଘର ଉପରେ ଚଢାଉ କରି ସେମାନଙ୍କୁ ଗିରଫ କରିବାକୁ ସଫଳ ହୋଇଛି। ଗିରଫ ୱାରେଣ୍ଟି ମାନେ ହେଲେ ଧାମନଗର ଥାନା ଅନ୍ତର୍ଗତ ମିରହାସନପୁରର ପ୍ରେମାନନ୍ଦ ଦାସ, ଗୟାଧର ଜେନା, ମଙ୍ଗୁଳିଆସାହିର ଗୌରାଙ୍ଗ ସାହୁ ଓ ଗଣେଶ ବେହେରା ଧାମନଗର ଆଇଆଇସି ରତିକାନ୍ତ ଗିରି ସଦଳବଳେ ସୋମବାର ବିଳମ୍ବିତ ରାତ୍ରିରେ ଚଢଉକରି ୱାରେଣ୍ଟି ମାନଙ୍କୁ ଗିରଫ କରିଥିବାବେଳେ ଆଜି ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ବାରିପଦାରେ ରାଜ୍ୟସ୍ତରୀୟ ଆର୍ନ୍ତଜାତିକ ମହିଳା ଦିବସ ପାଳିତ

## ବୀରଚକ୍ରରେ ସମ୍ମାନୀତ ସ୍ୱର୍ଗତଃ ନାଏବ ସୁବେଦାର ନୁଦୁରାମ ସୋରେନଙ୍କୁ ପତ୍ନୀଙ୍କୁ ସ୍ୱତନ୍ତ୍ର ସମ୍ମାନ

ବାରିପଦା ,୧୦।୩ (ନି.ପ୍ର): ଆଜି ବାରିପଦାର ଶହୀଦ ସ୍ମୃତି ଭବନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା ଫାଉଣ୍ଡେସନ ଆନୁକୂଲ୍ୟରେ ୪୮ତମ ଆର୍ନ୍ତଜାତିକ ମହିଳା ଦିବସ ପାଳିତ ହୋଇ ଯାଇଛି । ଫାଉଣ୍ଡେସନର ସଭାପତି ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭ ଲୋକସଭା ସାଂସଦ ଇଂ. ବିଶେଶ୍ୱର ଟୁଡୁ, ସ୍ୱତନ୍ତ୍ର ଅତିଥି ଭାବେ ମୟୂରଭଂଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଂଜଦେଓ, ମୟୂରଭଂଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଂଜଦେଓ, ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ମୁଖ୍ୟବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ମୟୂରଭଂଜ ଜିଲ୍ଲା ପରିଷଦ ସଭାପତି ସୁଜାତା ମୁର୍ମୁ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବଡସାହି ବିଧାୟକ ସନାତନ ବିଜୁଳି, ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ, ମୟୂରଭଂଜ ଭାରଉତ୍ତୋଳନ ସଂଘର ଅଧ୍ୟକ୍ଷ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଦ୍ମମାଳି ମହିଳା ସଂଗଠନର ସଭାପତି ପ୍ରଫେସର ସଂଯୁକ୍ତା ଜୀ, ମହିଳା ଜ୍ୟୋର୍ତିବିଦ କୁମାରିକା ସାମଲ, ଶୋଭାବତୀ ଓତା, ପ୍ରମିଳା ପଣ୍ଡା, ସୁମନ ସିଂ, ସରୋଜିନୀ କିସ୍କୁ, କୌଶଲ୍ୟା ନାଏକ, ବେତନଟୀ ବ୍ଲକ ଉପାଧ୍ୟକ୍ଷା ଅମ୍ବିକା ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳା ମାନଙ୍କୁ ସମ୍ମାନୀତ କରା ଯାଇଛି । ମୟୂରଭଂଜକୁ ସାରା ଭାରତବର୍ଷରେ ଗୌରବାନ୍ୱିତ କରି ଥିବା ଜିଲ୍ଲାର ବୀରପୁତ୍ର, ଗତ ଜନରାଜ୍ୟ ଦିବସରେ ବୀରଚକ୍ରରେ ସମ୍ମାନୀତ ସହୀଦ ନାଏବ ସୁବେଦାର ନୁଦୁରାମ ସୋରେନଙ୍କ ଧର୍ମପତ୍ନୀ ଲକ୍ଷ୍ମୀମଣି ସୋରେନଙ୍କୁ ସଭା ମଞ୍ଚରେ ସମ୍ମାନୀତ କରା ଯାଇ ଥିଲା । ମହିଳା ମାନଙ୍କ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ, ପ୍ରତିକ୍ରିୟାଶୀଳ ସାମ୍ବାଦିକତା ଓ ନିରପେକ୍ଷ ଖବର ପ୍ରକାଶ ପାଇଁ ସମ୍ବାଦର ବାଲେଶ୍ୱର ସାମ୍ବାଦିକା କବିତା ପାତ୍ର, ଉଦଳାର ସାମ୍ବାଦିକା ପ୍ରମିଳା ପଣ୍ଡା, ମୟୂରଭଂଜ ଜିଲ୍ଲା ସମ୍ବାଦ ପ୍ରତିନିଧି ରାଜକିଶୋର ଦାଶ, ରାଇରଙ୍ଗପୁର ସମ୍ବାଦ ପ୍ରତିନିଧି ତୁଷାରକାନ୍ତ ମହାନ୍ତ, ଜିଲ୍ଲା ସାମ୍ବାଦିକ ରନ ଦାଶ, କନକ ସମ୍ବାଦର ଜିଲ୍ଲା ପ୍ରତିନିଧି ଦୋଳଗୋବିନ୍ଦ ବାରିକ, ଓଜେୟୁର ରାଜ୍ୟ ଉପସଭାପତି ତତା ପ୍ରଗତିବାଦୀର ଜିଲ୍ଲାପ୍ରତିନିଧି ଦୀପକ କୁମାର ନାୟକ, ବିଶ୍ୱଜିତ ଭୂୟାଁ, ସୁବ୍ରତ ଦାସ ପ୍ରମୁଖଙ୍କୁ ସଭା ମଞ୍ଚରେ ସମ୍ବର୍ଦ୍ଧିତ କରା ଯାଇଛି । ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ବୀଣା ଦାଶ, ପ୍ରଫେସର ସଂଯୁକ୍ତା ଜୀ, ବୈଷୟିକ ଶିକ୍ଷା ପାଇଁ କ୍ଷୀରମଣୀ ମହାନ୍ତ, ଖେଳକୁଦରେ ଉଲ୍ଲେଖନୀୟ ଅବଦାନ ପାଇଁ ଜୁନିଅର ଅଲମ୍ପିଆଡ ସ୍ନେହା ସୋରେନ, ସମାଜସେବା ଓ କରୋନା ସଚେତନା ପାଇଁ ସମାଜସେବୀ ଛୋଟଲାଲ ମହାନ୍ତ, ପଦ୍ମମାଳି ସମ୍ପାଦିକା ପ୍ରଭାତୀ ମହାନ୍ତି, ବିନୋଦିନୀ ମହାନ୍ତ, ମିନାକ୍ଷି ପରିଡା, ସୋହାନା ଖାତୁନ, ମଧୁସ୍ମିତା କୁଅଁରବାବୁ, କଳା କ୍ଷେତ୍ରରେ ଶାସ୍ତ୍ରୀୟ ନୃତ୍ୟ ବିଶାରଦ ଶୁଭସ୍ମିତା ସେନାପତି, ଝୁମର ବିଶାରଦ ବିନ୍ଦୁ ମହାନ୍ତ, ଛଉ ନୃତ୍ୟ କଳାକାର ସୁମନ ବିନ୍ଧାଣୀ, ବନରୁପା ମହାନ୍ତି, କରୋନା ଯୋଦ୍ଧା ଭାବେ ଷ୍ଟାଫ ନର୍ସ ସୁଭଦ୍ରା ଗାଆଣ, ସାହିତ୍ୟ କ୍ଷେତ୍ରରେ ସବିତା ମହାନ୍ତି, ଜୟନ୍ତୀ ଖଟୁଆ, ଗୀତାଳୀ ଭୂୟାଁ, କୃଷି କ୍ଷେତ୍ରରେ ପଙ୍କଜିନୀ ମହାନ୍ତ, ବାଉଁଶ କାରିଗରୀ ପାଇଁ ତିଳୋତ୍ତମା ମହାନ୍ତ ପ୍ରମୁଖଙ୍କୁ ସମ୍ମାନୀତ କରା ଯିବ ବୋଲି ଜଣା ପଡିଛି । ପଦ୍ମମାଳିର ହରପ୍ରିୟା ଦାସ ଲକି ଡ୍ରରେ ପ୍ରଥମ ପୁରସ୍କାର ହାସଲ କରି ଥିବାର ଜଣା ପଡିଛି । ସଭା ମଞ୍ଚରେ ଜଣେ କ୍ୟାନସର ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରା ଯାଇ ଥିଲା । କାର୍ଯ୍ୟକ୍ରମ ଆୟୋଜିନରେ ୩୬ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ବ୍ରଜମୋହନ ବେହେରା, ପ୍ରଦୀପ କୁମାର ମହାନ୍ତି, ପାମେଲା ଜେନା, ରଶ୍ମିତା ଦାସ, ହରପ୍ରିୟା ଦାସ, ରାଧାପ୍ରିୟା ଦାସ, ମାଳତୀ ମରୀ ଦାସ, ଚିନ୍ମୟୀ ପଣ୍ଡା, ମିନତୀ ସାହୁ, ମମତା ଆଚାର୍ଯ୍ୟ, ସତ୍ୟବ୍ରତ ଜେନା, କ୍ୟାପଟେନ ଅଶୋକ ଦାସ, ବଂଶୀଧର ସାହୁ, ଗତିକୃଷ୍ଣ ମହାନ୍ତ, ଅଜୟ କୁମାର କର, ସୁରେନ୍ଦ୍ର କୁମାର ଲେଙ୍କା, ଦେବାନନ୍ଦ ମୁର୍ମୁ, ଦୀନେଶ ଦାସ, ପ୍ରବୀଣ କୁମାର ପାତ୍ର, ଦେବବ୍ରତ ସାମଲ, ପାୟଲ ରାୟ, ସାବିତ୍ରୀ ରାଉତ, ହେମଲତା ଦାସ ପ୍ରମୁଖ ସକ୍ରିୟ ସହଯୋଗ କରି ଥିଲେ । ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସଭାପତି ରନ କୁମାର ମହାନ୍ତି ସଭାମଞ୍ଚ ପରିଚାଳନା କରି ଥିଲେ । ଏହି କାର୍ଯ୍ୟକ୍ରମରେ ଅଗ୍ରଣୀ ମହିଳା ସଂଗଠନ ପଦ୍ମମାଳି, ମିଲନଦେବୀ ଏଜୁକେସନାଲ ଟ୍ରଷ୍ଟ ଓ ଅନ୍ୟମାନେ ସହଯୋଗ କରି ଥିବାର ଜଣା ପଡିଛି ।

# ପୋଥାଳ ସାହିରେ ଚବିଶ ପ୍ରହର ନାମଯଜ୍ଞ ଉଦ୍‌ଯାପିତ

ଭୁବନ,୧୦।୩ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ପୋଥାଳ ସାହିରେ ଗତ ଶନିବାର ଠାରୁ ଆରମ୍ଭ ହୋଇଥିବା ଚବିଶ ପ୍ରହର ନାମଯଜ୍ଞ ଆଜି ଅପରାହ୍ନରେ ଉଦଯାପିତ ହୋଇଯାଇଛି । ପୂର୍ଣ୍ଣାହୁତୀ ପରେ ସଂକୀର୍ତନ ମଣ୍ଡଳୀଙ୍କ ଗହଣରେ ରାଧାରମଣ ପ୍ରଭୁଙ୍କ ନଗରକୀର୍ତନ କରାଯାଇଥିଲା। ସଂଧ୍ୟାରେ ସାମୁହିକ ପ୍ରସାଦସେବନ ଅନୁଷ୍ଠିତ ହୋଇଥିଲା। ଚବିଶପ୍ରହର ନିମନ୍ତେ ଶୁକ୍ରବାର ଅପରାହ୍ନରେ ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରା କରି ପୋଥାଳସାହି ସ୍ଥିତ ଶ୍ରୀକୃଷ୍ଣ ଚୈତନ୍ୟ ଦେବ ଙ୍କ ମନ୍ଦିର ପ୍ରାଙ୍ଗଣରେ ଘଟସ୍ଥାପନ କରିଥିଲେ । ସଭାପତି ନରୋତମ ସାହୁ ଓ ସଂକୀର୍ତନ ମୁଖ୍ୟ ଗୌରାଙ୍ଗ ଚରଣ ଗୁରୁ ଙ୍କ ତତ୍ୱାବଧାନରେ ତିନିଦିନ ଧରି ନାମସଂକୀର୍ତନ ଅହୋଇଥିଲା ।

# ମହିଳା ଦିବସକୁ କଳାଦିବସ ଭାବେ ପାଳନ କଲା ମହିଳା କଂଗ୍ରେସ




ବାରିପଦା ,୧୦।୩ (ନି.ପ୍ର): ଆଜି ଆନ୍ତର୍ଜାତିକ ମହିଳା ଦିବସକୁ ମୟୂରଭଂଜ ଜିଲ୍ଲା ମହିଳା କଂଗ୍ରେସ ତରଫରୁ କଳା ଦିବସ ଭାବରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଳନ କରାଯାଇଥିବାର ଦେଖାଯାଇଛି । ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସୁସ୍ମିତା ଘୋଷାଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଧାରଣାରେ ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ସହିତ ରନ୍ଧନ ଗ୍ୟାସ , ଡିଜେଲ, ପେଟ୍ରୋଲ ର ଅହେତୁକ ମୂଲ୍ୟ ବୃଦ୍ଧି ଏବଂ ନାରୀ ନିର୍ଯାତନା, ହତ୍ୟା ଧର୍ଷଣ ଭଳି ଘଟଣା ବୃଦ୍ଧିପାଇବା ସହିତ ଆଇନ ଶୃଙ୍ଖଳା ବିଗିଡି ଯାଉଥିବାର ଅଭିଯୋଗ କରି ଏହାର ପ୍ରତିବାଦରେ ମହିଳା କଂଗ୍ରେସ ତରଫରୁ ଆଜି ଦିନ ୧୦ଟାରୁ ୧୨.୩୦ ମିନିଟ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ୟାସ ସିଲିଣ୍ଡର ରଖି ଧାରଣାରେ ବସିବା ସହିତ କେନ୍ଦ୍ର ସରକାର ତୁରନ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ହ୍ରାସ କରନ୍ତୁ ବୋଲି ଦାବୀ କରିଥିଲେ । ଏହି ଅବସରରେ ମୟୂରଭଂଜର ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁକୁ ଆୟତ କରିବାରେ ସରକାର ତଥା ବିଭାଗ ବିଫଳ ହେଉଥିବା ବେଳେ ରାଜ୍ୟ ସରକାରଙ୍କର ଗଣ୍ଡାଗୁଚ୍ଛା ମନ୍ତ୍ରୀ ବିଧାୟକ, ନେତା ଆସି ବାରିପଦା ଓ ରାଇରଙ୍ଗପୁର ଠାରେ ଫୁଟବଲ ଓ କ୍ରିକେଟ ଖେଳ ପାଇଁ ଜିଲ୍ଲାରେ ଡେରା ପକାଇ ରହିଥିଲେ ମଧ୍ୟ ଶିମିଳିପାଳ ପ୍ରତିଚିନ୍ତା ନକରିବା ଦୁର୍ଭାଗ୍ୟ ଜନକ ବୋଲି ମହିଳା କଂଗ୍ରେସ ତରଫରୁ କୁହାଯାଇଛି । ଆଜିର କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଶୁଶିଳା ତିରିଆ, ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ, ନାରୀନେତ୍ରୀ ରିତା ଯୋଶୀ, ଇତିଶ୍ରୀ ମିଶ୍ର, ସୁନନ୍ଦା ସାହୁ ପ୍ରମୁଖ ନିଜନିଜ ବକ୍ତବ୍ୟରେ ସରକାର ମହିଳା ମାନଙ୍କୁ ଉପଯୁକ୍ତ ସମ୍ମାନ ଦେବାରେ ବିଫଳ ହୋଇନଥିଲେ ରାଜ୍ୟ ତଥା ଦେଶରେ ନାରୀ ନିର୍ଯାତନା, ଧର୍ହଣ, ହତ୍ୟା, ଲୁଣ୍ଠନ ଭଳି ଘଟନା ଦିନକୁ ଦିନ ବଢିନଥାନ୍ତା ବୋଲି କହିଛନ୍ତି । ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ଜ୍ୟୋତି ପ୍ରକାଶ ରଥ, ଅରବିନ୍ଦ ଦାସ, ଅଶୋକ ଅଧିକାରୀ, ସୁଦୀପ ମନ୍ତ୍ରୀ, ଯୋଗେଶ ଅଗ୍ରୱାଲା, ପ୍ରଦୀପ ମିଶ୍ର, ଶାନ୍ତନୁ ପାଲ, କୌଶିକ ମିଶ୍ର, ପ୍ରକାଶ ଦାସ, ଦୀପକ ଦାସ, ସେକ ମୁସ୍ତାଫା, ଇନ୍ଦୁମତି ମହାନ୍ତି, ରଶ୍ମିତା ମିଶ୍ର ପ୍ରମୁଖ ବହୁ କଂଗ୍ରସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

କଣାସ,୧୦।୩ (ନି.ପ୍ର): ପୁରୀ ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ସିରେଇ ଗ୍ରାମପଚାଂୟତର ପଶିଆପଡା ଗ୍ରାମ ବାବା ଲୋକନାଥ ଦେବଙ୍କ ପ୍ରାଙ୍ଗଣରେ ପ୍ରଥମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଗତ ୬ ତାରିଖ ଠାରୁ ଆରମ୍ଭ ହୋଇ ୮ତାରିଖ ଦିନ ଉଦଯାପିତ ହୋଇଯାଇଛି । ଅଷ୍ଟପ୍ରହର ନାମଯଜ୍ଞ ଶୁଭାଧିବାସ ହୋଇ ଗ୍ରାମର ସମସ୍ତ ପୁରୁଷ ଓ ମହିଳାମାନେ ଦୋକାନ୍ଦା ଘାଟଠାରୁ କଳସ ବୁଡାଇ ଦୀର୍ଘ ୬ କି.ମି. ଅତିକ୍ରମ କରି ଅଷ୍ଟପ୍ରହର ନାମଯଜ୍ଞ ସ୍ଥଳରେ ପହଂଚିଥିଲେ । ଆଖପାଖ ଗ୍ରାମ ଓ ପଶିଆପଡା ଗ୍ରାମର ନାମସଂକୀର୍ତନ ଦଳ କଣାସ, ସହନା, ପଶିଆପଡା, ରାଧାମୋହନପୁର, କଅଁରପୁର, ଚାଇଁପୁର, ବ୍ରହ୍ମଗିରୀ ଓ ବକୁଳିସାହି ୭ଟି ନାମସଂକୀର୍ତନ ଦଳ ନାମସଂକୀର୍ତନ ପରିବେଷଣ କରିଥିଲେ। ଆଖପାଖ ଗ୍ରାମର ଭକ୍ତମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ । କର୍ତା ଭାବେ ପଦ୍ମଚରଣ ରଣସିଂହ ଓ ତାଙ୍କର ପତ୍ନୀ ପଦ୍ମାବତୀ ରଣସିଂହ ଯୋଗଦାନ କରିଥିବା ବେଳେ କୈଳାସ ବଳିଆରସିଂହ, ମହେଶ୍ୱର ମାର୍ଥାଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଅଷ୍ଟପ୍ରହର ନାମଯଜ୍ଞରେ କୃପାସିନ୍ଧୁ ପାଇକରାୟ, ଜଗନ୍ନାଥ ଭାରିମଲ୍ଲ, ପୁଷ୍ପିତା ରଣସିଂହ, ତିଳତମା ମହାପାତ୍ର ଏବଂ ଗ୍ରାମବାସୀମାନଙ୍କ ମିଳିତ ସହଯୋଗରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଥିଲା ।

# ଧାନବସ୍ତା ରଖି ସମିତି ଆଗରେ ଅନଶନରେ ବସିଲେ ଚାଷୀ



ଭଦ୍ରକ,୧୦।୩ (ନି.ପ୍ର): ଧାନ କିଣାରେ ଅନିୟମିତତା ଓ ସମିତି ଆଗରେ ଧାନ ପଡ଼ି ରହିଥିଲେ ବି ସମିତି ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ କାରଣରୁ ଧାନ ବିକ୍ରି କରି ପାରି ବାଧ ହୋଇ ସମିତି ଆଗରେ ଧାନ ବସ୍ତା ରଖି ଅନଶନରେ ବସିଥିଲେ। ଧାମନଗର ବ୍ଲକ ଭଗବାନପୁର ଗ୍ରାମ ସ୍ଥିତ ଶ୍ରୀଜଗନ୍ନାଥ ସେବା ସମବାୟ ସମିତି ଅଧୀନରେ ଚାଷୀ ପଞ୍ଜିକରଣ ହେବା ସହିତ ଚାଷୀମାନେ ଟୋକନ ପାଇଥିଲେ। ମାତ୍ର ସମ୍ପାଦକଙ୍କ ବେନିୟମ କାର୍ଯ୍ୟ ତଥା ସରକାରୀ ଆଇନ କାନୁନ୍‌ର ଉଲଂଘନ ଯୋଗ ଚାଷୀମାନେ ଧାନ କିଣାରୁ ବଂଚିତ ହେଲେ। ନିର୍ଦ୍ଧାରିତ ସମୟ ମଧରେ ସମ୍ପାଦକ ଟୋକନଧାରୀଙ୍କ ଠାରୁ ଧାନ ନକିଣି ବେନିୟମରେ ଚଞ୍ଚକତା କରି ଧାନ କିଛି ନିଜ ସମ୍ପର୍କୀୟ, ପ୍ରିୟପ୍ରୀତି ତୋଷଣ ନୀତିରେ ଧାନ କିଣି ପ୍ରକୃତ ଚାଷୀଙ୍କୁ ହଇରାଣ କରିଥିବାରୁ ଚାଷୀମାନେ ଉତ୍ୟକ୍ତ ହୋଇ ଧାନ ବସ୍ତାରେ ଆଣି ଗତକାଲି ସନ୍ଧ୍ୟାଠାରୁ ଚାଷୀ ରାମଚନ୍ଦ୍ର ସେଠୀ, ନିରାକାର ବଳ, ସୁରେନ୍ଦ୍ର ବଳ, ସୁରେନ୍ଦ୍ର ରାଉତ,ସୁକାନ୍ତୀ ଷେଣ୍ଡ଼, ଅଭିମନ୍ୟୁ ଦାସ, ଭାନୁ ପ୍ରକାଶ ଦାସ, ସୁକାନ୍ତ ଶଙ୍ଖୁଆ, ରମାକାନ୍ତ ଶଙ୍ଖୁଆ, ଦିଲିପ କୁମାର ବହେରା ପ୍ରମୁଖ ଅନଶନରେ ବସିଥିଲେ। ଆଜି ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ଅନ୍ୟ ଅଧିକାରୀ ଅନଶନ ସ୍ଥଳରେ ପହଞ୍ଚି ଚାଷୀଙ୍କ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେବା ପରେ ଅନଶନ ପ୍ରତ୍ୟାହାର ହୋଇଥିଲା।

# ଉପନ୍ୟାସ "ଗୋଧୂଳି ପ୍ରୟାସ" ବାଚସ୍ପତିଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର,୧୦।୩ (ନି.ପ୍ର): ଅବସର ପ୍ରାପ୍ତ ସିବିଆଇ ସ୍ୱତନ୍ତ୍ର ବିଚାରପତି ଭିକାରୀ ଚରଣ ରାଉତଙ୍କ ଲିଖିତ ଉପନ୍ୟାସ ପୁସ୍ତକ "ଗୋଧୂଳି ପ୍ରୟାସ" ଓଡ଼ିଶା ବିଧାନସଭା ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱାରା ବିଧାନସଭା କାର୍ଯ୍ୟାଳୟରେ ଉନ୍ମୋଚିତ ହୋଇଯାଇଛି । ଉପନ୍ୟାସଟି ଜୀବନ ଦର୍ଶନ, ଯୌବନର ଆହ୍ୱାନ, ଦେଶ ପ୍ରେମ, ସର୍ବଧର୍ମ ସମନ୍ୱୟ ତଥା ସାମାଜିକ ସମ୍ପର୍କର ଦାର୍ଶନିକ ତତ୍ୱ ଆଦି ଉପରେ ଆଧାରିତ ହୋଇଛି ଏବଂ ଏହା ଓଡ଼ିଆ ସାହିତ୍ୟ ଭଣ୍ଡାର ପାଇଁ ଅନ୍ୟତମ ଉପହାର ବୋଲି ଉନ୍ମୋଚନ ଅବସରରେ ଡ଼ଃ. ପାତ୍ର କହିଛନ୍ତି। ଏଥି ସହିତ ଅବସର ପ୍ରାପ୍ତ ବିଚାରପତିଙ୍କ ପରିଣତ ବୟସର ଏହା ବହୁ ଅଭିଜ୍ଞତା ସମ୍ପନ୍ନ ଏକ ଜୀବନ ଧର୍ମୀ ଦସ୍ତାବିଜ ବୋଲି ମଧ ବାଚସ୍ପତି ଡ଼ଃ. ପାତ୍ର ଅଭିହିତ କରିଛନ୍ତି ।

ଏହି ଉନ୍ମୋଚନ ଉତ୍ସବରେ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଯୋଗ ଦେଇ ଔପନ୍ୟାସିକ ଶ୍ରୀ ରାଉତଙ୍କ ଆଇନଜୀବୀ ଜୀବନର ସାହିତ୍ୟ ଉପରେ ପଡିଥିବା ପ୍ରଭାବ ତଥା ବିଚାରପତୀୟ ବୃତିରେ ସାହିତ୍ୟର ସମ୍ବେଦନଶୀଳତା ଓ ମାନବବାଦୀ ଆହ୍ୱାନର ମଧ ପ୍ରଭାବ ସମ୍ପର୍କରେ ଅବତାରଣା କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୂର ପାଟସାହାଣୀ ଶ୍ରୀ ରାଉତଙ୍କ ଅନ୍ୟାନ୍ୟ ରଚନା ଯଥା କବିତା ସଙ୍କଳନ 'ସବୁଜ ବଳୟ' ଗଳ୍ପ ସଂକଳନ 'ସମାଧି ମନ୍ଦିରରେ ଜୀବାତ୍ମା', 'ଭିନ୍ନ ଦିଗନ୍ତ ଓ ଅନ୍ୟାନ୍ୟ ଗଳ୍ପ', 'ଆଶାର ଆକାଶ', ଇଂରାଜୀ କବିତା ସଙ୍କଳନ 'ବ୍ଲୁ ହରାଇଜନ୍', 'ଲାଇଫ ଆଣ୍ଡଲ' ସମ୍ପର୍କରେ ସୂଚନା ଦେଇଥିଲେ। ଉକ୍ତ ଉପନ୍ୟାସ ପୁସ୍ତକ ପ୍ରକାଶକ ଲେଙ୍କା ପ୍ରକାଶନର ସ୍ୱତାଧିକାରୀ ସୁଧାକର ଲେଙ୍କା ଏହି ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ଔପନ୍ୟାସିକ ଶ୍ରୀ ରାଉତଙ୍କୁ ଜଣେ ସଫଳ ଲେଖକ ବୋଲି ଅଭିହିତ କରିଥିଲେ । ତାଙ୍କ ପ୍ରକାଶନ ମାଧ୍ୟମରେ ଶ୍ରୀ ରାଉତଙ୍କ ବହୁ ଆଦୃତ ପୁସ୍ତକ 'ଆଧୁନିକ ଭାରତରେ ପୋଲିସର ଭୂମିକା', 'ମାନବିକ ଅଧିକାର ଆଇନ୍' ଓଡ଼ିଶାରେ ଚହଳ ପକାଇଛି ବୋଲି ବର୍ଣ୍ଣନା କରିଥିଲେ । ଉନ୍ମୋଚନ ଉତ୍ସବରେ ଔପନ୍ୟାସିକ ଶ୍ରୀରାଉତ ନିଜ ବକ୍ତବ୍ୟରେ ଉପସ୍ଥାପନ କରିଥିଲେ ଯେ, କବିତା, ଗଳ୍ପ, ପ୍ରବନ୍ଧରଚନାର ସଫଳତା ପରେ ଉପନ୍ୟାସ ପାଇଁ ଏକ ଅବଶୋଷ ଥିଲା, ତେଣୁ ଜୀବନରେ ସାଉଁଟି ଥିବା କେତେକ ସତ୍ୟ ଘଟଣାରେ କଳ୍ପନା ବର୍ଣ୍ଣନା ଦେଇ ସଖପାଠ୍ୟ କରିବାକୁ ଚେଷ୍ଟା କରିଛୁ । ପ୍ରକାଶ ଥାଉକି, ଶ୍ରୀରାଉତଙ୍କର ଏକ କବିତା ଢେଙ୍କାନାଳ ମହାବିଦ୍ୟାଳୟ ସ୍ନାତକ ପାଠ୍ୟକ୍ରମରେ ସ୍ଥାନିତ ହେବାର ଗୌରବଲାଭ କରିଛି । ଏହି ଉତ୍ସବରେ ପ୍ରଫେସର ତାରାପ୍ରସନ୍ନ ଶତପଥୀ, ସରୋଜ ଶତପଥୀ, ଡ଼ ଅଜିତ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିବାବେଳେ 'ବିଶ୍ୱ ଓଡ଼ିଶା'ର ସମ୍ପାଦକ ମନୋଜ ମନ୍ମୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଆମ ଉତ୍କଳୀୟ...

**(ପୃଷ୍ଠା ୪ର ଅବଶିଷ୍ଟାଂଶ)**

ଏହି ପର୍ବରେ ଜ୍ୟୋଷ୍ଠପୁତ୍ର ଓ ଜ୍ୟୋଷ୍ଠକନ୍ୟାମାନଙ୍କୁ ନବବସ୍ତ୍ରରେ ଭୂଷିତ କରାଯାଏ । ଶିବଙ୍କ ଚତୁର୍ଦ୍ଦଶୀଯାତ୍ରା ଓଡିଶାର ଅନ୍ୟଏକ ମୁଖ୍ୟପର୍ବ । ପ୍ରଥମାଷ୍ଟମୀ ପରି ମକରସଂକ୍ରାନ୍ତି ଉତ୍କଳର ଏକ ବିଶିଷ୍ଟ ପର୍ବ । ପର୍ଶ୍ଚିମାଞ୍ଚଳର ଆଦିବାସୀମାନଙ୍କଠାରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଅଞ୍ଚଳପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ଏହି ପର୍ବକୁ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳନ କରନ୍ତି । ଓଡିଆମାନଙ୍କ ଘରେ ପାଳିତ ଅନ୍ୟ ଏକ ବିଶିଷ୍ଟ ପର୍ବ ହେଉଛି ଅକ୍ଷୟତୃତୀୟା । ବୈଶାଖ ଶୁକ୍ଲ ତୃତୀୟାଦିନ ଉତ୍କଳୀୟ କୃଷକସମାଜ ଏହି ପର୍ବ ପାଳନ କରେ ଓ ନିଜ ଜମିରେ ବିହନ ବୁଣି ଚାଷ କାର୍ଯ୍ୟ ଶୁଭାରମ୍ଭ କରେ । ଓଡିଆ ସାହିତ୍ୟରେ ମଧ୍ୟ ଶୈବଧର୍ମର ପ୍ରଭାବ ବିଶେଷ ଅନୁଭୂତ ହୋଇଥାଏ । ପ୍ରାଚୀନ ଓଡିଆ ସାହିତ୍ୟରୁ ଆରମ୍ଭ କରି ଆଧୁନିକ ଓଡିଆ ସାହିତ୍ୟ ପର୍ଯ୍ୟନ୍ତ ଏକ ଦୀର୍ଘ ସମୟସୀମା ମଧ୍ୟରେ ସାହିତ୍ୟରେ ଶୈବସଂସ୍କୃତିର ଏକ ସମୃଦ୍ଧ ଓ ଉନ୍ନତ ପରଂପରା ସୃଷ୍ଟି ହୋଇଛି । ଓଡିଶାରେ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀଠାରୁ ଅନ୍ୟାନ୍ୟ ଧର୍ମ ମତବାଦ ସହିତ ଶୈବମତବାଦ ଓ ଶୈବଚେତନା ଏକ ସ୍ୱତନ୍ତ୍ର ଧାରା ସୃଷ୍ଟିକରି କରିଛି । ସାହିତ୍ୟ ଭଳି ଲୋକକଥା, ଲୋକକାହାଣୀ, ଲୋକଗୀତ ମାନଙ୍କରେ ଶୈବସଂସ୍କୃତିର ଝଲକ ଦେଖାଯାଏ । ଓଡିଶାର ଶୈବ ସଂସ୍କୃତିର ସ୍ୱରୂପ ଅତୀବ ବ୍ୟାପକ । ଏହା ଓଡିଶାର ସାମାଜିକ ପାଣିପାଗ ସହିତ କେଉଁ ଅନାଦି କାଳରୁ ଓତଃପ୍ରୋତ ଭାବେ ଜଡିତ । ଓଡିଶାର ତୀର୍ଥକ୍ଷେତ୍ର, ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ଓଷାବ୍ରତ, ପର୍ବପର୍ବାଣି, ସ୍ଥାପତ୍ୟ, ସର୍ବୋପରି ଓଡିଆ ସାହିତ୍ୟରେ ଏହାର ଅଖଣ୍ଡ ପ୍ରଭାବ ରହିଛି ଓ ରହିବ ।

॥ ଓଁ ନମଃ ଶିବାୟ ॥

ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

## ବ୍ୟାଙ୍କ ଅଫ ବରୋଦାର ନୂତନ ଶାଖା ଉଦ୍‌ଘାଟିତ

ବାଲେଶ୍ୱର,୧୦/୦୩ (ନି.ପ୍ର): ରାଷ୍ଟ୍ରାୟତ୍ତ ଉଦ୍ୟୋଗ 'ବ୍ୟାଙ୍କ ଅଫ ବରୋଦା' (ବିଓବି)ର ଭୁବନେଶ୍ୱର-୨ କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟ କରୁଥିବା ବାଲେଶ୍ୱର ଇ-ଦେନା ଶାଖା ପରିସରକୁ, ବିଓବି ଶାଖାର ସ୍ଥାନାନ୍ତରଣ ଏବଂ ଉଦଘାଟିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ଏହି ନୂତନ ପରିସର ବିଓବିର ନୂଆସାହି ଶାଖା ଭାବେ କାର୍ଯ୍ୟ କରିବ । ପାଟଣା ଆଞ୍ଚଳିକ ମୁଖ୍ୟ ନିତ୍ୟାନନ୍ଦ ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ । ଏଥି ସହିତ ବାଲେଶ୍ୱର ମୁଖ୍ୟ ଶାଖାରେ ସ୍ୱର୍ଣ୍ଣ ଋଣ(ଗୋଲ୍ଡ ଲୋନ) ସେବାର ମଧ୍ୟ ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଅଞ୍ଚଳ ପ୍ରମୁଖ ଶ୍ରୀ ବେହେରା ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ ଯେ ନୂଆ ପରିସରରେ ଶାଖା କାର୍ଯ୍ୟକାରୀ ହେବା ଏବଂ ଗୋଲ୍ଡ ଲୋନ୍ ସପିର ଶୁଭାରମ୍ଭ ହେବା ଦ୍ୱାରା ସ୍ଥାନୀୟ ବାସିନ୍ଦା ନିଶ୍ଚିତ ରୂପେ ଉପକୃତ ହେବେ। ବ୍ୟାଙ୍କ ପକ୍ଷରୁ ପୂର୍ବଭଳି ଗ୍ରାହକ ସେବାକୁ ଅଗ୍ରାଧିକାର ପ୍ରଦାନ ସହ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହେବ ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଷେତ୍ରୀୟ ମୁଖ୍ୟ ଅନ୍ମୟ କୁମାର ମିଶ୍ର ଏବଂ କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର-୨ର ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଗ୍ରାହକବୃନ୍ଦ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପାରାଦୀପ ବିଶୋଧାନାଗାର ....

ସେହିପରି ଓଡ଼ିଶାରେ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ପାଇଁ ଚଣ୍ଡିଖୋଲ ଅଂଚଳରେ ପାଖାପାଖି ୧୧ହଜାର କୋଟି ଟଙ୍କା ଖର୍ଚ୍ଚ କରି ୪ ମିଲିୟନ ଟନର ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ରିଜର୍ଭ ବନାଇବା ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ହେଉଛି ବିଶ୍ୱ ବାଣିଜ୍ୟ ତଥା ତୈଳ ଅର୍ଥନୀତି, ତେଣୁ ଏଥିରେ ରାଜ୍ୟ ସରକାରଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି ମଧ୍ୟ କହିଛନ୍ତି ଯେ, ଗତ ୪ବର୍ଷ ହେଲା ପାରାଦୀପ ରିଫାଇନାରୀ ୧୫ମିଲିୟନ ଟନର ଅତ୍ୟାଧୁନିକ ରିଫାଇନାରୀ ଭାବେ କାର୍ଯ୍ୟକ୍ଷମ। ଏହି ୧୫ ମିଲିୟନ ଟନକୁ ୨୫ ମିଲିୟନ ଟନ କରିବାକୁ ଇଣ୍ଡିଆନ ଅଏଲ ଲକ୍ଷ୍ୟ ରଖିଛି। ଏଥିପାଇଁ ୩୫ହଜାର କୋଟି ଟଙ୍କା ବ୍ୟୟବରାଦ ହେବ। ଏହାବ୍ୟତୀତ ଓଡ଼ିଶାର ଲୋକମାନେ ଗୁଜରାଟର ସୁରଟ, ତିରୁପୁର କାମ କରିବାକୁ ଯାଉଛି ।ସେହି ଯୁବକଯୁବତୀମାନଙ୍କୁ ବୟନଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟରେ ସୁଯୋଗ ଦେବାର ଆବଶ୍ୟକତା ରହିଛି । ଓଡ଼ିଶାରେ ପ୍ଲାଷ୍ଟିକ ଶିଳ୍ପ ଓ ବୟନଶିଳ୍ପ ପାଇଁ ଇସ୍ପାତ ଶିଳ୍ପର ମିଡିଲ ହୁକ୍ ପାଇଁ ଏବେ ଇଣ୍ଡିଆନ ଅଏଲ ୨୬ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛି। ପାରାଦୀପ ସମେତ ଖୋର୍ଦ୍ଧା, ବାଲେଶ୍ୱର, ବ୍ରହ୍ମପୁର, କଟକ ଜିଲ୍ଲାରେ ପ୍ଲାଷ୍ଟିକ ଆଧାରିତ ଶିଳ୍ପ ସମୂହ ଗଢ଼ି ଉଠିଥିବାବେଳେ ରାଜ୍ୟରେ ଏହି ଶିଳ୍ପର ସ୍ଥାପନ ନିମନ୍ତେ ଇନସେଟିଭ ଦେବା ପାଇଁ ଇଣ୍ଡିଆନ ଅଏଲକୁ ଦାୟିତ୍ୱ ଦିଆଯାଇଛି। ଯାହାଦ୍ୱାରା ପ୍ଲାଷ୍ଟିକ ପାର୍କ ପାଇଁ ଶସ୍ତାରେ କଂଚାମାଲ ମିଳିଲେ ବିଶେଷଭାବେ ଓଡ଼ିଆ ଯୁବକମାନେ ଉଦ୍ୟୋଗୀ ହେବାକୁ ଚେଷ୍ଟ କରିବେ। ତେଣୁ ଇଣ୍ଡିଆନ ଅଏଲ ଜାତୀୟ ବଜାରରୁ ମେଟ୍ରିକ ଟନ୍ ପିଛା ୨ହଜାର ଟଙ୍କାରେ କଂଚାମାଲ କିଣି ଓଡ଼ିଶାର ଶିଳ୍ପ ସଂସ୍ଥାକୁ ଯୋଗାଇବ। ଏହା ରାଜ୍ୟରେ ଶିଳ୍ପାୟନ କ୍ଷେତ୍ରରେ ଅନେକ ସମ୍ଭାବନା ତିଆରି ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

### ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ....

ପରିବେଶ ବିକାଶ କମିଟି ସହାୟତାରେ ଜଙ୍ଗଲ ବିଭାଗର କ୍ଷେତ୍ର ଅଧିକାରୀ ଓ କ୍ଷେତ୍ର କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ତୁରନ୍ତ ପଦକ୍ଷେପ ନେଉଛନ୍ତି । ମାତ୍ର ନିଆଁର ବ୍ୟାପକତା, ବାୟୁମଣ୍ଡଳର ଉତ୍ତାପରେ ବୃଦ୍ଧି ଓ ଶୁଷ୍କ ପାଗ ଯୋଗୁଁ ଏହି ନିଆଁ ଲିଭା ପଦକ୍ଷେପ ଅଧିକ ଲୋକଙ୍କ ସଂପୃକ୍ତି ଜରୁରୀ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି । ଏଥିସହ ଶିମିଳିପାଳରେ ନିଆଁ ଲିଭା କାମରେ ଲାଗିଥିବା ଓଡ୍ରାଫ୍ ଦଳ ନିଆଁକୁ ଆୟତ୍ତ କରିବାରେ ସମର୍ଥ ହୋଇପାରିଛନ୍ତି ବୋଲି ସେ କହିଛନ୍ତି । ତେଣୁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଅଂଚଳ, ରାୟଗଡା, ନୂଆପଡା, ଦେଓଗଡ ଓ ଭଞ୍ଜନଗର ଉପଖଣ୍ଡରେ ଅଧିକ ଓଡ୍ରାଫ୍ ଦଳ ମୁତୟନ କରିବା ପାଇଁ ସେ ଚିଠିରେ ଅନୁରୋଧ କରିଛନ୍ତି ।

### ଜଳେଶ୍ୱରରୁ ୧ କିଲୋ ବ୍ରାଉନ....

ଜବତ ବ୍ରାଉନସୁଗାର ଆନୁମାନିକ ମୂଲ୍ୟ ୧କୋଟିରୁ ଅଧିକ ହେବ ବୋଲି ଅନୁମାନ କରାଯାଉଛି । ଗିରଫ ହୋଇଥିବା ଯୁବକ ଜଣକ ଝାଡ଼େଶ୍ୱରପୁର ଅଂଚଳର ଶେଖ ମୁନାଫ ହୁସେନ । ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱରରୁ ଏସ୍‌ଟିଏଫ୍ ଟିମ୍ ଗତକାଲିଠାରୁ ଜଳେଶ୍ୱରରେ ଆସି ଡେରା ପକାଇଥିଲେ । ଏ ଅଞ୍ଚଳରେ ବ୍ରାଉନ୍‌ସୁଗାର୍ କାରବାରର ପେଣ୍ଠସ୍ଥଳ ସାଜିଥିବା ଜଳେଶ୍ୱର ଗ୍ରାମାଞ୍ଚଳର ରାଜପୁର ଏବଂ କେରଅଞ୍ଚଳର ଝାଡ଼େଶ୍ୱରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଜୋର୍‌ଦାର ଚଢ଼ଉ କରିଥିଲେ । ତେବେ ମିଶନ୍ ସଫଳ ନହେବାରୁ ଟିମ୍ ବାଲେଶ୍ୱର ଫେରି ଆସିଥିଲେ । ଆଜି ସଂଧ୍ୟାରେ ପୁଣି ସେଠାକୁ ଯାଇ ଝାଡ଼େଶ୍ୱରପୁର ଗ୍ୟାରେଜବଜାରରେ ଥିବା ସେଖ୍ ମଙ୍ଗଲୁ ଘରେ ଅଚାନକ ଚଢ଼ଉ କରିଥିଲେ । ମଙ୍ଗଲୁ ଘରୁ ୧ କେଜି ୫୩୦ ଗ୍ରାମ୍ ବ୍ରାଉନ୍ ସୁଗାର ଜବତ କରିବା ସହ ତାଙ୍କ ପୁଅ ମୁନାକୁ ଧରି ଏସ୍‌ଟିଏଫ୍ ଟିମ୍ ଭୁବନେଶ୍ୱର ନେଇ ଯାଇଥିଲେ । ଚଢ଼ଉ ଟିମ୍‌ରେ ଏସ୍‌ଟିଏଫ୍‌ର ୧୨ ଜଣିଆ ଟିମ୍ ସାମିଲ୍ ଥିବା ବେଳେ ମାଜିଷ୍ଟ୍ରେଟ୍ ଇନ୍‌ଚାର୍ଜ ତଥା ଜଳେଶ୍ୱର ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ୍, ଏସ୍‌ଡିପିଓ ଅଙ୍କିତା କୁମ୍ଭାର ଏବଂ ଜଳେଶ୍ୱର ଥାନାର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

### ଶ୍ରୀମନ୍ଦିର ବିକାଶ ପାଇଁ....

ଜୟନ୍ତ ଷଡଙ୍ଗୀ ଏବଂ ବ୍ରହ୍ମଗିରି ବିଧାୟକ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର ୫୦-୫୦ ହଜାର ରାଶିର ନିଧି ସମର୍ପଣ କରିଛନ୍ତି । ମହାପ୍ରଭୁ ଶ୍ରୀ ଜଗନ୍ନାଥ ମନ୍ଦିରର ସଂରକ୍ଷଣ କରିବା ତଥା ସେବାୟତଙ୍କ ସାମଗ୍ରିକ ବିକାଶ, ଶ୍ରଦ୍ଧାଳୁଙ୍କ କଲ୍ୟାଣ ତଥା ରାଜ୍ୟର ପୁରୁଣା ଏବଂ ଐତିହ୍ୟକୁ ବଜାୟ ରଖିବା ପାଇଁ ଆରମ୍ଭ ହୋଇଥିବା ଏହି ନିଧି ସମର୍ପଣ କାର୍ଯ୍ୟରେ ସମସ୍ତ ଓଡିଆ ଜାତି ଏକାଠି ହୋଇ ଦାନ କରିବାକୁ ଶ୍ରୀ ମହାନ୍ତି ଏହି ଅବସରରେ ସମସ୍ତଙ୍କୁ ନିବେଦନ କରିଛନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ମଧୁ ସିଂହାରୀ, ବୁଲୁ ଖୁଂଟିଆଙ୍କ ସମେତ ବହୁ ନେତୃବୃନ୍ଦ ଏବଂ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।

### ବନ କର୍ମଚାରୀଙ୍କ ଛୁଟି....

ଯେ ଏବେ ତାପମାତ୍ରା ବଢିବା ସହ ପାଗ ଶୁଖିଲା ଥିବାରୁ ନିଆଁ ବ୍ୟାପିବାର ଆଶଙ୍କା ରହିଛି। ବନ କର୍ମଚାରୀଙ୍କୁ ଜଙ୍ଗଲରେ ଲାଗିଥିବା ନିଆଁକୁ ଆୟତକୁ ଆଣିବା ଏବଂ ଏହା ଯେମିତି ଅଧିକ ନ ବ୍ୟାପେ ସେ ଦିଗ ପ୍ରତି ଧ୍ୟାନ ଦେବାକୁ ୨୪ଘଂଟା କାମ କରିବାକୁ କୁହାଯାଇଛି। ତେଣୁ କ୍ଷେତ୍ର ସ୍ତରରେ କାର୍ଯ୍ୟ କରୁଥିବା କୌଣସି କର୍ମଚାରୀଙ୍କୁ ଛୁଟି ନଦେବାକୁ କୁହାଯାଇଛି। ଯଦି କୌଣସି ଅଧିକାରୀଙ୍କର କିଛି ଅତ୍ୟାବଶ୍ୟକ କାମ ପାଇଁ ଛୁଟି ଆବଶ୍ୟକ ହୁଏ, ତେବେ ସେମାନେ ଡିଏଫଓ କିମ୍ବା ତାଙ୍କର ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇ ଛୁଟିରେ ରହିପାରିବେ। ଏହା ସହ ନିର୍ଦ୍ଦେଶକୁ ସଠିକ ଭାବେ ପାଳନ କରା ନଗଲେ ଏହାକୁ ଗମ୍ଭୀର ଭାବରେ ଗ୍ରହଣ କରାଯିବ ବୋଲି ଚିଠିରେ ଲେଖିଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ।

## ଷ୍ଟୁଡେଂଟ ଫର୍ ଡେଭଲପମେଂଟ ପକ୍ଷରୁ ଦସ୍ତଖତ ଅଭିଯାନ

ଭୁବନେଶ୍ୱର,୧୦/୦୩ (ନି.ପ୍ର): ଷ୍ଟୁଡେଂଟ ଫର୍ ଡେଭଲପ୍‌ମେଂଟ(ଏସ୍‌ଏଫ୍‌ଡି) ପକ୍ଷରୁ ଶିମିଳିପାଳ ଜଙ୍ଗଲ ପରିସରରେ ଘଟିଥିବା ବନାଗ୍ନି ସମ୍ପର୍କରେ ଦସ୍ତଖତ ଅଭିଯାନ କରି ସାଧାରଣ ଜନତାଙ୍କ ପ୍ରତିକ୍ରିୟା ଜାଣିବାକୁ ଚେଷ୍ଟା କରାଯାଇଛି। ଜନସାଧାରଣ ସମ୍ବେଦନ ଜଣାଇବା ସହ ବିଶ୍ୱବ୍ୟାପୀ ଘଟୁଥିବା ବନାଗ୍ନିର କାରଣ ଅଗ୍ନି ନିର୍ବାପର ସମୀକ୍ଷା ଓ ଆଧୁନିକ ଅଗ୍ନି ସୂଚନା ବ୍ୟବସ୍ଥାର ଉନ୍ନତି ଉପରେ ମତାମତ ଦେଇଥିଲେ। ଏହିଭଳି ଜଟିଳ ସ୍ଥିତିରେ ବନ୍ୟପ୍ରାଣୀ ଓ ଜୈବ ବିବିଧତାକୁ ସୁରକ୍ଷା ଦେବା ପ୍ରାଥମିକତା ବୋଲି ଲୋକମାନେ ପରାମର୍ଶ ଦେଇଥିଲେ। ମତାମତଗୁଡ଼ିକୁ ବନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କ ଆଗରେ ଉପସ୍ଥାପନା କରିବାର ଯୋଜନା ରହିଛି ବୋଲି ଲୋକମାନେ ପରାମର୍ଶ ଦେଇଥିଲେ। ମତାମତଗୁଡ଼ିକୁ ବନ ବିଭାଗର ପ୍ରଶାସନିକ ଅଧିକାରୀମାନଙ୍କ ଆଗରେ ଉପସ୍ଥାପନା କରିବାର ଯୋଜନା ରହିଛି ବୋଲି ଏସ୍‌ଏଫ୍‌ଡି ପକ୍ଷରୁ କୁହାଯାଇଛି। ଖଣ୍ଡଗିରି ନିକଟସ୍ଥ ଜୟଦେବ ବାଟିକାରେ ଆୟୋଜନ କରାଯାଇଥିବା କାର୍ଯ୍ୟକ୍ରମରେ ବିପୁଳ ମାତ୍ରାରେ ପର୍ଯ୍ୟଟକମାନେ ଯୋଗ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ସହ ସମ୍ପାଦକ ଅଭିଷେକ ପାଣି, ଖଣ୍ଡଗିରି ନଗର ସମ୍ପାଦକ ଅମ୍ରିତ ଭାଗ୍ୟ ବିଧାତା ଏବଂ ଅନ୍ୟ ଛାତ୍ରନେତା ଯୋଗ ଦେଇଥିଲେ।

## ପରପାରିରେ ଧର୍ମ ପରାୟଣା ମହିଳା କନକଲତା ଦେବୀ



ବାଲିଆପାଳ,୧୦/୦୩ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁପୁର ଗ୍ରାମ ପଞ୍ଚାୟତର ବିଜେଡି ସଭାପତି ସରୋଜ କୁମାର ଦାସ ଙ୍କ ମାତୃ କନକଲତା ଦେବୀଙ୍କ ବିୟୋଗ ହୋଇଯାଇଛି । ସ୍ୱର୍ଗତ କନକଲତା ଦେବୀଙ୍କ ଅକାଳ ବିୟୋଗରେ ବିଷ୍ଣୁପୁର ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ?ଶ୍ରୀଯୁକ୍ତ ଦାସଙ୍କ ମାତା ସ୍ୱର୍ଗତ କନକ ଲତା ଦାସ, ଏକ ଧର୍ମ ପରାୟଣା ଆଦର୍ଶ ମହିଳା ସହିତ ବହୁତ ଦୟାଳୁ ଓ ଦରଦୀ ମଣିଷ ଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୫୮ ବର୍ଷ ବୟସ ହେଇଥିଲା କ୍ଷ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇଥିଲେ କ୍ଷ ବିଜେଡିର ବରିଷ୍ଠ ନେତ୍ରୀ ତଥା 'ରେବତୀ' ପତ୍ରିକାର ସମ୍ପାଦିକା ସମାଜସେବୀ ସୁଭାଷିନୀ ଜେନା, ବାଲିଆପାଳ ବିଜେଡି ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଯୁବନେତା ହାଡିବନ୍ଧୁ ରାଉତ, ସାମ୍ବାଦିକ ଗୋପନାରାୟଣ ଜେନା,ବିଜେଡି ବସ୍ତା ନିର୍ବାଚନ ମଣ୍ଡଳୀ ଆଇଟି ସେଲ ସଭାପତି ସୁବ୍ରତ କୁମାର ପାତ୍ର, ମୃତ୍ୟୁଞ୍ଜୟ ଗୋଛାୟତ, ବିଷ୍ଣୁପୁର ସରପଞ୍ଚ ପ୍ରତିନିଧି ଜୀବନକୃଷ୍ଣ ଦାସ, ମନ୍ମଥ ଖିଲାର, ନବୀନ ପାତ୍ର,ସୁଶାନ୍ତ ଦାସ, ନାରାୟଣ ପଣ୍ଡା, ଶଶୀକାନ୍ତ ପ୍ରଧାନ, ରଞ୍ଜନ ପାଠୀ, ମନୋରଞ୍ଜନ ଘୋଷ, ଚନ୍ଦନ ପରିଡା, ମନୋଜ ଦାସ, ସଞ୍ଜୟ ମାହାନା, ବିନୟ ସି, ରାମହରି ପ୍ରଧାନ,ନୀଳକଣ୍ଠ ଜେନା, ଚନ୍ଦ୍ରମୋହନ ଦାସ, ଅଜୟ ମାହାନା, ରମେଶ ପ୍ରଧାନ, କାଳିଚରଣ ଜେନା, ପରମେଶ୍ୱର ପ୍ରଧାନ, ମାନସ ଦାସ, ପିତାମ୍ବର ପ୍ରଧାନ, ରମେଶ ସେଠି, କାଳିଚରଣ ଧଳ, ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ମରଶରୀରକୁ ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସାନ୍ତ୍ୱନା ପ୍ରଦାନ କରିଥିଲେ ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୧୭,୯୨୧ନୂଆ ମାମଲା

ନୂଆଦିଲ୍ଲୀ,୧୦/୦୩ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୧୭,୯୨୧ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ମୋଟ ୧୩୩ ଜଣ କରୋନା ରୋଗୀ ପ୍ରାଣ ହରାଇଛନ୍ତି । ଏହା ସହିତ ଦେଶରେ କୋରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧,୧୨,୬୨,୭୦୭ ପହଂଚିଛି। ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ସଂଖ୍ୟା ୧,୮୪,୫୯୮ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧,୫୮,୦୬୩ ଜଣ ମୃତ୍ୟୁ ବରଣ କରିଛନ୍ତି ।

## ବାରିପଦା ଏଲ୍.ଆଇ.ସି. କାର୍ଯ୍ୟାଳୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



ବାରିପଦା,୧୦/୦୩ (ନି.ପ୍ର): କଟକ ଡିଭିଜନ ବୀମା କର୍ମଚାରୀ ସଂଘ ବାରିପଦା ବେସ୍ କମିଟିର ଆନୁକୁଲ୍ୟରେ ଆଜି ଭଞ୍ଜପୁର ସ୍ଥିତ ଏଲ୍.ଆଇ.ସି ଅଫିସ ପ୍ରାଙ୍ଗଣରେ ଆନ୍ତର୍ଜାତୀୟ ମହିଳା ଦିବସ ସଂଘର ବରିଷ୍ଠ ସଦସ୍ୟା ଶ୍ରୀମତୀ ଶାନ୍ତିଲତା ସିଂହଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥୀ ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାଶିତ ମହାବିଦ୍ୟାଳୟ ର ପ୍ରାକ୍ତନ ଅଧ୍ୟକ୍ଷା ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ମହାପାତ୍ର , ସମ୍ମାନୀତ ଅତିଥୀ ଭାବେ ସେଂଟ୍ରାଲ ହୋମ୍(ଜେଲ୍) ଅଧିକ୍ଷକ ଶ୍ରୀମତୀ ବାସନ୍ତିଲତା ସିଂ , ବିଶିଷ୍ଟ ଅତିଥୀ ଭାବେ ବରିଷ୍ଠ ଶାଖା ପ୍ରବନ୍ଧକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ନନ୍ଦ, ଶାଖା ପ୍ରବନ୍ଧକ (ବିକ୍ରୟ) ବୁଧୁରାମ ସିଂ, କଣ୍ଠଶିଳ୍ପୀ ଭାରତୀ ବେବର୍ତ୍ତା, ସଂଘର ସଭାପତି ନାଥ ସିଂହ, ସମ୍ପାଦକ ଗୋବିନ୍ଦଚନ୍ଦ୍ର ମାଝୀ, ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶ୍ରୀମତୀ ମନିଷା ଶ୍ରୀବାସ୍ତବ, ଉପସ୍ଥିତ ସମସ୍ତ ଅତିଥୀ ଓ ଭଦ୍ର ମହିଳା ମାନଙ୍କୁ ସ୍ୱାଗତ ଓ ଅଭିନନ୍ଦନ ଜଣାଇ ମହିଳା ଦିବସ ଉପରେ ସମ୍ୟକ ସୂଚନା ଦେଇଥିଲେ। ନାରୀ ଦୁର୍ବଳା କିମ୍ବା ଅବଳା ନୁହେଁ । ଶିକ୍ଷା, ସ୍ୱାସ୍ଥ୍ୟ, ରାଜନିତୀ, ପ୍ରଶାସନ, କ୍ରୀଡା, ପ୍ରତିରକ୍ଷା, ଓ ସାହସିକତା କ୍ଷେତ୍ରରେ ନାରୀମାନେ ମଧ୍ୟ ପୁରୁଷମାନଙ୍କ ସମକକ୍ଷ ହୋଇପାରିଛନ୍ତି । ସରକାରଙ୍କ ନାରୀ ସଶକ୍ତିକରଣ ନୀତି ଫଳରେ ନାରୀ ମାନେ ସାମାଜିକ ପ୍ରତିଷ୍ଠା ଲାଭ କରିଛନ୍ତି ସତ , କିନ୍ତୁ ତାଙ୍କ ପ୍ରତି ହେଉଥିବା ଅନ୍ୟାୟ , ଅତ୍ୟାଚାର , ନିର୍ଯ୍ୟାତନା, ଧର୍ଷଣ, ହତ୍ୟା ଆଜି ସାମାଜିକ କଳଙ୍କର ଅଧ୍ୟାୟ କୁ ଦ୍ୱିଗୁଣିତ କରିଛି ବୋଲି ଅତିଥୀ ମାନେ ତାଙ୍କ ବକ୍ତବ୍ୟରେ କହିଥିଲେ । ନାରୀ ହେଉଛି ପରିବାରର ମେରୁଦଣ୍ଡ, ସେ ହିଁ ମାଆ, ସ୍ତ୍ରୀ, ଭଗିନୀ, ଓ ଜନନୀ, ରୁପରେ ପରିଚିତ. ତେଣୁ ନାରୀର ସାମାଜିକ ସୁରକ୍ଷା ଓ ନିରାପତା ପାଇଁ ସାମାଜିକ ଚେତନା ଆଣିବାକୁ ମହିଳା ଦିବସରେ ଅତିଥୀ ପରାମର୍ଶ ଦେଇଥିଲେ।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଡିଜିଟାଲ ଡ୍ରାଇଭ କାର୍ଯ୍ୟକ୍ରମ ଅନୁଷ୍ଠିତ

ବସ୍ତା,୧୦/୦୩ (ନି.ପ୍ର): ଆଜିର ଛାତ୍ର ସମାଜ ଆସନ୍ତା କାଲିର ଯୁବ ସମାଜକୁ ଅଗ୍ରଗତି ଓ ଉନ୍ନତି ମାର୍ଗରେ ନେବାରେ ଚରମ ଭୂମିକା ଗ୍ରହଣ କରିଥାଏ। ମହାବିଦ୍ୟାଳୟ ଗୁଡିକରେ ନାଚ, ଗୀତ, ଖେଳ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାଦ୍ ଦେଇ ଛାତ୍ର ସଂସଦ ନିର୍ବାଚନ ମଧ୍ୟ ବିଶେଷ ଭୂମିକା ନିର୍ବାହ କରିବା ସହିତ କଲେଜ ଛାତ୍ରମାନେ ଆଗାମୀ ଦିନରେ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି ।ଏହି ପରିପ୍ରେକ୍ଷିରେ ବସ୍ତା ବ୍ଲକ୍ ଅନ୍ତର୍ଗତ ମାନ୍ୟବର ଜଳେଶ୍ୱର ବିଧାୟକ ଅଶ୍ୱିନି ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ସଭାପତି ସିମନ ଦାସଙ୍କ ଆହ୍ୱାନରେ ଆଜି ସିଦ୍ଧେଶ୍ୱର ମହାବିଦ୍ୟାଳୟରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଏକ ଡିଜିଟାଲ ଡ୍ରାଇଭ କାର୍ଯ୍ୟକ୍ରମର ରେଜିଷ୍ଟ୍ରେସନ୍ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ବିଜୁ ଛାତ୍ର ଜନତା ଦଳର ସଂପାଦକ ଦେବେନ୍ଦ୍ର ଘୋଷ,କଲେଜ କ୍ୟାମ୍ପସର ଛାତ୍ର ସଭାପତି ଅଂଶୁମୋଚନ ଦେ ଏବଂ ସୁଶାନ୍ତ ଭୂୟାଁ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲେ ।ଏହି ଅବସରରେ କଲେଜର ଛାତ୍ର ଓ ଛାତ୍ରୀଙ୍କୁ ମିଶାଇ ୧ ହଜାରରୁ ୧୨ଶହ ମଧ୍ୟରେ ଡିଜିଟାଲ ଡ୍ରାଇଭ ଯୋଗେ ଉକ୍ତ ରେଜିଷ୍ଟ୍ରେସନ୍ ଭାଗ ନେଇଥିଲେ ।ବିଜୁ ଯୁବ ଜନତା ଦଳ ପକ୍ଷରୁ ଜିଲ୍ଲା ସଂପାଦକ ସମୀର ଚନ୍ଦ, ସାଧାରଣ ସଂପାଦକ ଉଜ୍ଜଳ ଗିରି, ଉପସଭାପତି ରାସବିହାରୀ ରଣା, ଜଳେଶ୍ୱର ବ୍ଲକ୍‌ର ଛାତ୍ର ସଭାପତି କାଳିଚରଣ ଦାସ ଓ ଯୁବ ସଭାପତି ଚନ୍ଦନ କର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମୋଜାହିଦ ନଗରରେ କୋଭିଡ଼୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୧୦/୦୩ (ନି.ପ୍ର): ପୁରୁଣାବଜାର ସାନଶଙ୍କରପୁର ସ୍ଥିତ ମୋଜାହିଦ ନଗରର 'ଦାମାନେ ଖ୍ୱାଜା ଗୋଲାମେ କମିଟି' ଆନୁକୁଲ୍ୟରୁ କୋଭିଡ଼୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା କରାଯାଇଛି। କୋଭିଡ଼୍ ମହାମାରୀ ସମୟରେ ପ୍ରାଣବଳୀ ଦେଇଥିବା ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସଭାରେ ମୁଖ୍ୟ ଅତିଥି ଭାବେ ଜାତୀୟ ସଦ୍‌ଭାବନା ପୁରସ୍କାର ପ୍ରାପ୍ତ ଭଦ୍ରକର ଗର୍ବ ଓ ଗୌରବ ଏବଂ ମୁସଲିମ ଜମାତର ସଭାପତି ହାଜି ମହମ୍ମଦ ଅବଦୁଲ ବାରିଙ୍କୁ କମିଟି ତରଫରୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଦ୍ୱାରା ସ୍ପେସିଆଲ ବ୍ରାଞ୍ଚ ଇନିସ୍‌ପେକ୍ଟର କହ୍ନେଇ ଚରଣ ସେଠୀ, ମୁସଲିମ ଜମାତ୍‌ର ସାଧାରଣ ସଂପାଦକ ଶେଖ ଏନାମ ମହମ୍ମଦ, ସମାଜସେବୀ ସୁଧାକର ରାଉତ, ମୁସଲିମ ଜମାତର ସହ ସଂପାଦକ ତଥା ଉକ୍ତ ସଭାର ସଂଚାଳକ ଅବଦୁଲ ମୁକିତ ଖାନ, ଶେଖ ସିରାଜୁଦିନ, ହଫିଜୁର ରହେମାନ, ସଇଦ ଶାହା, ପ୍ରାକ୍ତନ କାଉନ୍‌ସିଲର ଅସରଫ ଅଲ୍ଲି ଖାନ, କୟୁମ ଅଲି ଶାହା ଓ ପୁରୁଣାବଜାର ଥାନାର ଏସ୍. ଆଇ. ଗୌରାଙ୍ଗ ଚରଣ ଆଇଚଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କରୋନା ମହାମାରି ସମୟରେ ନିଜ ଜୀବନକୁ ବାଜି ଲଗାଇ ଲୋକମାନଙ୍କ ସେବାରେ ଲାଗି ରହିଥିଲେ ଏବଂ ଅନେକ କାର୍ଯ୍ୟରେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଏହି ସଭାରେ କମିଟିର ସଂପାଦକ ଶେଖ ମିଟ୍ଟୁ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ । ଶେଷରେ କଓ୍ୱାଲି କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା।

## ପାରାଦ୍ୱୀପରେ ପ୍ଲାଷ୍ଟିକ ପାର୍କ ପାଇଁ ପ୍ରଧାନମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ସଭାପତି

ଭୁବନେଶ୍ୱର,୧୦/୦୩ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନରେ ଗତ କାଲି ପାରାଦ୍ୱୀପରେ କେନ୍ଦ୍ର ସରକାରଙ୍କ ସହାୟତାରେ ୧୦୬.୭୮କୋଟି ଟଙ୍କାର ପୁଞ୍ଜି ନିବେଶରେ ଭାରତବର୍ଷର ପ୍ରଥମ ସଂପୂର୍ଣ୍ଣ ପ୍ଲାଷ୍ଟିକ ପାର୍କ ନିର୍ମାଣର ଶୁଭାରମ୍ଭ ହୋଇଛି । ଏହି ନୂତନ ପ୍ଲାଷ୍ଟିକ ପାର୍କ ପ୍ରତିଷ୍ଠା ଦ୍ୱାରା ରାଜ୍ୟର କଟକ, ଖୋର୍ଦ୍ଧା, ବାଲେଶ୍ୱର, ଗଂଜାମ ଆଦି ଜିଲ୍ଲାରେ ଗଢି ଉଠିବାକୁ ଥିବା ଡାଉନଷ୍ଟ୍ରିମ ପ୍ଲାଷ୍ଟିକ ଶିଳ୍ପ ପାଇଁ ବହୁ ସହାୟକ ହେବ । ଏହା ବ୍ୟତୀତ ଏହି ପୁଞ୍ଜି ନିବେଶ ଯୋଗୁଁ ଓଡିଶାର ଯୁବକଯୁବତୀମାନଙ୍କୁ ରୋଜଗାର ମିଳିବା ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ଏହି ପ୍ଲାଷ୍ଟିକ ପାର୍କ ବହୁ ସହାୟକ ହେବ । ଏଥି ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରାଜ୍ୟ ସଭାପତି ସମୀର ମହାନ୍ତି ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ବିଜେଡ଼ି ଆଟ୍ ଶିମିଳିପାଳ ମୋଭମେଣ୍ଟ ଆରମ୍ଭ

### ନିଆଁ ଲିଭାଇବା ପାଇଁ ନିର୍ବାଚନମଣ୍ଡଳୀସ୍ତରୀୟ ଟିମ୍ ଜଙ୍ଗଲରେ



ବାରିପଦା,୧୦/୦୩ (ନି.ପ୍ର): ଶିମିଳିପାଳରେ ନିଆଁ ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ କାର୍ଯ୍ୟକ୍ରମ ସାଙ୍ଗକୁ ବିଜେଡ଼ି ଦଳ ପକ୍ଷରୁ ଏକ ଚଳନ(ମୋଭମେଣ୍ଟ) 'ବିଜେଡ଼ି ଆଟ୍ ଶିମିଳିପାଳ' ଆରମ୍ଭ କରାଯାଇଛି । ଜିଲ୍ଲା ବିଜେଡ଼ି ପର୍ଯ୍ୟବେକ୍ଷକ ତଥା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନର୍ଦେଶ କ୍ରମେ ମଙ୍ଗଳବାର ବାରିପଦା, ବଡ଼ସାହି, ଉଦଳା, ବାଙ୍ଗିରିପୋଷି, ସାରସକଣା, କରଞ୍ଜିଆ, ଯଶିପୁର ଓ ରାଇରଙ୍ଗପୁର ନିର୍ବାଚନ ମଣ୍ଡଳୀ ସ୍ତରୀୟ ଯୁବ ଓ ଛାତ୍ର ବିଜେଡ଼ି କର୍ମୀଙ୍କୁ ନେଇ ପୃଥକ ଦଳ ଶିମିଳିପାଳରେ ପହଞ୍ଚି ନିଆଁକୁ ଆୟତ୍ତ କରୁଛନ୍ତି । ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ବାରିପଦା, କରଞ୍ଜିଆ ଓ ରାଇରଙ୍ଗପୁର ବନଖଣ୍ଡ ଅଧୀନ ବିଭିନ୍ନ ରେଞ୍ଜର ନିଆଁ ଲାଗିଥିବା ଅଞ୍ଚଳକୁ ଜିଲ୍ଲା-୨ ସଭାପତି କାଶୀନାଥ ହେମ୍ବ୍ରମ, କୃଷି ନିଗମ ଅଧ୍ୟକ୍ଷ ଦେବାଶୀଷ ମହାନ୍ତି, ଡା ଦେବାଶିଷ ମାରାଣ୍ଡି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଭାଦବ ହାଁସଦାଃ, ଶ୍ରୀନାଥ ସୋରେନ, ଜିତେନ୍ଦ୍ର ମହାନ୍ତି, କୃଷ୍ଣାନନ୍ଦ ମହାନ୍ତି, ସୁବ୍ରମଣ୍ୟମ ମହାନ୍ତି, ପ୍ରଭାତ ନାୟକ, ସରୋଜ ବୋଷ, ଅରୁଣ ବରାଡ, ସୁନୀଲ ନାୟକ, ଅବଦୁଲ ହବିବ, ରାଜୀବ ଜେନା, ଅଭୟ ସିଂ, ଦିବବ୍ରତ ମହାନ୍ତ, ନିହାର ରଞ୍ଜନ ମହାପାତ୍ର, ଦିପକ ସାହୁ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, ଆଦିତ ପଣ୍ଡା, ସରୋଜ ମହାପାତ୍ର, ଅମର ସେଠୀ, ସରୋଜ ଶତପଥି, ପ୍ରସନ୍ନଜିତ ମହାନ୍ତି, ଗୋବିନ୍ଦ ବେହେରା, ଲକ୍ଷ୍ମଣ ମାରାଣ୍ଡି, ବିନୋଦ ବେହେରା, ଜିତ ପଟ୍ଟନାୟକ, ଆଭାସ ଦେ, ମନୋରଂଜନ ମୁଖୀ, ପ୍ରଭାତ ନାୟକ ଓ ଅଜିତ ବେହେରା ଓ ନିରୋଜ ସାହୁ ପ୍ରମୁଖ ପୃଥକ ଦଳ ଭାଗ ଭାଗ ହୋଇ ସାମିଲ ରହିଛନ୍ତି । ସେହିପରି ମହିଳା ବିଜେଡ଼ି ପକ୍ଷରୁ ବୀଣାପାଣି ସାହୁ, ଦ୍ରୌପଦୀ ସାହୁ, ପ୍ରଭାତି ପୃଷ୍ଟି, ସବିତା ବେହେରାଙ୍କ ନେତୃତ୍ୱରେ ଶିମିଳିପାଳ ସଲଗ୍ନ ଗ୍ରାମ ମାନଙ୍କରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜଙ୍ଗଲ ନିଆଁକୁ ବୃଥା ରାଜନୀତି କରି ବନ୍ଦ ଡ଼ାକରାକୁ ଦଳ ପକ୍ଷରୁ ନିନ୍ଦା କରାଯାଇଛି । ବନ୍ଦ ପରିବର୍ତ୍ତେ ବନ୍ଦ ଡ଼ାକରା ଦେଇଥିବା ଯୁବଛାତ୍ର ସଙ୍ଗଠନ ଶିମିଳିପାଳ ନିଆଁ ଲିଭା କାର୍ଯ୍ୟରେ ଯୋଗ ଦେବାକୁ ଦଳ ପକ୍ଷରୁ ନିବେଦନ କରାଯାଇଛି । ୧୧ତାରିଖ ମହାଶିବରାତ୍ରୀରେ ଯଶିପୁର ଠାରେ ନିଆଁ ଲିଭା କାର୍ଯ୍ୟରେ ପ୍ରଣବ ପ୍ରକାଶ ଦାସ, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ସହିତ ଜିଲ୍ଲାର ସମସ୍ତ ନେତୃବୃନ୍ଦ ପୃଥକ ପୃଥକ ସ୍ଥାନରେ ଯୋଗଦେବେ ବୋଲି ଯୁବ ସଭାପତି ଅରୁଣ ବରାଡ଼ କହିଛନ୍ତି ।

## ଓଡ଼ିଶାର ସିମିଳିପାଳ ନ୍ୟାସନାଲ ପାର୍କରେ ଅଗ୍ନି ନିୟନ୍ତ୍ରଣ ପାଇଁ କେନ୍ଦ୍ରୀୟ ଟିମ୍ ଗଠନ କରାଯାଇଛି

ନୂଆଦିଲ୍ଲୀ,୧୦/୦୩ (ନି.ପ୍ର): କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ବୁଧବାର ଦିନ ଓଡ଼ିଶାର ସିମିଳିପାଳ ଜାତୀୟ ଉଦ୍ୟାନରେ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବାରେ ଏକ ବିଶେଷଜ୍ଞ ଦଳ ଗଠନ କରିଛନ୍ତି । ଏହି ତିନି ଜଣିଆ ବିଶେଷଜ୍ଞ ଦଳ ଖୁବ୍ ଶୀଘ୍ର ଓଡ଼ିଶା ଯିବେ । ଏହି ଦଳରେ ଜାତୀୟ ଟାଇଗର ସଂରକ୍ଷଣ ପ୍ରାଧିକରଣର ବନ ବିଭାଗର ଇନ୍ସପେକ୍ଟର ଡ. ଅମିତ ମଲ୍ଲିକ, ଭୁବନେଶ୍ୱର କାର୍ଯ୍ୟାଳୟରୁ ସୁବ୍ରତ ମହାପାତ୍ର ଏବଂ ବନ ପ୍ରୋତ୍ସାହନ (ସିଲଭିକଲଚର) ମୁଖ୍ୟ ଆରତୀ ଚୌଧୁରୀ ଅଛନ୍ତି । ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ମନ୍ତ୍ରଣାଳୟ ଅନୁଯାୟୀ, ଜାତୀୟ ଉଦ୍ୟାନରେ ନିଆଁରୁ ଜଙ୍ଗଲ ସମ୍ପଦ ଏବଂ ଜନ୍ତୁର କ୍ଷୟକ୍ଷତିର ସମୀକ୍ଷା କରିବେ ଏବଂ ଅଗ୍ନି ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ବୈଷୟିକ ପରାମର୍ଶ ଦେବେ । କମିଟି ମଧ୍ୟ ପ୍ରତିଦିନ ନିଆଁର ସଠିକ୍ ସ୍ଥିତି ସମୀକ୍ଷା କରିବ । ଏହାକୁ ନିୟନ୍ତ୍ରଣ କରିବା ପରେ ହିଁ କେନ୍ଦ୍ରୀୟ ଦଳ ଓଡ଼ିଶାରୁ ଫେରିବେ । ଓଡ଼ିଶାର ଜଙ୍ଗଲରେ ଅଗ୍ନିକାଣ୍ଡ ଘଟଣାକୁ ଦୃଷ୍ଟିରେ ରଖି ନିଜେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡ଼େକରଙ୍କୁ ଭେଟିଛନ୍ତି । ଏହି ପ୍ରସଙ୍ଗରେ ଉପଯୁକ୍ତ ପଦକ୍ଷେପ ନେବାକୁ ବନ ମନ୍ତ୍ରୀ ତାଙ୍କୁ ଆଶ୍ୱାସନା ଦେଇଛନ୍ତି ।

ବାଲେଶ୍ୱର, ଗୁରୁବାର, ୧୧ ମାର୍ଚ୍ଚ ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ଜଙ୍ଗଲ ନିଆଁ ଯୋଗୁଁ କୌଣସି ବନ୍ୟଜନ୍ତୁଙ୍କର କ୍ଷୟକ୍ଷତି ହୋଇନି : ଫାୟାର ଟାସ୍କ ଫୋର୍ସ

ଭୁବନେଶ୍ୱର,୧୦/୦୩ (ନି.ପ୍ର): ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଇବାକୁ ବନ ବିଭାଗର କ୍ଷେତ୍ର କର୍ମଚାରୀ ଓ ନିଆଁ ଲିଭା ଦଳ ଦିନରାତି ଉଦ୍ୟମ କରୁଛନ୍ତି। ବିଗତ ୨୪ ଘଂଟା ମଧ୍ୟରେ କୌଣସି ବନ୍ୟଜନ୍ତୁ କିମ୍ବା ବ୍ୟକ୍ତିଙ୍କର କ୍ଷୟକ୍ଷତି ହୋଇନାହିଁ ବୋଲି ଫରେଷ୍ଟ ଫାୟାର ଟାସ୍କ ଫୋର୍ସର ଅଧ୍ୟକ୍ଷ ସନ୍ଦୀପ ତ୍ରିପାଠୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଗତକାଲିଠୁ ଆଜି ମଧ୍ୟରେ ୨୯୦ ଗୋଟି ଫାୟାର ପଏଂଟ ସଂଖ୍ୟା ହ୍ରାସ ପାଇ ୨୬୮ ରେ ପହଂଚିଛି। ଏଥିରୁ ଶିମିଳିପାଳ ବ୍ୟାଘ୍ରପ୍ରକଳ୍ପ ଇଲାକାରେ କେବଳ ୨୪ ଗୋଟି ଫାୟାର ପଏଂଟ ରହିଛି। ନିଆଁ ଲିଭା କାର୍ଯ୍ୟରେ ୭୫୦ ଜଣ ନିୟମିତ ଏବଂ ସୁରକ୍ଷା ସହାୟକ ଦଳସହ, ଅଧିକ ୮୦୦ ନିଆଁ ଲିଭା ୱାଚରଙ୍କୁ ବନାଗ୍ନି ନିର୍ବାପନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ୨୫ ଜଣ ବିଶିଷ୍ଟ ୨ ଗୋଟି ଓଡ୍ରାଫ୍ ଦଳ ସହ ୨୦ ଜଣ ଅଗ୍ନିଶମ ବିଭାଗର କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ପାଖାପାଖି ୪୦୦ ସଂଖ୍ୟକ ବ୍ଲୋୟର ଶିମିଳିପାଳ ବ୍ୟାଘ୍ରପ୍ରକଳ୍ପ ଇଲାକାରେ ନିଆଁ ଲିଭା କାର୍ଯ୍ୟରେ ଲଗାଯାଇଅଛି । ବ୍ୟାପକ ଜନସଚେତନତା ନିମନ୍ତେ, ଶିମିଳିପାଳ ବ୍ୟାଘ୍ରପ୍ରକଳ୍ପର ସଂଲଗ୍ନ ଇଲାକାରେ , ଭିଏସଏସ୍ , ଇଡିସି . ପିଆରଆଇ , ମିଶନ ଶକ୍ତି , ସ୍ଥାନୀୟ ଆଦିବାସୀ ମୂଖିଆ ଏବଂ ସେଚ୍ଛାସେବୀ ସଦସ୍ୟ ମାନଙ୍କୁ ନେଇ ୬୦୦ ଗୋଟି ସଚେତନତା ବୈଠକ ଆୟୋଜନର ବ୍ୟବସ୍ଥା କରାଯାଉଛି । ସ୍ଥାନୀୟ ଉପଜିଲ୍ଲାପାଳ, ବିଡିଓ, ତହସିଲଦାର, ଆରକ୍ଷୀ କର୍ମଚାରୀ, ବନାଗ୍ନି ପ୍ରାବଲ୍ୟ ଇଲାକାରେ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି ।

# ଦୁଷ୍କର୍ମ ଉଦ୍ୟମ ଅଭିଯୋଗରେ ଗିରଫ ହେଲେ ଅଭିଯୁକ୍ତ !

ସାରସକଣା,୧୦/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଝାରପୋଖରୀଆ ଥାନାରେ ଗୋଟିଏ ପରେ ଗୋଟିଏ ଦୁଷ୍କର୍ମ ମାମଲା ଆସିବା ଲଜାକର ଘଟଣା ପାଲଟିଛି । ତେବେ ପୁଣି ଥରେ ବିବାହିତ ମହିଳାଙ୍କୁ ଅସାଦାଚାରଣ କରି ପ୍ରକାଶ କଲେ ଜୀବନରୁ ମାରିଦେବାର ଧମକ ଦେଇ ଯୁବକ ଗିରଫ ହୋଇ କୋର୍ଟ ଚାଲାଣ ହେବା ଘଟଣା ସାମ୍ନାକୁ ଆସିଛି । ଝାରପୋଖରିଆ ଥାନାରେ ପିଡିତାଙ୍କ ଲିଖିତ ଅଭିଯୋଗ ମୁତାବକ ରାତିରେ ଘରେ ଶୋଇଥିବା ସମୟରେ ପଞ୍ଚମତଳିଆ ଗ୍ରାମର ବାସା ବେଶ୍ରା(୪୫) ତାଙ୍କ ଘରକୁ ଆସି ତାଙ୍କ ଉପରେ ମାଡିବସିବା ସହିତ ଗୋଡକୁ ଧରି ଟଣାଅଟରା କରି ଦୁଷ୍କର୍ମ କରିବାକୁ ଉଦମ କରିଥିବା ବେଳେ ପାଟିଶୁଣି ଘରଲୋକ ଆସିଯିବାରୁ ବାସା ସେଠାରୁ ଦଉଡି ପଳାଇଥିଲା ।ଏହାକୁ ନେଇ ଝାରପୋଖରୀଆ ଥାନାରେ ଲିଖିତ ଅଭିଯୋଗ ମୁତାବକ ୩୯/୨୧ରେ ମାମଲା ରୁଜୁ କରି ଦଫା ୪୫୭/୩୭୬(୧)/୫୧୧/୫୦୬ ଆଇପିସି ଧାରା ଅନୁସାରେ ବାସା ବେଶ୍ରାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ସୁଦର୍ଶନ ଗାଙ୍ଗେଇ ପ୍ରକାଶ କରିଛନ୍ତି ।

# ବାଲେଶ୍ୱର ଲାୟନ୍ସ କ୍ଲବ ପକ୍ଷରୁ ବିଶ୍ୱ ମୋତିଆବିନ୍ଦୁ ସପ୍ତାହ

ବାଲେଶ୍ୱର,୧୦/୦୩(ନି.ପ୍ର): ବାଲେଶ୍ୱରର ଲାୟନ୍ସ କ୍ଲବ ପକ୍ଷରୁ ବିଶ୍ୱ ମୋତିଆବିନ୍ଦୁ ସପ୍ତାହ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ କ୍ଲବର ସଦସ୍ୟ ସଦସ୍ୟାଙ୍କୁ ନେଇ ଜନସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ଲାୟନ୍ସ କ୍ଲବ ଦ୍ୱାରା ପରିଚାଳିତ ଚକ୍ଷୁ ଚିକିତ୍ସାଳୟର ଡାକ୍ତର ଚିନ୍ମୟୀ ପ୍ରଧାନ ଯୋଗଦେଇ ମୋତିଆବିନ୍ଦୁ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ସୂଚନା ଦେଇଥିଲେ । ସଠିକ ପରୀକ୍ଷା ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ମୋତିଆବିନ୍ଦୁ ରୋଗକୁ ପ୍ରତିରୋଧ ସମ୍ଭବ ବୋଲି ସେ ମତପ୍ରକାଶ କରିଥିଲେ । ଏହି ଶୋଭାଯାତ୍ରା ବାଲେଶ୍ୱର ଲାୟନ୍ସ କ୍ଲବ ପରିସରରୁ ବାହାରି ସହର ପରିକ୍ରମା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶେଷ ହୋଇଥିଲା । ଦେବବ୍ରତ ନନ୍ଦ, ପି. ଏସ ସାମନ୍ତ, ଜିତେନ୍ଦ୍ର ପତି, ଲିପିକା ବିଶ୍ୱାଳ, ପ୍ରିୟମ୍ବଦା ରାଉତ, ତନୁଶ୍ରୀ ପାଣିଗ୍ରାହୀ, ପ୍ରଶାନ୍ତି ଜେନା, ଅରୂପ ଦେ, ସଞ୍ଜୀବ ଦାଶ ପ୍ରମୁଖ ଏହି ଶୋଭାଯାତ୍ରା ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

# ଏମ୍ସ ସାଟେଲାଇଟ ସେଣ୍ଟର ପ୍ରତିଷ୍ଠାରେ ବିଳମ୍ବ

## ବାଲେଶ୍ୱର ଲୋକ ମଞ୍ଚର ଗଣଧାରଣା ଅପ୍ରେଲ ୯ରେ




ବାଲେଶ୍ୱର,୧୦/୦୩ (ନି.ପ୍ର): ବାଲେଶ୍ୱରରେ ପ୍ରସ୍ତାବିତ ଏମ୍ସ ସାଟେଲାଇଟ ସେଣ୍ଟର ପ୍ରତିଷ୍ଠାରେ ବିଳମ୍ବକୁ ନେଇ ଜିଲାର ଅନ୍ୟତମ ସାମାଜିକ ସଂଗଠନ 'ବାଲେଶ୍ୱର ଲୋକ ମଞ୍ଚ' ଆସନ୍ତା ଏପ୍ରିଲ ୯ ତାରିଖରେ ଗଣଧାରଣା ପାଇଁ ନିଷ୍ପତି ନେଇଛି । ଏ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଂଗଠନର କର୍ମକର୍ତ୍ତାମାନେ ଆନ୍ଦୋଳନ ସମ୍ପର୍କରେ ଚେତାବନୀ ଦେଇଛନ୍ତି। ବିଳମ୍ବରେ ହେଲେ ମଧ ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ଏମ୍ସ ସେଟେଲାଇଟ ସେଣ୍ଟର ପାଇଁ ବିଧିବଦ୍ଧ ଭାବେ ଜମି ପ୍ରଦାନ ନିଷ୍ପତିକୁ ଲୋକମଞ୍ଚ କର୍ମକର୍ତ୍ତାମାନେ ସ୍ୱାଗତ କରିଥିଲେ ।୨୦୧୪ ମସିହାର ଘୋଷଣା ଅନୁଯାୟୀ ଏମ୍ସ ସେଟେଲାଇଟ ସେଣ୍ଟର ଓ ପବ୍ଲିକ ହେଲ୍ଥ ସ୍କୁଲ ପ୍ରତିଷ୍ଠା ପାଇଁ ସେମାନେ ଦାବି କରିଛନ୍ତି । ଏଥିପାଇଁ ଆସନ୍ତା ଅପ୍ରେଲ ମାସ ୯ ତାରିଖରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ପାଇଁ ସଂଗଠନର ପକ୍ଷରୁ ନିଷ୍ପତି ନିଆଯାଇଥିବା ସେମାନେ କହିଛନ୍ତି। ଏହା ସହିତ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ବାଲେଶ୍ୱରରେ ବନ୍ଦ ରଖାଯାଇଥିବା ସାପ୍ତାହିକ ଏମ୍ସ ଓପିଡିକୁ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ସଂଗଠନ ପକ୍ଷରୁ ଦାବି ହୋଇଛି । ଜନସାଧାରଣଙ୍କ ସ୍ୱାର୍ଥରକ୍ଷା ପାଇଁ ଆନ୍ଦୋଳନକୁ ବ୍ଲକସ୍ତରକୁ ନେବା ନିମନ୍ତେ ଲେକମଞ୍ଚ ନିଷ୍ପତି ନେଇଥିବା କର୍ମକର୍ତ୍ତାମାନେ ସୂଚନା ଦେଇଚନ୍ତି। ମଞ୍ଚର ଆବାହକ ବିକ୍ରମ ପଣ୍ଡା, ସଭାପତି ଅସିତ କୁମାର ଦାସ, ସମ୍ପାଦକ ଡ. ଶ୍ରୀମାନ ଶ୍ରୀଚନ୍ଦନଙ୍କ ସମେତ ନିଶିଥ କୁମାର ବାରିକ, ଅଶୋକ ଆଢ୍ୟ, ସମ୍ବିତ ଶ୍ରବଣ ବିଶ୍ୱାଳ, ପ୍ରଦୀପ୍ତ ମହାପାତ୍ର, ତାପସ ଦାସ, ଜ୍ଞାନେନ୍ଦ୍ର ମହାନ୍ତି, ଦମୟନ୍ତୀ ପଣ୍ଡା, ଜୟଶ୍ରୀ ବିଶ୍ୱାଳ, ମହାନନ୍ଦ ମହାନ୍ତି, ସୁଶାନ୍ତ ରଣା, ଆକବର ସାହା, ହ୍ରିତିକ ନାୟକ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ସ୍ମୃତି ସମାରୋହ




ଭଦ୍ରକ,୧୦/୦୩ (ନି.ପ୍ର): ସ୍ୱାଧୀନୋତ୍ତର ଓଡିଶାର ଶିକ୍ଷାଜଗତର ଅମୂଲ୍ୟରତ୍ନ ପ୍ରଫେସର ଡ. ଶତ୍ରୁଘ୍ନ ନାଥଙ୍କ ୧୫ ତମ ଶ୍ରାଦ୍ଧବାର୍ଷିକୀ ସମାରୋହ ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନ ପକ୍ଷରୁ ସ୍ଥାନୀୟ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ସାଂସ୍କୃତିକ ସମ୍ପାଦକ ସମାଜସେବୀ ସୁଧାକର ରାଉତଙ୍କ ସଞ୍ଚାଳନାରେ ଓ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଆ ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀ, ପ୍ରାବନ୍ଧିକ ଡାକ୍ତର ଦୁର୍ଯ୍ୟୋଧନ ଦାସ, ଶିକ୍ଷାବିତ୍ ଗଗନବିହାରୀ ରାଉତ ଓ ପ୍ରାଧ୍ୟାପିକା ଡକ୍ଟର ରାଧାରାଣୀ ମହାପାତ୍ର ପ୍ରମୁଖ ଅତିଥିଭାବେ ଆସନ ଅଳଙ୍କୃତ କରିଥିଲେ। ବୃତ୍ତି ଓ ପ୍ରବୃତ୍ତି ଉଭୟ କ୍ଷେତ୍ରରେ ଜଣେ ପ୍ରତିବଦ୍ଧ ଗୁରୁ ଭାବରେ ବିଦ୍ୟାର୍ଥୀମାନଙ୍କ ଜୀବନ ଗଢିବା ସହିତ ସେମାନଙ୍କ ପାର୍ଥିବ ଓ ପରାମର୍ଶ ଉନ୍ନତି ନିମନ୍ତେ ଶତ୍ରୁଘ୍ନ ନାଥ ପୂର୍ଣ୍ଣ ସମର୍ପିତ ଥିଲେ। ଜଣେ ନମନୀୟ, ଉଚ୍ଚାଙ୍ଗ ଓ ସ୍ଥିତପ୍ରଜ୍ଞ ବ୍ୟକ୍ତି ଭାବେ ତାଙ୍କ ପରିଚୟର ଅନନ୍ୟତା ସମଗ୍ର ଓଡ଼ିଶାରେ ପରିବ୍ୟାପ୍ତ ବୋଲି ବକ୍ତବ୍ୟ ପ୍ରକାଶ କରିଥିଲେ। ତ୍ୟାଗଭୂମି ଦସ୍ତାବିଜ ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଫେସର ଡ. ନାଥଙ୍କ ଗୁଣସ୍ମରଣ ପୂର୍ବକ ଶ୍ରଦ୍ଧାବକ୍ତବ୍ୟ ପ୍ରଦାନ କରିଥିଲେ ଅଧ୍ୟାପକ ଡକ୍ଟର ଅଭୟ କୁମାର ଦାସ, ଗାନ୍ଧିକ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ, ସମାଜସେବୀ ଏସ.ଏମ. ଫାରୁକ, ଡାକ୍ତର ହରେକୃଷ୍ଣ ନାୟକ, ପରମାନନ୍ଦ ଦାସ, ଶାନ୍ତିଲତା ନାଗ, ଭାଗବତ ତ୍ରିପାଠୀ, ଗୋବର୍ଦ୍ଧନ ସାମଲ, ଶାନ୍ତନୁ ରାଉତ, ଅଧିବକ୍ତା ଗଦାଧର ବଳ, ପ୍ରାଧ୍ୟାପକ କମଳାକାନ୍ତ ସ୍ୱାଇଁ, ଅଧ୍ୟାପକ ସୁଦର୍ଶନ ବାରିକ୍, ଶିକ୍ଷାବିତ୍ ଗୟାଧର ପଣ୍ଡା, ହରମୋହନ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

# ଜ୍ୟୋତି ହସପିଟାଲରେ ବିଶ୍ୱ ମୋତିଆବିନ୍ଦୁ ସପ୍ତାହ

ବାଲେଶ୍ୱର,୧୦/୦୩ (ନି.ପ୍ର): ବିଶ୍ୱ ମୋତିଆବିନ୍ଦୁ ସପ୍ତାହ ପାଳନ ଅବସରରେ ଜ୍ୟୋତି ହସପିଟାଲ ପକ୍ଷରୁ ମୋତିଆବିନ୍ଦୁ ରୋଗ ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ହସପିଟାଲର ନିର୍ଦ୍ଦେଶକ ଫାଦର ପଲ କୁନମ ପରମପଥ ମୁଖ୍ୟଅତିଥି ଭାବେ ଏଥିରେ ଯୋଗଦେଇ ଶିବିରକୁ ଉଦଘାଟନ ସହ କଳା ମୋତିଆବିନ୍ଦୁ ରୋଗ ଏବଂ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ। ବେଳ ଥାଉ ଥାଉ ସଠିକ ନିଦାନ ସହିତ ଉପଯୁକ୍ତ ଚିକିତ୍ସା ଦ୍ୱାରା ମୋତିଆବିନ୍ଦୁ ଭଳି ରୋଗକୁ ପ୍ରତିରୋଧ କରିବା ସମ୍ଭବ ବୋଲି ଫାଦର ପଲ ମତପ୍ରକାଶ କରିଥିଲେ । ଜ୍ୟୋତି ହସପିଟାଲର ଚକ୍ଷୁ ବିଭାଗ ମୁଖ୍ୟ ଡାକ୍ତର ଦେବଦତ୍ତ ନାୟକ ଏଥିରେ ପୌରହିତ୍ୱ କରିବା ସହିତ ବିଶ୍ୱରେ ମୋତିଆବିନ୍ଦୁ ରୋଗର ପ୍ରାବଲ୍ୟତା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ରୋଗର ଲକ୍ଷଣ ଦେଖାଦେବା କ୍ଷଣି ତୁରନ୍ତ ଚିକିତ୍ସା ଆରମ୍ଭ କରିବା ଉଚିତ ବୋଲି ସେ କହିଥିଲେ । ଜ୍ୟୋତି ହସପିଟାଲର ଡାକ୍ତର ଶ୍ରୀମତୀ ଏଥିରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ମୋତିଆବିନ୍ଦୁ ରୋଗୀଙ୍କୁ ବିନାମୂଲ୍ୟରେ ଆଇଡ୍ରପ ପ୍ରଦାନ କରାଯାଇଥିଲା । ଏଣ୍ଟଡ ଫାର୍ମା କମ୍ପାନିର ପ୍ରତିନିଧି ଉମାକାନ୍ତ ପାତ୍ର ଆଇଡ୍ରପ ପ୍ରଦାନ କାର୍ଯ୍ୟ ପରିଚାଳନ କରିଥିଲେ। ସିଷ୍ଟର ସୁମାରାଣୀ, ସିଷ୍ଟର ନେସି, ସିଷ୍ଟର ଦିବ୍ୟା, ଡାକ୍ତର ନଟରାଜ ଦାସ ପ୍ରମୁଖଙ୍କ ସମେତ ଜ୍ୟୋତି ହସପିଟାଲ ଚକ୍ଷୁ ବିଭାଗର କର୍ମଚାରୀମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଘନ ମାମଲାରେ ୧୩ ଗିରଫ, ୭୬୫ ବାହନ ଜବତ

ଭୁବନେଶ୍ୱର,୧୦/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୩ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୬୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୨,୩୦,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଦିନକୁ ଦିଆଯିବ ୧ ଲକ୍ଷ ଟିକା

ଭୁବନେଶ୍ୱର,୧୦/୦୩ (ନି.ପ୍ର): ବୟସ୍କଙ୍କୁ କରୋନା ଟିକାକୁ ତ୍ୱରାନିତ କରିବା ସହ ଦିନକୁ ୧ ଲକ୍ଷ ଟିକା ଦେବାପାଇଁ ସମସ୍ତ ଜିଲ୍ଲାପାଳ, ମ୍ୟୁନିସପାଲ କମିଶନର, ସିଡିଏମଓ ଓ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଚିଠି ଲେଖିଛନ୍ତି। ଏଥିସହ କେଉଁ ଜିଲ୍ଲାରେ କେତେ ଟିକା ଦିଆଯିବ ତାହାର ତାଲିକା ପ୍ରସ୍ତୁତ କରାଯାଇ ପଠାଯାଇଛି। ଟିକା କରଣ ଲକ୍ଷ୍ୟ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଉକ୍ତ ଚିଠିରେ କୁହାଯାଇଛି।

# ଆନ୍ତଃଜିଲ୍ଲା କ୍ଲବ କ୍ରିକେଟ : ଚରମ୍ପା କ୍ରିକେଟ ଏକାଡେମୀ ବିଜୟୀ



ଭଦ୍ରକ,୧୦/୦୩ (ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡରେ ଓସିଏ 'ଭିଜନ-୨୦୨୪' ପରିପ୍ରେକ୍ଷୀରେ ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଆୟୋଜିତ ଆନ୍ତ ଜିଲ୍ଲା କ୍ଲବ କ୍ରିକେଟର ଆଜିର ମ୍ୟାଚ ଚାନ୍ଦବାଲି ସ୍ପୋର୍ଟସ ଏକାଡେମୀ ଓ ଚରମ୍ପା କ୍ରିକେଟ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚରମ୍ପା ଏକାଡେମୀ ଟସ୍ ଜିତି ଚାନ୍ଦବାଲି ଏକାଡେମୀକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଚାନ୍ଦବାଲି ୨୪ ଓଭରରେ ମାତ୍ର ୧୦୨ରନ କରି ଅଲ୍ ଆଉଟ ହୋଇଯାଇଥିଲେ। ଦଳର କୌଶିକ କୁମାର ନାୟକ ୩୨ ରନ କରିଥିଲେ। ଚରମ୍ପା ପକ୍ଷରୁ ସତ୍ୟମ କୁମାର ୬ ଓଭରରେ ଗୋଟିଏ ମେଡେନ ସହ ୧୧ ରନ ଦେଇ ୫ ଉଇକେଟ ନେଇଥିଲେ। ଅନ୍ୟତମ ବୋଲର ମଙ୍ଗଳଦୀପ ସାହୁ ୨ଟି ଉଇକେଟ ନେଇଥିଲେ। ପରେ ଚରମ୍ପା ଏକାହେମୀ ୧୦୩ ରନର ଲକ୍ଷ୍ୟ ନେଇ ବ୍ୟାଟିଂ କରି ୨୨.୩ ଓଭରରେ ୪ ଉଇକେଟ ହରାଇ ବିଜୟୀ ହୋଇଥିଲା। ଦଳର ସତ୍ୟରଂଜନ ରାଉତ ୩୩, ଜୀବନ ଜ୍ୟୋତି ବେହେରା ୨୨ ଓ ସାହିଲ ଖାନ୍ ୨୦ ରନ କରିଥିଲେ। ଚାନ୍ଦବାଲି ପକ୍ଷରୁ ଅନ୍ୱେଷ ମହାରଣା, କୌଶିକ କୁମାର ନାୟକ, ଅଭିଜିତ ମହାରଣା ପ୍ରତ୍ୟେକେ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଚରମ୍ପା ଏକାଡେମୀର ସତ୍ୟମ କୁମାରଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ କରାଯାଇଥିଲା।

# ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟକୁ ମଡ଼େଲ ବିଦ୍ୟାଳୟର ମାନ୍ୟତା




ଧାମନଗର,୧୦/୦୩ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସ ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଦୁଇଟି ଲେଖାଁଏ ମଡ଼େଲ ହାଇସ୍କୁଲର ମାନ୍ୟତା ପାଇଥିବା ବେଳେ ଧାମନଗର ନିର୍ବାଚନ ମଣ୍ଡଳୀର ୨ଟି ବିଦ୍ୟାଳୟ ଆଦର୍ଶ ବିଦ୍ୟାଳୟ ମାନ୍ୟତା ପାଇଛି। ସେଥିମଧ୍ୟରୁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ରାମନାରାୟଣ ହାଇସ୍କୁଲ ଦୋଳସାହିକୁ ଆଦର୍ଶ ବିଦ୍ୟାଳୟର ମାନ୍ୟତା ମିଳିଛି। ଧାମନଗର ଏନ୍ଏସି ଅନ୍ତର୍ଗତ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଏନେଇ ଭଦ୍ରକ ଜିଲ୍ଲାପାଳ ଜ୍ଞାନଦାସଙ୍କ ଅଧକ୍ଷତାରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ସାଂସଦ ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବିଭାଗ ତଥା ଏନ୍ଏସି ପ୍ରଶାସକ ଅରୁଣ କୁମାର ମହାପାତ୍ର, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର, ଧାମନଗର ତହସିଲଦାର ରାଧାକାନ୍ତ ବାରିକ, ବିଡ଼ିଓ ଦୁର୍ଗାଚରଣ ମୁର୍ମୁ, ଏବିଡ଼ିଓ ଶର୍ମିଷ୍ଠା ମଲ୍ଲିକ, ଏନ୍ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ବ୍ଲକ ଶିକ୍ଷାଧିକାରୀ ପିତାମ୍ବର ବାରିକ, ଅତିରିକ୍ତ ଶିକ୍ଷାଧିକାରୀ ଭୀମସେନ ହୋ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୂରଲୀଧର ମିଶ୍ର, ବ୍ଲକ ସହକାରୀ ଯନ୍ତ୍ରୀ ସାଲାହ ସଂଗୀତା ଟୁଡୁ, କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ପ୍ରଧାନ, ଏନ୍ଏସି କନିଷ୍ଠଯନ୍ତ୍ରୀ ପଞ୍ଚାନନ ସେଠୀ, ବିଦ୍ୟାଳୟ ଶିକ୍ଷାକମିଟିର ସଭାପତି ସେକ୍ ଜାଫର ଅଲ୍ଲୀ, ଏସ୍ଏମ୍‌ଡ଼ିସିର ଚେୟାରପରର୍ସନ ମହେଶ୍ୱର ସ୍ୱାଇ ପ୍ରମୁଖ ସମୀକ୍ଷା ବୈଠକରେ ଉପସ୍ଥିତି ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।ବିଦ୍ୟାଳୟରେ ଶିକ୍ଷା, ଶିକ୍ଷକ, ଶିକ୍ଷାୟତନ ତଥା ଶିକ୍ଷାର ଭିତ୍ତିଭୂମି ଏବଂ ବିଦ୍ୟାଳୟର ଉନ୍ନତି କରଣ ନିମନ୍ତେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବୈଠକରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ସରକାର ଅର୍ଥ ବିନିଯୋଗ କରିବା ସହ ଛାତ୍ର ଛାତ୍ରୀଙ୍କ ପାଇଁ ସ୍ମାର୍ଟକ୍ଲାସ, ଇ-ଲାଇବ୍ରେରୀ, ଖେଳପଡ଼ିଆ ତଥା ଅନ୍ୟାନ୍ୟ ଶୈକ୍ଷିକ ବ୍ୟବସ୍ଥା କାର୍ଯ୍ୟାକାରୀ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ।

# ନେଭା ସେଲ ବାଚସ୍ପତିଙ୍କ ଦ୍ୱାରା ଉଦଘାଟିତ

ଭୁବନେଶ୍ୱର,୧୦/୦୩ (ନି.ପ୍ର): ଓଡ଼ିଶା ବିଧାନସଭାକୁ ଇ-ବିଧାନସଭାରେ ପରିଣତ କରିବା ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ବିଧାନସଭାର ଚଳିତ ଷଷ୍ଠ ଅଦିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅର୍ଥମନ୍ତ୍ରୀଙ୍କ ବଜେଟ୍ ଭାଷଣ ମଧ ଇ-ମୋଡରେ କାର୍ଯ୍ୟକାରୀ ହୋଇଥିଲା। ତେବେ ବିଧାନସଭାର ନିୟମିତ ପ୍ରଶ୍ନୋତର କାର୍ଯ୍ୟକ୍ରମକୁ ମଧ ଇ-ମୋଡରେ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା ଆରମ୍ଭ ହୋଇଯାଇଛି। ଏଥିପାଇଁ ଆଜି ନେଭା ସେଲକୁ ବାଚସ୍ପତି ଡ଼ଃ. ସୂର୍ଯ୍ୟ ନାରାୟଣ ପାତ୍ର ଉଦଘାଟନ କରିଛନ୍ତି। ଏଥିରେ ୧୦ ଜଣ ବୈଷୟିକ ତାଲିମ ପ୍ରାପ୍ତ କର୍ମଚାରୀ ନିୟୋଜିତ ଅଛନ୍ତି। ସେମାନେ ଇ-ବିଧାନସଭା ଅନ୍ତର୍ଗତ ବିଭିନ୍ନ ଆପର ବିକାଶ କରିବେ ଏବଂ ଜନସାଧାରଣ ବିଧାନସଭାରେ ହେଉଥିବା ବିଭିନ୍ନ ଆଲୋଚନାର ବିବରଣୀ ପାଇପାରିବେ।

# ଜେଇଇ ମେନରେ ଜିଲ୍ଲାର ପ୍ରଥମ ସୂର୍ଯ୍ୟଦୀପ୍ତ ଦାସଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୦/୦୩(ନି.ପ୍ର): ସଦ୍ୟ ପ୍ରକାଶିତ ଜେଇଇ ମେନ ପରୀକ୍ଷା ଫଳରେ ବାଲେଶ୍ୱର ଜିଲାର ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ସୂର୍ଯ୍ୟଦୀପ୍ତ ଦାସଙ୍କୁ ମଡ଼ର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲାର ସର୍ବାଧିକ ମାର୍କ ଅର୍ଥାତ ୯୯.୫୧ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ମଡ଼ର୍ଣ୍ଣ ପବ୍ଲିକ ସ୍କୁଲରେ ପଢିବା ସମୟରେ ସୂର୍ଯ୍ୟଦୀପ୍ତ ପ୍ରତିବର୍ଷ କ୍ଲାସ ପରୀକ୍ଷାରେ ମଧ୍ୟ ସଫଳତା ପାଇ ଆସୁଥିଲେ। ତେବେ ଏହି ସଫଳତାର ଶ୍ରେୟ ନିଜର ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀ ଦେଇଛନ୍ତି ସୂର୍ଯ୍ୟଦୀପ୍ତ। ଭବିଷ୍ୟତରେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର ହେବା ସହ ନିଜର ଷ୍ଟାର୍ଟ ଅପ ବିଜନେସ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି ସୂଚନା ଦେଇଛନ୍ତି। ସୂର୍ଯ୍ୟଦୀପ୍ତଙ୍କ ସଫଳତାକୁ ନେଇ ବେଶ ସନ୍ତୋଷ ପ୍ରକାଶ କରିଛନ୍ତି ମଡ଼ର୍ଣ୍ଣ ପବ୍ଲିକ୍ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ। ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀମାନଙ୍କୁ ପ୍ରତିଯୋଗିତାମୂଳକ ଏନଇଇଟି ଓ ଜେଇଇ ପରୀକ୍ଷା ପ୍ରଣାଳୀକୁ ଅତିକ୍ରମ ପାଇଁ ମଡର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ କୋଚିଂ ବ୍ୟବସ୍ଥା କରାଯାଇଛି ବୋଲି ଶିକ୍ଷକମାନେ କହିଥିଲେ । ଏହା ଛାତ୍ରଛାତ୍ରୀମାନଙ୍କୁ ସଫଳତାରେ ବିଶେଷ ସହାୟକ ହୋଇପାରିଛି ବୋଲି ସେମାନେ ମତପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟ ଅଧକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟିଙ୍କ ସମେତ ଉପାଧକ୍ଷା, ଏକାଦଶ ଓ ଦ୍ୱାଦଶ ବିଜ୍ଞାନ ଶ୍ରେଣୀର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କ୍ୟାରିୟର ପଏଣ୍ଟର ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ ।

# ଜିଲ୍ଲା ପ୍ରଶାସନର ପ୍ରତିଶ୍ରୁତି ପରେ ସନ୍ଧ୍ୟାରୁ ହଦଗଡ ଛାଡିଲା ସାଳନ୍ଦୀକୁ ୩୦୦ କ୍ୟୁସେକ୍ ମଧୁର ଜଳ



ଭଦ୍ରକ,୧୦/୦୩ (ନି.ପ୍ର): ନଦୀଗର୍ଭରୁ ବେଆଇନ୍ ବନ୍ଧ ହଟାଇ ହଦଗଡ ଡ୍ୟାମ୍‌ର ମଧୁର ଜଳକୁ ସାଳନ୍ଦୀ ନଦୀକୁ ପ୍ରବାହିତ କରି ତିହିଡି ଓ ଚାନ୍ଦବାଲି ବ୍ଲକ୍ ଅଂଚଳରେ ଥିବା ହଜାର ହଜାର ହେକ୍ଟର ଡାଲୁଅ ଓ ରବି ଚାଷକୁ ଲୁଣା କୁଆର କବଳରୁ ରକ୍ଷା କରିବା ଦାବିରେ ଆଜି ସାଳନ୍ଦୀ ବିକାଶ ମଂଚ, ଚାନ୍ଦବାଲି-ତିହିଡି ଶାଖା ପକ୍ଷରୁ ଶତାଧିକ ଚାଷୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ। ଗଣଧାରଣା ସ୍ଥଳରେ ଉପସ୍ଥିତ ଥିବା ମଂଚର କର୍ମକର୍ତ୍ତା ଓ ଚାଷୀଙ୍କ ମଧ୍ୟରେ ଭଦ୍ରକ ମଂଚର ସାଧାରଣ ସଂପାଦକ ପ୍ରତାପ କୁମାର ପାଢୀ, ଉପସଭାପତି ଅନୁପ କୁମାର ମହାନ୍ତି ଓ ପ୍ରମୋଦ ରାୟ, ହୃଷିକେଶ ପଣ୍ଡା, ଭବେନ୍ଦ୍ର ସାହୁ, ବିଶ୍ୱକେଶରୀ ମହାନ୍ତି, ସ୍ୱଦେଶ ପଣ୍ଡା, ଅଜୟ ବାରିକ, ଚନ୍ଦ୍ରକାନ୍ତ ବାରିକ, ଜ୍ଞାନରଂଜନ ବିଶ୍ୱାଳ, ସଂଜୀବ ମହାନ୍ତି, ମାନସ ରଂଜନ ନାୟକ, ମୀନକେତନ ବିଶ୍ୱାଳ ପ୍ରମୁଖ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗ ପତ୍ର ମୂଳେ ତିହିଡି ଓ ଚାନ୍ଦବାଲି ବ୍ଲକ୍ ଅଧୀନରେ ଥିବା ଭୂଇଁବୃତ୍ତି, ମାଧପୁର, ଘଟପୁର, ନନ୍ଦପୁର, ଗୋବିନ୍ଦପୁର, ବାରସର, ଶ୍ୟାମସୁନ୍ଦରପୁର ଓ ଆରଡି ପଂଚାୟତରେ ଚଳିତ ଡାଲୁଅ ଓ ରବି ଫସଲରେ ହୋଇଥିବା ହଜାର ହଜାର ହେକ୍ଟର ଚାଷଜମି ଏବେ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସାଳନ୍ଦୀ ଓ ଗେଙ୍ଗୁଟି ନଦୀରେ ଲୁଣାକୁଆର ଯୋଗୁଁ ନଷ୍ଟ ହେବାକୁ ବସିଛି। ପ୍ରଶାସନିକ ଉଦାସୀନତା ଓ ସାଳନ୍ଦୀ ଜଳସେଚନ ବିଭାଗର ଅପରିଣାମଦର୍ଶିତା କାର୍ଯ୍ୟ ଯୋଗୁଁ ସେମାନେ ଏବେ ସର୍ବହରା ଅବସ୍ଥାରେ ପହଞ୍ଚିଛନ୍ତି। ସେମାନଙ୍କ ନିକଟରେ ଚାଷୀକୂଳ ବହୁବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଚଳିତ ରବି ଫସଲ ଓ ଡାଲୁଅ ଧାନ କ୍ଷେତକୁ ସାଳନ୍ଦୀର ମଧୁର ପାଣି ପ୍ରବାହ ପରିବର୍ତେ ତିନିତର ମଧ ଦେଇ ଏହି ନଦୀ ମଧକୁ ପଶିଆସୁଥିବା ବିଷାକ୍ତ ଲୁଣାପାଣି ପ୍ରବାହ ସହସ୍ର ଏକର ଧାନଫସଲ ନଷ୍ଟ ହୋଇ ସେମାନଙ୍କର ମେରୁଦଣ୍ଡ ଭାଙ୍ଗିଯିବାର ଅବସ୍ଥା ଦେଖାଦେଇଛି। ଏଥିପାଇଁ ହଦଗଡ ଡ୍ୟାମ୍‌ରୁ ଅନ୍ତତଃ ୫ଶହ କ୍ୟୁସେକ୍‌ରୁ ଉର୍ଦ୍ଧ୍ୱ ଜଳ ସାଳନ୍ଦୀ ନଦୀକୁ ଛଡାଗଲେ ସେମାନଙ୍କ ଜୀବନ ଜୀବିକା ରକ୍ଷା ହୋଇପାରିବ। ଏଣୁ ଏଭଳି ଏକ ସ୍ପର୍ଶକାତର ତଥା ସମ୍ବେଦନଶୀଳ ଘଟଣାକୁ ହୃଦୟଙ୍ଗମ କରି ପ୍ରଶାସନ ସହସ୍ରାଧିକ ଚାଷୀ ପରିବାରଙ୍କ ଜୀବନ ଜୀବିକା ରକ୍ଷା କରିବା ଦିଗରେ ତୁରନ୍ତ ହଦଗଡ ଡ୍ୟାମ୍‌ରୁ ମଧୁର ଜଳ ନିଷ୍କାସନର ବ୍ୟବସ୍ଥା କଲେ ସେମାନଙ୍କ ପରିବାର ବଂଚି ଯାଆନ୍ତା ବୋଲି ନିବେଦନ କରିଛନ୍ତି। ନଚେତ୍ ଆସନ୍ତାକାଲି ଠାରୁ ଆମରଣ ଅନଶନ ଶହ ଗଣ ଆତ୍ମାହୂତି ଦେବାକୁ ବାଧ ହେବେ ବୋଲି ଚେତାବନୀ ଦେଇ ଏଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ତେବେ ଜିଲାପାଳ ଡ. ଜ୍ଞାନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଡେପୁଟି କଲେକ୍ଟର ଧାରଣାରେ ବସିଥିବା ସାଳନ୍ଦୀ ବିକାଶ ମଂଚର କର୍ମକର୍ତ୍ତା ଓ ଚାଷୀ ପ୍ରତିନିଧିମାନଙ୍କ ସହ ଆଲୋଚନା ସନ୍ଧ୍ୟା ୫ଟା ସୁଦ୍ଧା ପାଣି ଛଡାଯିବାର ଦୃଢ ପ୍ରତିଶ୍ରୁତି ଦେବା ସହ ସ୍ମାରକପତ୍ର ଗ୍ରହଣ କରିଥଲେ।

# ନୂଆପଡ଼ା ତିଖାଲିରେ ପହଂଚି ଲୋୟର ଇନ୍ଦ୍ର ଜଳ ପ୍ରକଳ୍ପକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଦିନ ନୂଆପଡା ଜିଲ୍ଲାରେ ପହଂଚିଛନ୍ତି । । ପ୍ରଥମେ ଗୌତମା ଏୟାରଷ୍ଟ୍ରିପରେ ପହଂଚିବା ପରେ ସେଠାରୁ ନୂଆପଡ଼ା ତିଖାଲିରେ ପହଂଚି ବହୁ ପ୍ରତିକ୍ଷିତ ଲୋୟର ଇନ୍ଦ୍ର ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ସେ ତିଖାଲି ଡ୍ୟାମ ସାଇଡ଼ରେ ପହଂଚି ଡ୍ୟାକମୁ ଲୋକାର୍ପଣ କରିଛନ୍ତି। ଡ୍ୟାମ ସୁଇଚ ଦବାଇ ମୁଖ୍ୟମନ୍ତ୍ରୀ ତିଖାଲି ଡ୍ୟାମ୍ ଲୋକାର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo